

# ଜଗନ୍ନାଥ ଏକ୍ସପ୍ରେସ୍
JAGANNATH EXPRESS



RNI Regn No- ODIODI/2014/57766.

ବର୍ଷ- ୧୧ ସଂଖ୍ୟା-୧୩୭ ଭୁବନେଶ୍ୱର ଗୁରୁବାର, ଜାନୁୟାରୀ ୩୦.୨୦୨୫ ପୃଷ୍ଠା - ୮ ମୂଲ୍ୟ : ୨.୦୦/- Vol.11 . No.137 Bhubaneswar, Thursday, January 30, 2025


## ଆଜିଠୁ ରାଜ୍ୟରେ ଟାଇଁ ଟାଇଁ ଖରା



ଭୁବନେଶ୍ୱର, ୨୯/୧: ମାଘ ମାସ ଆହୁରି ୧୫ଦିନ ପରେ ସରିବ। କିନ୍ତୁ ମାଘମାସରେ ଶୀତ କି ଜାଡ଼ ନାହିଁ। କୋରାପୁଟ, କନ୍ଧମାଳ, ମୟୂରଭଂଜ ଓ ସୁନ୍ଦରଗଡ଼ ଜିଲ୍ଲାର କିଛି ସ୍ଥାନରେ ସାମାନ୍ୟ ଥଣ୍ଡା ଅନୁଭୂତ ହେଉଥିବା ବେଳେ ରାଜ୍ୟରେ ବର୍ତ୍ତମାନ ଶୀତ ଗାୟବ ହୋଇଯାଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ଆସନ୍ତାକାଲି ଠାରୁ ଆଉ ଶୀତ ଅନୁଭୂତ ହେବ ନାହିଁ। ଶୀତର ସ୍ଥାନ ନେବ ଟାଇଁଟାଇଁ ଖରା। ସପ୍ତାହେ ଯାଏ ଗରମର ଅନୁଭୂତି ସହ ଖରାରୁ ତ୍ରାହି ନାହିଁ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ପୂର୍ବାନୁମାନ ଅନୁସାରେ ରାଜ୍ୟରେ ଆସନ୍ତାକାଲିଠାରୁ ଟାଇଁଟାଇଁ ଖରା ହେବାକୁ ଥିବା ବେଳେ ସବୁଠି ପାରଦ ବଢ଼ିବ। ଏବେ ସବୁଆଡ଼େ ଗରମର ଅନୁଭୂତି ହେବ। ତାପମାତ୍ରା ସ୍ୱାଭାବିକ ଠାରୁ ୨ ରୁ ୪ ଡିଗ୍ରି ପର୍ଯ୍ୟନ୍ତ ବୃଦ୍ଧି ପାଇଛି। ଆଗାମୀ ୪ ରୁ ୫ ଦିନ ଯାଏଁ ଦିନ ଏବଂ ରାତ୍ରି ତାପମାତ୍ରା ଅଧିକା ରହିବ। ଆଜି ରାଜ୍ୟର ଅଧିକାଂଶ ସହରରେ ତାପମାତ୍ରା ବଢିଛି। କିଛି ସ୍ଥାନରେ ଗରମ ଅନୁଭୁବ ହୋଇଛି।ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି ଯେ, ତାପମାତ୍ରା ବୃଦ୍ଧି ସହ ଆସନ୍ତା ୪୮ ଘଣ୍ଟା ଯାଏ ଘନ କୁହୁଡ଼ି ଅସ୍ତବ୍ୟସ୍ତ କରିବ। ଆଗାମୀ ୫ରୁ ୭ ଦିନ ଯାଏଁ ପାଗ ମୁଖ୍ୟତ ଶୁଖିଲା ରହିବା ସହ ରାତ୍ରି ତାପମାତ୍ରାରେ କୌଣସି ପରିବର୍ତ୍ତନ ଦେଖିବାକୁ ମିଳିବନାହିଁ। ଆଭ୍ୟନ୍ତରୀଣ ଓଡ଼ିଶାରେ ତାପମାତ୍ରାରେ ବୃଦ୍ଧି ଦେଖିବାକୁ ମିଳିବ। ଉପକୂଳ ଓଡ଼ିଶାରେ ତାପମାତ୍ରାରେ କୌଣସି ପରିବର୍ତ୍ତନ ଦେଖିବାକୁ ମିଳିନାହିଁ। ୪୮ ଘଣ୍ଟା ପାଇଁ ଘନ କୁହୁଡିର ୟେଲୋ ଆଲର୍ଟ ଜାରି ହୋଇଛି। ପାଣିପାଗ ବିଭାଗ ଆସନ୍ତା ୨୪ ଘଣ୍ଟା ପାଇଁ ୨୪ ଜିଲ୍ଲାରେ ଘନ କୁହୁଡ଼ିକୁ ନେଇ ୟେଲୋ ୱାର୍ଣ୍ଣିଂ ଜାରି କରିଛି। ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି ଗଂଜାମ, କନ୍ଧମାଳ, ନୟାଗଡ଼, ଖୋର୍ଦ୍ଧା, ପୁରୀ, ଜଗତସିଂହପୁର, କେନ୍ଦ୍ରାପଡା, କଟକ, ଢେଙ୍କାନାଳ, ଅନୁଗୁଳ, ଯାଜପୁର ଦେଓଗଡ଼, ସମ୍ବଲପୁର ଓ କେନ୍ଦୁଝର ଜିଲ୍ଲାକୁ ସତର୍କ କରାଇଛି ବିଭାଗ। ସେହିପରି ଆସନ୍ତାକାଲି ଗଂଜାମ, ଗଜପତି, ନୟାଗଡ, ଖୋର୍ଦ୍ଧା, ପୁରୀ, କଟକ, କେନ୍ଦ୍ରାପଡା, ଅନୁଗୁଳ, ଜଗତସିଂହପୁର,କେନ୍ଦୁଝର ଓ ମୟୂରଭଂଜ ଏହି ୧୧ ଜିଲ୍ଲାକୁ ଘନ କୁହୁଡି ପାଇଁ ୟେଲୋ ବର୍ଣ୍ଣିଙ୍ଗ ଜାରି ହୋଇଛି। ୩୧ ତାରିଖରେ ହାଲୁକାରୁ ମଧ୍ୟମଧରଣର କୁହୁଡ଼ି ଉପକୂଳ ଓଡିଶାରେ ଦେଖିବାକୁ ମିଳିବ। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି, ଗତ ୨୪ ଘଣ୍ଟାରେ ୧୦ଟି ଅଞ୍ଚଳରେ ଘନ କୁହୁଡି ସହ କିଛି କିଛି ସ୍ଥାନରେ ହାଲୁକାରୁ ମଧ୍ୟମଧରଣର କୁହୁଡି ଦେଖିବାକୁ ମିଳିଥିଲା। ଗତ ୨୪ ଘଣ୍ଟା ମଧ୍ୟରେ ବରଗଡରେ ସର୍ବାଧିକ ୩୩ ଡିଗ୍ରି ତାପମାତ୍ରା ରେକର୍ଡ କରାଯାଇଥିବା ବେଳେ ରାଉରକେଲାରେ ପାରା ସର୍ବନିମ୍ନ ୧୦.୦ ଡିଗ୍ରି ଥିଲା। ଜି ଉଦୟଗିରିରେ ସର୍ବନିମ୍ନ ତାପମାତ୍ରା ୯.୬ ଡିଗ୍ରି ରେକର୍ଡ ହୋଇଛି। ଏହାସହ ଗତ ୨୪ ଘଂଟାରେ ଅନୁଗୁଳ କୋରାପୁଟ ଓ ନୟାଗଡରେ ଅତ୍ୟଧିକ ଘନ କୁହୁଡି ସହ ଚାନ୍ଦବାଲି ,କଟକ କେନ୍ଦୁଝର କେନ୍ଦ୍ରାପଡା ଭୁବନେଶ୍ୱର ଫୁଲବାଣୀ ଓ ଜଗତସିଂହପୁରରେ ଘନ କୁହୁଡି ଦୃଶ୍ୟମାନ ହୋଇଥିଲା।

# ରାଜ୍ୟରେ ପ୍ରତିଷ୍ଠା ହେବ ସ୍ୱତନ୍ତ୍ର ମହିଳା ଶିଳ୍ପ ପାର୍କ

ଭୁବନେଶ୍ୱର, ୨୯/୧: ଜୀବନର ଯେକୌଣସି କ୍ଷେତ୍ରରେ ସଫଳ ମହିଳାମାନଙ୍କୁ ସେମାନଙ୍କ ପୁରୁଷ ପ୍ରତିପକ୍ଷଙ୍କ ସହିତ ସମକକ୍ଷ ହେବା ଆନନ୍ଦର ବିଷୟ ବୋଲି ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ କୃଷି କ୍ଷେତ୍ରରେ କାମ କରିବା ଠାରୁ ଆରମ୍ଭ କରି କେବଳ ଯାତ୍ରୀବାହୀ ବିମାନ ନୁହେଁ ବରଂ ଯୁଦ୍ଧ ବିମାନ ଉଡ଼ାଇବା, ମହାକାଶକୁ ରକେଟ୍ ଉଡ଼ାଇବା, କ୍ରୀଡ଼ା କ୍ଷେତ୍ର ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ମହିଳାମାନେ ପ୍ରମାଣ କରିଛନ୍ତି ଯେ ପୁରୁଷମାନେ ଯାହା କରିପାରିବେ ମହିଳାମାନେ ମଧ୍ୟ ତାହା କରିପାରିବେ। ମହିଳାମାନଙ୍କ ମଧ୍ୟରେ ଥିବା କ୍ଷମତା କିମ୍ବା ପ୍ରତିଭା ବିଷୟରେ କେବେ ସନ୍ଦେହ ନଥିଲା। ଏକମାତ୍ର ଅଭାବ ହେଉଛି ସଠିକ୍ 'ସୁଯୋଗ'। ମହିଳାମାନେ ବର୍ତ୍ତମାନ ପ୍ରଯୁକ୍ତିବିଦ୍ୟା ଏବଂ ଅର୍ଥନୀତି ଠାରୁ ଉତ୍ପାଦନ ଏବଂ ନବସୃଜନ ଶକ୍ତି ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ଅଗ୍ରଣୀ ଅଛନ୍ତି। ସଠିକ୍ ସୁଯୋଗ ମିଳିଲେ, ସେମାନେ କାମ କରିବାକୁ ବାଛିଥିବା ଯେକୌଣସି କ୍ଷେତ୍ରରେ ଆଶ୍ଚର୍ଯ୍ୟଜନକ କାର୍ଯ୍ୟ କରିପାରିବେ। ନିର୍ମଳା ସୀତାରମଣ କେନ୍ଦ୍ର ଅର୍ଥମନ୍ତ୍ରୀ ଭାବେ ତାଙ୍କର ୮ମ ଲଗାତାର ବଜେଟ୍ ଉପସ୍ଥାପନ କରିବାକୁ ଯାଉଛନ୍ତି ଯାହା ଏକ ରେକର୍ଡ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କର ମହିଳାମାନଙ୍କ କ୍ଷମତା ଏବଂ ପ୍ରତିଭା ଉପରେ ଥିବା ବିଶ୍ୱାସକୁ ଏହା ଦର୍ଶାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ରାଜ୍ୟରେ ମହିଳା ଉଦ୍ୟୋଗୀମାନଙ୍କୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ରାଜ୍ୟରେ ଗୋଟିଏ ସ୍ୱତନ୍ତ୍ର ମହିଳା ଶିଳ୍ପ ପାର୍କ ଏବଂ ଇପିକଲରେ ମହିଳା ଉଦ୍ୟୋଗୀଙ୍କ ପାଇଁ ଏକ ସ୍ୱତନ୍ତ୍ର ସେଲ ପ୍ରତିଷ୍ଠା ହେବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ଆଜି ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା ସମ୍ମିଳନୀ ୨୦୨୫ର ଦ୍ୱିତୀୟ ଦିବସରେ ମହିଳା ଉଦ୍ୟୋଗୀମାନଙ୍କ ଆଲୋଚନାଚକ୍ରରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଆହୁରି କହିଲେ ଯେ



ଶିକ୍ଷା ହେଉଛି ମହିଳା ସଶକ୍ତୀକରଣର ଚାବିକାଠି। ଆଗାମୀ ବର୍ଷଗୁଡ଼ିକରେ, ମହିଳାମାନଙ୍କୁ ଉଦ୍ୟୋଗୀ ସଫଳତା ପାଇଁ ଆବଶ୍ୟକ ଦକ୍ଷତା ଏବଂ ଜ୍ଞାନ ପ୍ରଦାନ ପାଇଁ ବିଶେଷ କାର୍ଯ୍ୟକ୍ରମ ଗ୍ରହଣ କରାଯିବ। ବିଶ୍ୱବିଦ୍ୟାଳୟ ଏବଂ ବ୍ୟବସାୟିକ ବିଦ୍ୟାଳୟ ସହିତ ସହଯୋଗ କରି ଶିକ୍ଷାଗତ ଏବଂ ବ୍ୟବହାରିକ ବ୍ୟବସାୟ ଅଭିଜ୍ଞତା ପ୍ରଦାନ କରୁଥିବା ଛାତ୍ରବୃତ୍ତି, ଇଣ୍ଟର୍ନସିପ୍ ଏବଂ ନେତୃତ୍ୱ କାର୍ଯ୍ୟକ୍ରମ ପ୍ରଦାନ କରାଯିବ। ରାଜ୍ୟ ସରକାର ଏକ ଜେଣ୍ଡର-ବଜେଟିଂ ପ୍ରସ୍ତୁତ କରୁଛନ୍ତି। ଚଳିତ ବଜେଟରେ, ରାଜ୍ୟର ମୋଟ ବଜେଟ ବ୍ୟବସ୍ଥା ମଧ୍ୟରୁ ୭୫ ହଜାର ୬୨୩ କୋଟି ଟଙ୍କା ଅର୍ଥାତ ମୋଟ ବଜେଟ୍ ଖର୍ଚ୍ଚର ୨୮.୫ ପ୍ରତିଶତ କେବଳ ରାଜ୍ୟର ମହିଳାମାନଙ୍କ ପାଇଁ ଖର୍ଚ୍ଚ କରିବା ପାଇଁ ସ୍ଥିର ହୋଇଛି। ଓଡ଼ିଶାର ମହିଳାମାନଙ୍କୁ ସଶକ୍ତ କରିବା ପାଇଁ ସୁଭଦ୍ରା ଯୋଜନା ଏକ ଯୁଗାନ୍ତକାରୀ କାର୍ଯ୍ୟକ୍ରମ। ଏହା ସେମାନଙ୍କୁ କ୍ଷୁଦ୍ର ବ୍ୟବସାୟ ଆରମ୍ଭ କରିବାରେ ସାହାଯ୍ୟ କରିବା ପାଇଁ ଆବଶ୍ୟକୀୟ ପାଣ୍ଠି ସୁବିଧା ଯୋଗାଇଦେବ। ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନରେ ମହିଳାମାନଙ୍କ ଯୋଗଦାନକୁ ସୁନିଶ୍ଚିତ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ମହିଳା ଉଦ୍ୟୋଗୀଙ୍କ ଅର୍ଥନୈତିକ ନେତୃତ୍ୱରେ ବିକଶିତ ଓଡ଼ିଶାର ସ୍ୱପ୍ନ ସାକାର ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଭାରତ ତଥା ବିଦେଶ ର ପ୍ରମୁଖ ମହିଳା ଉଦ୍ୟୋଗୀ ଡାଏନା ପିଟୋ, ଧରିତ୍ରୀ ପଟ୍ଟନାୟକ, ସ୍ୱିକୃତି ପଟ୍ଟନାୟକ, ସ୍ମିତା ଅଗ୍ରୱାଲ, ପ୍ରୀତି ବଜାଜ୍ ପ୍ରମୁଖଙ୍କ ସଂଘର୍ଷ ଓ ସଫଳତାର କାହାଣୀ ଶୁଣି ଭୂୟସୀ ପ୍ରଶଂସା କରିଥିଲେ। ଓଡ଼ିଶାକୁ ଶିଳ୍ପସମୃଦ୍ଧ ରାଜ୍ୟ ରୂପେ ଗଢ଼ିବା ପାଇଁ ମହିଳା ଉଦ୍ୟୋଗୀମାନଙ୍କର ପ୍ରମୁଖ ଯୋଗଦାନ ରହିବ ଏବଂ ସେଥି ପାଇଁ ଆବଶ୍ୟକୀୟ ପଦକ୍ଷେପ ସରକାର ଗ୍ରହଣ କରିବେ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ।

## ମହାକୁମ୍ଭରେ ମହାଅଘଟଣ: ଦଳାଚକଟାରେ ୧୦ ମୃତ ଆଶଙ୍କା, ଶତାଧିକ ଆହତ



ପ୍ରୟାଗରାଜ, ୨୯/୧: ପ୍ରୟାଗରାଜ ମହାକୁମ୍ଭରେ ଦଳାଚକଟା । ଅଧିକ ଭିଡ କାରଣରୁ ଦଳାଚକଟା । ଦଳାଚକଟାରେ ୧୦ରୁ ଅଧିକ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ହୋଇଥିବା ବେଳେ ଶତାଧିକ ଲୋକ ଆହତ ହୋଇଥିବା ସୂଚନା ମିଳିଛି । ସମସ୍ତ ଆହତଙ୍କୁ ପ୍ରୟାଗରାଜ ମେଡିକାଲରେ ଭର୍ତ୍ତି କରାଯାଇଛି । ତେବେ ତ୍ରିବେଣୀ ସଂଗମରେ ବୁଡ ପକାଇବା ବେଳେ ଏହି ଦଳାଚକଟା ହୋଇଛି । ମୌନୀ ଅମାବାସ୍ୟା ପାଇଁ ମହାକୁମ୍ଭରେ ଶ୍ରଦ୍ଧାଳୁଙ୍କ ଭିଡ ଲାଗିଥିଲା ଏବଂ ଏହି ଭିଡ ପାଇଁ ହିଁ ଏପରି ଅଘଟଣ ଘଟିଛି । ସେପଟେ ଅଘଟଣ ପରେ ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ସହ କଥା ହୋଇଛନ୍ତି ପ୍ରଧାନମନ୍ତ୍ରୀ ମୋଦି । ସ୍ଥିତି ସମ୍ପର୍କରେ ପଚାରି ବୁଝି ସବୁ ସହାୟତା ଦେବାକୁ କହିଛନ୍ତି । ଏଥିସହ ଯୋଗୀଙ୍କ ସହ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ଏବଂ ଜେ.ପି ନଡ୍ଡା ମଧ୍ୟ କଥା ହୋଇଛନ୍ତି ।

## କେନ୍ଦୁଝରରେ ହେବ ଷ୍ଟିଲ୍ ପ୍ଲାଣ୍ଟ



ଭୁବନେଶ୍ୱର, ୨୯/୧: ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା କନ୍କ୍ଲେଭ ୨୦୨୫ର ପ୍ରଥମ ଦିନରେ ରାଜ୍ୟକୁ ପୁଞ୍ଜିନିବେଶର ସୁଅ ଛୁଟିଛି। ପ୍ରଥମ ଦିନରେ ୫୪ଟି ସଂସ୍ଥା ସହିତ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହା ମାଧ୍ୟମରେ ରାଜ୍ୟକୁ ୪ ଲକ୍ଷ ୫୦ ହଜାର କୋଟିର ପୁଞ୍ଜିନିବେଶ ଆସିବ। ଗୋଟିଏ ଦିନରେ ଏତେ ସଂଖ୍ୟକ ଏମ୍‌ଓୟୁ ରାଜ୍ୟ ପାଇଁ ଐତିହାସିକ ସଫଳତା। ରାଜ୍ୟରେ ଆଦାନୀ ଗ୍ରୁପ୍ ସର୍ବାଧିକ ୨ ଲକ୍ଷ ୨୮ ହଜାର କୋଟି, ବେଦାନ୍ତ ୧ ଲକ୍ଷ କୋଟି, ଜେଏସ୍‌ଡବ୍ଲୁ ୭୫ ହଜାର କୋଟି, ଜେଏସ୍‌ପିଏଲ୍ ୭୦ ହଜାର କୋଟିର ନିବେଶ ପ୍ରସ୍ତାବ ଦେଇଥିବା ସୂଚନା ମିଳିଛି। ରାଜ୍ୟ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା କନ୍କ୍ଲେଭକୁ ଐତିହାସିକ ଏବଂ ଯୁଗାନ୍ତକାରୀ ବୋଲି କହିଛନ୍ତି। ୨୯ ତାରିଖରେ ଏହି ସଂଖ୍ୟା ଆହୁରି ବଢ଼ିବ। ଓଡ଼ିଶାକୁ ସମୃଦ୍ଧ କରିବାରେ ଏହା ସହାୟକ ହେବ। ମନ୍ତ୍ରୀ କହିଛନ୍ତି ଯେ ଜେଏସ୍‌ଡବ୍ଲୁ ରାଜ୍ୟ ସରକାରଙ୍କ ସହିତ ଯେଉଁ ୭୫ ହଜାର କୋଟିର ଏମ୍‌ଓୟୁ ସ୍ୱାକ୍ଷର କରିଛି; ସେଥିରେ କେନ୍ଦୁଝରରେ ଏକ ମେଗା ଇସ୍ପାତ କାରଖାନା ସ୍ଥାପନ ହେବ। ପୋସ୍କୋ ସହ ଯୌଥ ଉଦ୍ୟୋଗରେ ଜେଏସ୍‌ଡବ୍ଲୁ ଏହି ଇସ୍ପାତ କାରଖାନା କରିବ। ସେହିଭଳି ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ସୂଚନା ଦେଇ କହିଛନ୍ତି ଯେ କେନ୍ଦୁଝରରେ ବାର୍ଷିକ ୫ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ଇସ୍ପାତ କାରଖାନା ସ୍ଥାପନ ପାଇଁ ଜେଏସ୍‌ଡବ୍ଲୁ ଗ୍ରୁପ୍ ସହ ଏମ୍‌ଓୟୁ ହୋଇଛି। ସେହିଭଳି ବିର୍ଲା ଗ୍ରୁପ କପର୍ ଫଏଲ୍ ପ୍ଲାଣ୍ଟ ସ୍ଥାପନ ପାଇଁ ଏମ୍‌ଓୟୁ ସ୍ୱାକ୍ଷର କରିଛି। ଏହାଛଡ଼ା ୧୦୦ରୁ ଅଧିକ କଂପାନି ରାଜ୍ୟରେ ପୁଞ୍ଜିନିବେଶ ପାଇଁ ଆଗ୍ରହ ଦେଖାଇଛନ୍ତି। ଜେଏସ୍‌ପିଏଲ୍ ଅଧକ୍ଷ ନବୀନ ଜିନ୍ଦଲ ମଧ୍ୟ କେନ୍ଦୁଝରରେ ଷ୍ଟିଲ୍‌ପ୍ଲାଣ୍ଟ ବସାଇବାକୁ ଇଚ୍ଛା ପ୍ରକାଶ କରିଛନ୍ତି। କନ୍କ୍ଲେଭରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୧୦୦ରୁ ଅଧିକ ପ୍ରତିଷ୍ଠିତ କମ୍ପାନିର ସିଇଓଙ୍କ ସହିତ ଆଲୋଚନା କରିଛନ୍ତି। ବୈଠକରେ ଇସ୍ପାତ, ଗ୍ରିନ୍ ଏନର୍ଜି, ଗ୍ରିନ୍ ଆମୋନିଆ, ଗ୍ରିନ୍ ହାଇଡ୍ରୋଜେନ, ଅକ୍ଷୟ ଶକ୍ତି, କେମିକାଲ୍ସ, ସେମିକଣ୍ଡକ୍ଟର, ଆଇଟି, ସିମେଣ୍ଟ ଭଳି କ୍ଷେତ୍ରର କମ୍ପାନିର ସିଇଓମାନେ ଅଂଶଗ୍ରହଣ କରିଥିଲେ। ଏହି ବୈଠକରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଓଡ଼ିଶାରେ ପୁଞ୍ଜିନିବେଶ ପାଇଁ ବର୍ତ୍ତମାନ ପ୍ରକୃଷ୍ଟ ସମୟ। ଆଜିର ସମୟରେ ଓଡ଼ିଶାର ଜିଡିପି ଦେଶରେ ସର୍ବୋଚ୍ଚ ସ୍ତରରେ ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜିର ଏହି କାର୍ଯ୍ୟକ୍ରମକୁ ନେଇ ବହୁ ଉତ୍ସାହିତ ଥିଲେ। ଓଡ଼ିଶା ଉପରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଆଶୀର୍ବାଦ ରହିଛି ଏବଂ ପ୍ରଧାନମନ୍ତ୍ରୀଙ୍କର ଓଡ଼ିଶା ପ୍ରତି ସମର୍ଥନ ରହିଛି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏହା ମଧ୍ୟ କହିଥିଲେ ଯେ ଓଡ଼ିଶାର ପ୍ରତି ଜିଲ୍ଲାରେ ଆମେ ଗୋଟିଏରୁ ଦୁଇଟି ଶିଳ୍ପ ପ୍ରତିଷ୍ଠା ପାଇଁ ଲକ୍ଷ୍ୟ ରଖିଛୁ। ଏଥିପାଇଁ ଆମେ ଭିତ୍ତିଭୂମି ବିକାଶ କରୁଛୁ। ରାଜ୍ୟରେ ରେଳପଥ,ସଡ଼କପଥ ଓ ବନ୍ଦର କ୍ଷେତ୍ରର ବିକାଶ କରାଯାଉଛି। ଯଦ୍ଦ୍ୱାରା କି ଆଜି ମାଲକାନଗିରି ଭଳି ସୀମାନ୍ତ ଅଞ୍ଚଳରେ ମଧ୍ୟ ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା ହେବାକୁ ଯାଉଛି। ଏହା ସମ୍ପୃକ୍ତ ଅଞ୍ଚଳଗୁଡିକର ଆର୍ଥିକ ଅଭିବୃଦ୍ଧିରେ ସହାୟକ ହେବା ସହିତ ଯୁବବର୍ଗଙ୍କୁ ବ୍ୟାପକ ନିଯୁକ୍ତି ପ୍ରଦାନ କରିବ।

# ଉତ୍କର୍ଷ ଓଡ଼ିଶାରେ ୧୪୫ ଏମ୍‌ଓୟୁ ସ୍ୱାକ୍ଷରିତ

ଭୁବନେଶ୍ୱର, ୨୯/୧: ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା କନ୍କ୍ଲେଭ୍-୨୦୨୫ ସମ୍ମିଳନୀରେ ଦୁଇଦିନରେ ୧୨ ଲକ୍ଷ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ପୁଞ୍ଜି ନିବେଶ ପାଇଁ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଭୁବନେଶ୍ୱରର ଜନତା ମଇଦାନରେ ଗତକାଲି ଠାରୁ ଆରମ୍ଭ ହୋଇଥିବା ଏହି ଦୁଇ ଦିନିଆ ଶିଳ୍ପ ସମ୍ମିଳନୀରେ ଷ୍ଟାର୍ଟଅପ୍ ଓଡ଼ିଶା, ସ୍କିଲ୍ଡ ଇନ୍ ଓଡ଼ିଶା ଓ ମହିଳା ଉଦ୍ୟମିତା ଉପରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏହା ବ୍ୟତୀତ ସିଇଓ ରାଉଣ୍ଡ୍‌ଟେବୁଲ୍, ମହିଳା ନେତୃତ୍ୱ ରାଉଣ୍ଡ୍‌ଟେବୁଲ୍ ଓ ଏଡିଟର୍ସ ରାଉଣ୍ଡ୍‌ଟେବୁଲ୍ ଅନୁଷ୍ଠିତ ହୋଇଛି। କନ୍କ୍ଲେଭ୍‌ର ପ୍ରଥମ ଦିନରେ ୫ଟି ଓ ଦ୍ୱିତୀୟ ଦିନରେ ୧୦ଟି ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏହି ସମ୍ମିଳନୀରେ ୧୪୫ଟି ବୁଝାମଣାପତ୍ର



ସ୍ୱାକ୍ଷରିତ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ସନ୍ଧ୍ୟାରେ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ଉତ୍କର୍ଷ ଓଡ଼ିଶା ସମ୍ମିଳନୀ ପୂର୍ବରୁ ଦୁଇ ଦିନ ପାଇଁ ଧାର୍ଯ୍ୟ ହୋଇଥିଲା। କିନ୍ତୁ ସରକାର ସାଧାରଣ ଲୋକଙ୍କ ପାଇଁ ଆଉ ଦୁଇଦିନ ବୃଦ୍ଧି କରିଛନ୍ତି। ଜନସାଧାରଣ ଆସନ୍ତାକାଲି (ଗୁରୁବାର) ସହ ଜାନୁଆରି ୩୧ ପର୍ଯ୍ୟନ୍ତ ଜନତା ମଇଦାନରେ 'ଉତ୍କର୍ଷ ଓଡ଼ିଶା' ସମ୍ମିଳନୀର ପଦର୍ଶନୀ ବୁଲିପାରିବେ। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଉତ୍କର୍ଷ ଓଡ଼ିଶା କନକ୍ଲେଭରେ ୧୪୫ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହା ଦ୍ୱାରା ରାଜ୍ୟକୁ ୧୨ ଲକ୍ଷ ୮୯ ହଜାର କୋଟି ପୁଞ୍ଜି ନିବେଶ ପ୍ରସ୍ତାବ ଆସିଛି। ଏହା ଦ୍ୱାରା ୧୨ ଲକ୍ଷ ୮୮ ହଜାର ନିଯୁକ୍ତି ସମ୍ଭାବନା ସୃଷ୍ଟି ହୋଇଛି। କେମିକାଲ୍ସ, ପେଟ୍ରୋ କେମିକାଲ୍ସ, ମାଇନ୍ସ, ବୟନ, ପର୍ଯ୍ୟଟନ, ଆଇଟି, ଖାଦ୍ୟ ପ୍ରକ୍ରିୟାକରଣ, କ୍ଷେତ୍ରରେ ପୁଞ୍ଜି ଆସିବ। ୧୬ଟି ଦେଶର ପ୍ରତିନିଧି ଏହି ସମ୍ମିଳନୀରେ ସାମିଲ ହେବା ଆମ ପାଇଁ ବଡ଼ ସଫଳତା। ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ସ୍ୱପ୍ନ ସାକାର କରିବୁ। ୨୦୪୭ ସୁଦ୍ଧା ବିକଶିତ ଭାରତ ନିର୍ମାଣରେ ଭାଗିଦାରିତା ନିଭାଇବୁ। ସମ୍ମିଳନୀକୁ ଉଦ୍‌ଘାଟନ କରି ପ୍ରଧାନମନ୍ତ୍ରୀ ମୋଦୀ ଗତକାଲି କହିଥିଲେ, ଖୁବ୍ ଶୀଘ୍ର ବିକାଶର ଶିଖର ଛୁଇଁବ ଓଡ଼ିଶା। ଓଡ଼ିଶା ସଶକ୍ତ ଓ ସମୃଦ୍ଧ ହେବ। ଭାରତକୁ ବୁଝିବା ପାଇଁ ଓଡ଼ିଶା ହେଉଛି ପ୍ରକୃଷ୍ଟ ସ୍ଥାନ। ଓଡ଼ିଶା ଦେଶର ଅଗ୍ରଣୀ ରାଜ୍ୟରେ ପରିଣତ ହେବ। ଓଡ଼ିଶା ଖୁବ୍ ଶୀଘ୍ର ସେଭଳି ଶୀର୍ଷରେ ପହଞ୍ଚିବ, ଯାହାର କେହି କଳ୍ପନା କରିନାହାନ୍ତି। ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଓ ୨୦୪୭ ସୁଦ୍ଧା ବିକଶିତ ଭାରତକୁ ନଜରରେ ରଖି ଉତ୍କର୍ଷ ଓଡ଼ିଶା କନ୍କ୍ଲେଭ୍ ପ୍ରସ୍ତୁତ କରାଯାଇଛି। ରାଜ୍ୟର ନିବେଶ ସମ୍ଭାବନା କ୍ଷେତ୍ରଗୁଡ଼ିକୁ ସେଥିରେ ପ୍ରଦର୍ଶିତ କରାଯାଇଛି। ପାରମ୍ପରିକ ଧାତବ, ଖଣି ଓ ଖଣିଜ କ୍ଷେତ୍ର ବ୍ୟତୀତ ଏଥିରେ ବୟନ, ପେଟ୍ରୋକେମିକାଲ୍‌ସ, ଅକ୍ଷୟ ଶକ୍ତି, ସବୁଜ ଇନ୍ଧନ ଓ ସର୍କୁଲାର ଅର୍ଥନୀତି ଉପରେ ବିଶେଷ ଜୋର ଦିଆଯାଉଛି। ଜାନୁଆରି ୩୧ ଯାଏଁ ମେକ୍ ଇନ୍ ଓଡ଼ିଶା ଏକ୍ସପୋ ସାଧାରଣ ଜନତାଙ୍କ ପରିଦର୍ଶନ ପାଇଁ ଖୋଲାଯିବ।

# ମଧ୍ୟାହ୍ନଭୋଜନକୁ ଅଣ୍ଡା ବୋଝ

## ଅଣ୍ଡା ଗୋଟା ୮ ଟଙ୍କା, ପିଲା ପିଛା ମିଳୁଛି ୫ ଟଙ୍କା



ଭୁବନେଶ୍ୱର,୨୯/୧: ମଧ୍ୟାହ୍ନ ଭୋଜନରେ ଅଣ୍ଡା ଗୋଟାକୁ ରାଜ୍ୟ ସରକାର ୫ ଟଙ୍କା ଦେଉଛନ୍ତି। ମାତ୍ର ବଜାରରେ ଅଣ୍ଡା ପିଛା ଦର ଏବେ ୭ରୁ ୮ ଟଙ୍କା। ଯଦି ସେଥିରୁ କିଛି ପଚା ବାହାରୁଛି ଅଡୁଆ ହେଉଛି। ସପ୍ତାହର ଯେଉଁ ଦୁଇ ଦିନ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନଭୋଜନରେ ଅଣ୍ଡା ଖାଇବାକୁ ଦିଆଯାଉଛି ତାହାର ବୋଝ, ପରିଚାଳନା ଦାୟିତ୍ୱରେ ଥିବା ଶିକ୍ଷକଙ୍କ ଉପରେ ପଡୁଛି। ପିଲା ପିଛା ଗୋଟାଏ ଅଣ୍ଡା ଦେବାକୁ ପଇସା ଅଣ୍ଟୁନି। ତେଣୁ ବାଧ ହୋଇ କେତେକ ବିଦ୍ୟାଳୟରେ ଫାଳେ ଅଣ୍ଡାରେ ପିଲାଙ୍କୁ ସନ୍ତୁଷ୍ଟ କରିବାକୁ ପଡୁଛି। ଆଉ କିଛି ବିଦ୍ୟାଳୟ ଉପସ୍ଥାନ ଅଧିକ ଦେଖାଇ ଅଣ୍ଡା ବାବଦରେ ପଇସା ଆଣୁଛନ୍ତି। ଏଭଳି ସ୍ଥିତି କୌଣସି ଉପାନ୍ତ କିମ୍ବା ଅପହଞ୍ଚ ଅଞ୍ଚଳର ନୁହେଁ। ବରଂ ରାଜଧାନୀର ସରକାରୀ ଓ ଅନୁଦାନପ୍ରାପ୍ତ ବିଦ୍ୟାଳୟକୁ ଏବେ ଏମିତି ଅଣ୍ଡା ବୋଝ ପଡୁଛି। ନଭେମ୍ବର ମାସରେ ରାଜ୍ୟ ସରକାର ମଧ୍ୟାହ୍ନଭୋଜନ ଦର ବୃଦ୍ଧି କରିଥିଲେ ମଧ୍ୟ ତାହାର କୌଣସି ସୁଫଳ ରାଜଧାନୀର ବିଦ୍ୟାଳୟଗୁଡ଼ିକ ଉପରେ ପଡ଼ିନାହିଁ। ପୂର୍ବରୁ ଧାର୍ଯ୍ୟ ହୋଇଥିବା ଅର୍ଥ ହିଁ ଏବେ ମିଳୁଛି। ଯେଉଁଥିରେ ପିଲାଙ୍କୁ ସପ୍ତାହକୁ ଦୁଇଥର ଅଣ୍ଡା ସିଝେଇ ଦେବା ସମ୍ଭବପର ହେଉ ନ ଥିବା ଅଭିଯୋଗ ଉଠିଲାଣି। ରାଜ୍ୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଗ୍ରହଣ କରୁଥିବା ପିଲାଙ୍କ ପିଛା ୭ଟଙ୍କା ୬୪ ପଇସା ଓ ଷଷ୍ଠରୁ ଅଷ୍ଟମ ପର୍ଯ୍ୟନ୍ତ ପିଲାଙ୍କ ମଧ୍ୟାହ୍ନଭୋଜନ ବାବଦରେ ୧୦ ଟଙ୍କା ୯୪ ପଇସା ପ୍ରଦାନ କରାଯାଉଛି। ଏହାବ୍ୟତୀତ ସରକାରଙ୍କ ପକ୍ଷରୁ ମାଗଣାରେ ଚାଉଳ ଯୋଗାଣ ହେଉଛି। ତେବେ ଭୁବନେଶ୍ୱର ସହରରେ ଥିବା ସରକାରୀ ଓ ଅନୁଦାନପ୍ରାପ୍ତ ବିଦ୍ୟାଳୟକୁ ଅକ୍ଷୟ ପାତ୍ର ଫାଉଣ୍ଡେସନ ପକ୍ଷରୁ ଖାଦ୍ୟ ଯୋଗାଣ ହେଉଛି। ଫାଉଣ୍ଡେସନ ପକ୍ଷରୁ ପିଲାଙ୍କୁ ନିରାମିଷ ଖାଦ୍ୟ ଦିଆଯାଉଛି। ତେବେ ସରକାରଙ୍କ ନିୟମ ଅନୁଯାୟୀ ସପ୍ତାହରେ ଦୁଇଦିନ ପିଲାମାନଙ୍କୁ ଅଣ୍ଡା ଦିଆଯିବା ବାଧ୍ୟତାମୂଳକ। ସେହି ଅନୁଯାୟୀ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ପିଲାଙ୍କ ବାବଦରେ ମୋଟ ଅର୍ଥ ଅକ୍ଷୟ ପାତ୍ର ଫାଉଣ୍ଡେସନକୁ ଦିଆଯାଉଛି। ଏହାପରେ ଫାଉଣ୍ଡେସନ ପକ୍ଷରୁ ପିଲାଙ୍କ ପିଛା ୫ଟଙ୍କା ଲେଖାଏ ହିସାବରେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର ହେଉଛି। ସେହି ଅର୍ଥରେ ବିଦ୍ୟାଳୟ କର୍ତ୍ତୃପକ୍ଷ ବଜାରରୁ ଅଣ୍ଡା କିଣିବା ସହ ତାହାକୁ ସିଝାଇ ପିଲାଙ୍କୁ ଖାଇବାକୁ ଦେଉଛନ୍ତି। ଅକ୍ଷୟପାତ୍ର ଫାଉଣ୍ଡେସନ ଦେଉଥିବା ଖାଦ୍ୟ ବ୍ୟତୀତ ଅଣ୍ଡା ଅଲଗା ପରଷା ଯାଉଛି। ତେବେ ବଜାରରେ ଅଣ୍ଡା ଦର ବଢ଼ିଥିଲେ ମଧ୍ୟ ପୂର୍ବଭଳି ୫ ଟଙ୍କା ଲେଖାଏ ଦିଆଯାଉଥିବାରୁ ବିଦ୍ୟାଳୟ ପ୍ରଧାନଶିକ୍ଷକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ବିଭିନ୍ନ ବୈଠକରେ ଏନେଇ ସ୍ୱର ଉଠାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନି। କେତେଜଣ ପ୍ରଧାନଶିକ୍ଷକଙ୍କ କହିବା କଥା ହେଉଛି ଯେ ଅଣ୍ଡା ଦର ବୃଦ୍ଧି ମଧ୍ୟାହ୍ନଭୋଜନକୁ ବାଧୁଛି। କୋଭିଡ୍ ପୂର୍ବରୁ ଯେଉଁଠି ଅଣ୍ଡା ଗୋଟା ୪ରୁ ୫ ଟଙ୍କାରେ ମିଳୁଥିଲା ତାହା ଏବେ ୭ରୁ ୮ ଟଙ୍କାରେ ପହଞ୍ଚିଲାଣି। ହୋଲସେଲ୍ ବଜାରରେ ଅଣ୍ଡା ଟ୍ରେର ମୂଲ୍ୟ ଯେତିକି ରହିଛି ଖୁଚୁରା ବଜାରରୁ କିଣିଲେ ତାହାର ରେଟ୍ ଅଧିକ। ବିଦ୍ୟାଳୟରେ କମ୍ ପିଲା ଥିବାରୁ ଅଣ୍ଡା ଟ୍ରେ ବଦଳରେ ଖୁଚୁରା ବଜାରରୁ ଅଣ୍ଡା ଆଣୁଛୁ। ଗୋଟା ଅଣ୍ଡା କେଉଁଟି ୭ ଟଙ୍କା ୫୦ ତ ଆଉ କେଉଁଠି ୮ ଟଙ୍କାରେ କିଣିବାକୁ ପଡୁଛି। ପିଲା ପିଛା ଆମକୁ ୫ ଟଙ୍କା ମିଳୁଥିବା ବେଳେ କିଭଳି ୮ ଟଙ୍କା ଦେଇ କିଣିବୁ ତାହା ଜାଣିପାରୁ ନାହୁଁ। ଅଣ୍ଡା ଆଣିଲେ ବି ତାହାକୁ ସିଝାଇବାକୁ ଗ୍ୟାସର ଆବଶ୍ୟକତା ରହିଛି। ଏବାବଦରେ କୌଣସି ଅର୍ଥ ମିଳୁନାହିଁ। ଯଦି ସିଝା ଅଣ୍ଡା ବଜାରରୁ ଆଣିବାକୁ ହେଉଛି ତାହା ହେଲେ କଥା ସରିଲା। ଗୋଟାଏ ଅଣ୍ଡାକୁ ୧୦ ଟଙ୍କା ଲେଖାଏ ଗଣିବାକୁ ପଡୁଛି। ରାଜ୍ୟ ସରକାର ଏବିଷୟରେ ତୁରନ୍ତ ପଦକ୍ଷେପ ନେବାକୁ ସେମାନେ ଦାବି କରିଛନ୍ତି। ଗଣଶିକ୍ଷା ବିଭାଗର ଜଣେ ଅଧିକାରୀ କହିଛନ୍ତି ଯେ ୨୦୧୮ ବିଜ୍ଞପ୍ତି ଅନୁଯାୟୀ ପିଲାଙ୍କ ପିଛା ୫ ଟଙ୍କାର ବ୍ୟବସ୍ଥା ହୋଇଥିଲା। ୭ ବର୍ଷ ହେଲା କୌଣସି ସଂଶୋଧନ କରାଯାଇ ନାହିଁ। ସ୍କୁଲ ପରିଚାଳନାରେ ସମସ୍ୟା ହେଉଥିବା ନେଇ ଅଭିଯୋଗ ଆସିଛି। ବିଭିନ୍ନ ବୈ?ଠକରେ ଏନେଇ ପ୍ରଧାନଶିକ୍ଷକମାନେ ଦାବି ମଧ୍ୟ କରିଛନ୍ତି। ତେବେ ଚୂଡ଼ାନ୍ତ ନିଷ୍ପତ୍ତି ହୋଇପାରିନାହିଁ।

# ଆମ ଗାଁ ସାହିତ୍ୟ ସଂସଦ ପକ୍ଷରୁ ମାସିକ ସାହିତ୍ୟ ଆସର



ଜଗତସିଂହପୁର : ଜଗତସିଂହପୁର ଓଡ଼ିଆ ଭାଷା ଓ ସାହିତ୍ୟକୁ ଗାଁ ଗହଳିରେ ଉଜ୍ଜୀବିତ ଓ ପ୍ରାଣବନ୍ତ ରଖିବା ପ୍ରୟାସରେ ଆମ ଗାଁ ସାହିତ୍ୟ ସଂସଦର ପ୍ରତିଷ୍ଠାତା ସମ୍ପାଦକ ସାହିତ୍ୟିକ ଅଲେଖ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ପ୍ରଜ୍ଞା ପୀଠ ବାଲଂଶା ଠାରେ ଏକ ମାସିକ ସାହିତ୍ୟ ଆସର ଅନୁଷ୍ଠିତ ହୋଇଥିଲା କ୍ଷ 'ଗାଁ ରେ ସାହିତ୍ୟ ' ଶୀର୍ଷକ ଆଲୋଚନା ଚକ୍ରରେ ଅଧ୍ୟାପକ ଶାନ୍ତନୁ ମିଶ୍ର,ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ପ୍ରାକ୍ତନ ପ୍ରଧାନ ଶିକ୍ଷକ ସୁରେଶ ଚନ୍ଦ୍ର ରାଉତ,ଅବସରପ୍ରାପ୍ତ ଶିକ୍ଷକ ବନମାଳୀ ମହାରଣା,ରାଜକିଶୋର ସାହୁ, ରମାକାନ୍ତ ମିଶ୍ର,ଜଗଜ୍ଜୀବନ ରାଉତ,କୈଳାସ ସ୍ୱାଇଁ, ପ୍ରତିଭାରାଣୀ ରାୟ,ଶରତ ପଣ୍ଡା ଓ ବିଜନ ମହାପାତ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ କ୍ଷ ଏଥିସହିତ କବିତା ପାଠୋତ୍ସବ,ସାଙ୍ଗଠନିକ ଆଲୋଚନା ଓ ସଂସଦର ବାର୍ଷିକ ଉତ୍ସବ ମାର୍ଚ୍ଚ ୯ ରେ ଅନୁଷ୍ଠିତ ହେବାକୁ ଯାଉଥିବାରୁ ସମସ୍ତଙ୍କର ସହଯୋଗ କାମନା କରାଯାଇଥିଲା କ୍ଷ ଶେଷରେ ସନ୍ତୋଷ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# କେନ୍ଦୁଝରର ଜିଲ୍ଲାସ୍ତରୀୟ ବେଟୀ ବଚାଓ ବେଟୀ ପଢ଼ାଓ ୧୦ ବର୍ଷ ପୂର୍ତ୍ତି ଉପଲକ୍ଷେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ

କେନ୍ଦୁଝର :- କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାର ହଲଠାରେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ତରଫରୁ ବେଟୀ ବଚାଓ ବେଟୀ ପଢ଼ାଓ ଯୋଜନାର ୧୦ ବର୍ଷ ପୂର୍ତ୍ତି ଉପଲକ୍ଷେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟତିଥି ରୂପେ ଯୋଗଦେଇ ମାନ୍ୟବର ବିଧାୟକ ତେଲକୋଇ ଡାକ୍ତର ଫକୀର ମୋହନ ନାଏକ ଏକ ଦଶନ୍ଧି ତଳେ ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ମହୋଦୟ ନିଜ ଦୂରଦୃଷ୍ଟିସମ୍ପନ୍ନ ବିଚାର ବଳରେ ଯେଉଁ ଉଦ୍ଦେଶ୍ୟ ରଖି ବେଟୀ ବଚାଓ ବେଟୀ ପଢ଼ାଓ ଅଭିଯାନ ଆରମ୍ଭ କରିଥିଲେ ତାହା ଆଜି ଫଳବତୀ ହୋଇପାରିଛି ବୋଲି ମତବ୍ୟକ୍ତ କରିଥିଲେ । କନ୍ୟାରତ୍ନ ମାନଙ୍କ ଶିକ୍ଷା ଓ ସୁରକ୍ଷା ସୁନିଶ୍ଚିତ କରିବା ସହ ବାଲ୍ୟବିବାହ, କନ୍ୟାଭ୍ରୂଣ ହତ୍ୟା ଆଦି ରୋକିବା ପାଇଁ ସାମୁହିକ ପ୍ରୟାସ କରି ଲିଙ୍ଗଗତ ତାରତମ୍ୟ ହ୍ରାସ କରିବା ପାଇଁ ଆହ୍ୱାନ ଦେଇଥିଲେ ।ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥିରୂପେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମନ୍ଦରଧର ମହାଳିକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ମିତା ନାଏକ, ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ଶ୍ରୀ ବିଭୂତି ଭୂଷଣ ଦାଶ ପ୍ରମୁଖ ଉପସ୍ଥିତ ଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନିରୁପମା ସାହୁ ଅଧ୍ୟକ୍ଷତା କରିଥିବା ବେଳେ ଅତିଥି ମାନଙ୍କୁ ମଞ୍ଚକୁ ନିମନ୍ତ୍ରଣ ଓ କାର୍ଯ୍ୟକ୍ରମ ଆଭିମୁଖ୍ୟ ସମ୍ପର୍କରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ ବକ୍ତବ୍ୟ ରଖିଥିଲେ। ସକାଳେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମନ୍ଦରଧର ମହାଳିକ କନ୍ୟା ମାନଙ୍କ ସାଇକେଲ ଶୋଭାଯାତ୍ରା ର ଉଦଘାଟନ କରିଥିଲେ ।



# ଅଗ୍ନି କାଣ୍ଡରେ ତିନି ବଖରା ଚାଳ ଘର ଭସ୍ମିଭୁତ

## ଦମକଳ ଗାଡି ପହଞ୍ଚିବା ବେଳକୁ ଘର ପୋଡି ପାଉଁଶ ବାଧକ ସାଜିଥିଲା ବିଦ୍ୟୁତ ଖୁଣ୍ଟ



ଜଗତସିଂହପୁର ତା ୨୯/୧(ନୀପ୍ର ) ଜଗତସିଂହପୁର ଜିଲ୍ଲା ରଘୁନାଥପୁର ତହସିଲ ଅଧିନ ରାଢ଼ଙ୍ଗ ଗ୍ରାମର ପଞ୍ଚାନନ ଲେଙ୍କା ଙ୍କ ଘର ବୁଧବାର ସନ୍ଧ୍ୟା ରେ କୌଣସି କାରଣ ରୁ ତିନି ବଖରା ଚାଳ ଘର ପୋଡି ପାଉଁଶ ହୋଇଯାଇଛି । ଏହି ଅଂଗି କାଣ୍ଡ ଘଟଣା ସମ୍ପର୍କ ରେ ଗ୍ରାମ ବାସୀ ରଘୁନାଥପୁର ଅଗ୍ନିଶ୍ରମ ବିଭାଗକୁ ଖବର ଦେଇ ଥିଲେ ।ଖବର ପାଇ ରଘୁନାଥପୁର ର ଦୁଇଟି ଦମକଳ ଗାଡି ଘଟଣା ସ୍ଥଳରେ ପହଞ୍ଚିବା ବେଳକୁ ଶ୍ରୀ ଲେଙ୍କା ଙ୍କ ର ଘର ସହିତ ୧୦ ବସ୍ତା ଧାନ, ମୁଗ ବିରି ଟଙ୍କା ଓ ଘର ର ସମସ୍ତ ଆସବାପତ୍ର ପୋଡି ପାଉଁଶ ହୋଇ ଯାଇଥିଲା । ତେବେ ଗ୍ରାମବାସୀ ଙ୍କ ଅଭିଯୋଗ ମୁତାବକ ଦମକଳ ଗାଡି ବିଳମ୍ବରେ ପହଞ୍ଚିଥିଲା ଏବଂ ଘଟଣାସ୍ଥଳକୁ ଗାଡି ଯିବାପାଇଁ ମୁଖ୍ୟ ମଧ୍ୟ ବାଧକ ସାଜିଥିଲା ରାସ୍ତା ଉପରେ ଥିବା ବିଦ୍ୟୁତ ଖୁଣ୍ଟ ।ଏହି ଖବର ପାଇ ରଘୁନାଥପୁର ଅତିରିକ୍ତ ତହସିଲଦାର ତପନ କୁମାର ପରିଡା ରେଭୁଆ ରେଭୁନ ଇନସପେକ୍ଟର ଙ୍କୁ ଘଟଣା ସ୍ଥଳକୁ ପଠାଇଥିବା ଜଣାଯାଇଛି। ତୁରନ୍ତ ଅଂଗି ବିପନ୍ନ ପରିବାର କୁ ସରକାରୀ ସାହାଯ୍ୟ ଯୋଗେଇ ଦେବା ପାଇଁ ଗ୍ରାମ ବାସୀ ଦାବୀ କରିଛନ୍ତି ।

# କୋରାପୁଟ ପ୍ରେସକ୍ଲବର ପୂର୍ବତନ ସଭାପତିଙ୍କ ବିୟୋଗରେ ଶୋକସଭା



ଜୟପୁର : କୋରାପୁଟ ପ୍ରେସକ୍ଲବ ପରିସରରେ ବରିଷ୍ଠ ସାମ୍ବାଦିକ ତଥା କ୍ଲବର ପୁର୍ବତନ ସଭାପତି ଲକ୍ଷ୍ମୀ ପ୍ରସାଦ ରଥଙ୍କ ବିୟୋଗରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ପ୍ରେସକ୍ଲବ ସଭାପତି ଭବାନୀ ଶଙ୍କର ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶୋକସଭାରେ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ସ୍ୱରାଜ୍ୟ ସୀସା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ । ପ୍ରାରମ୍ଭରେ ତାଙ୍କ ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା ।ଏହାପରେ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା । ସାମ୍ବାଦିକ ସ୍ୱର୍ଗତ ଲକ୍ଷ୍ମୀ ପ୍ରସାଦ ରଥ ଜଣେ ନିର୍ଭୀକ ସାମ୍ବାଦିକ ଥିଲେ ବୋଲି ସଭାପତି ଶ୍ରୀ ମିଶ୍ର କହିଛନ୍ତି ।ସାମ୍ବାଦିକ ସିଏଚ ସାନ୍ତାକାର,ଘନଶ୍ୟାମ ରଥ,ରଞ୍ଜନ କୁମାର ଦାସ, ଅମିତାଭ ବେହେରା ପ୍ରମୁଖ ଯୋଗଦେଇ ସାମ୍ବାଦିକ ପ୍ରତି ତାଙ୍କର ନିଷ୍ଠା ଥିଲା ଏବଂ ସେ ଆତ୍ମୀୟତାର ନିଦର୍ଶନ ଥିଲେ ବୋଲି କହିଛନ୍ତି । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସ୍ୱରାଜ୍ୟ ସୀସା,ସଭାପତି ଭବାନୀ ଶଙ୍କର ମିଶ୍ର,ସଂପାଦକ ଅମିତାଭ ବେହେରା, କୋଷାଧ୍ୟକ୍ଷ ଘନଶ୍ୟାମ ରଥ,ବରିଷ୍ଠ ସାମ୍ବାଦିକ ସିଏଚ ସାନ୍ତାକାର,ରଞ୍ଜନ କୁମାର ଦାସ, ସିଏଚ ଭଗବତୀ ଆଚାରୀ, ପବିତ୍ର ମୋହନ ସେଠୀ, ଶିଶିର ଆଚାର୍ଯ୍ୟ, ତ୍ରିଲୋଚନ ମହାରଣା, ମନୋଜ କୁମାର ନାୟକ,ଅରୁଣ କୁମାର ଦାଶ, ଅମରନାଥ ସାମନ୍ତରାୟ, ଟୁବୁଲି ବେହେରା ପ୍ରମୁଖ ତାଙ୍କ ଫଟୋ ଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ କରିସ୍ମୃତିଚାରଣ କରିଥିଲେ।

# ସୋର ୟୁଏନ୍ କଲେଜରେ ଛାତ୍ରୀ ଆତ୍ମରକ୍ଷା ଶିବିର ଉଦ୍‌ଯାପିତ




ସୋର : ସୋର ଉପେନ୍ଦ୍ରନାଥ ମହାବିଦ୍ୟାୟ ଜୁନିୟର ବିଭାଗର ଛାତ୍ରୀ ଆତ୍ମରକ୍ଷା ଶିବିର ଉଦ୍ ?ଯାପିତ ହୋଇଯାଇଛି । ଏହି ଶିବିରକୁ କଲେଜ ଅଧ୍ୟକ୍ଷ ଗଜେନ୍ଦ୍ର କୁମାର ପ୍ରଧାନ ପୌରୋହିତ୍ୟ କରିଥିଲେ । ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ କଲେଜ ପ୍ରଶାସନିକ ଅଧିକାରୀ ସୁଶାନ୍ତ କୁମାର ଦେ ଯୋଗଦେଇ ଆଜିକାଲି ପରିସ୍ଥିତିରେ ଛାତ୍ରୀମାନଙ୍କର ଆତ୍ମ ସୁରକ୍ଷା ପାଇଁ ତାଲିମ ନେବା ଆବଶ୍ୟକତା ସଂପର୍କରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମର ସଂଯୋଜିକା ଅଧ୍ୟାପିକା ସ୍ମିତା ସାମନ୍ତ ଅତିଥି ପରିଚୟ ପ୍ରଦାନ କରିବା ସହିତ ଛାତ୍ରୀମାନଙ୍କୁ ପ୍ରରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଏହି ଶିବିରରେ ୩୦୦ରୁ ଅଧିକ ଛାତ୍ରୀ ଅଂଶଗ୍ରହଣ କରିଥିଲେ । ମାଷ୍ଟର ଟ୍ରେନର ଆଦ୍ୟାଶା ଦାସ ଏବଂ ସସ୍ମିତା ଖଟୁଆ ଛାତ୍ରୀମାନଙ୍କୁ ଆତ୍ମରକ୍ଷା ତାଲିମ୍ ପ୍ରଦାନ କରିଥିବା ବେଳେ ଅଧ୍ୟାପକା ଅର୍ପିତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଉତ୍ସବରେ ଛାତ୍ରୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଆଶୁତୋଷ ମିଶ୍ର, ପ୍ରଭାସ ରଂଜନ ଜେନା ଏବଂ ନରେନ୍ଦ୍ର କୁମାର ମହାଳିକ ପରିଚାଳନାରେ ସହଯୋଗ କରିଥିଲେ ।

# ଜିଲ୍ଲା କେମିଷ୍ଟ ଏବଂ ଡ୍ରଗସ ସଙ୍ଘର ରକ୍ତଦାନ ଶିବିର



ଜୟପୁର : କୋରାପୁଟ ଜିଲ୍ଲା ଜୟପୁର ଠାରେ ଆଜି ଜିଲ୍ଲା କେମିଷ୍ଟ ଏବଂ ଡ୍ରଗସ ବ୍ୟବସାୟୀ ସଙ୍ଘ ତରଫରୁ ଏକ ରକ୍ତଦାନ ଶିବିର ସ୍ଥାନୀୟ ଅଗ୍ରସେନ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ରକ୍ତଦାନ ଶିବିରରେ ୬୦ ୟୁନିଟ ରକ୍ତ ସଂଗ୍ରହ କରା ଯିବାକୁ ଆୟୋଜନ କରାଯାଇଥିବା ବେଳେ ୨୮ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିବା ସୂଚନା ମିଳିଛି । ଏହି ରକ୍ତଦାନ ଶିବିରକୁ ଜୟପୁର ପୌର ଅଧ୍ୟକ୍ଷ ନରେନ୍ଦ୍ର ମହାନ୍ତି ଉଦଘାଟନ କରି ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ । ଏବଂ ଏହି ଶିବିରରେ ଡଃ.ସାବ୍ୟସାଚି ମହାପାତ୍ର ଙ୍କ ସହ ଜୟପୁର ଜିଲ୍ଲା ମେଡ଼ିକାଲ ରକ୍ତ ଭଣ୍ଡାର ର କର୍ମଚାରୀ ମାନେ ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ । ଜିଲ୍ଲା ଡ୍ରଗ୍ସ ଇନ୍ସପେକ୍ଟର ଚିନ୍ମୟ କୁମାର ଜେନା ଏହି ଶିବିରରେ ଯୋଗଦେଇ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ ।

# ଉତ୍କଳ ସମ୍ମିଳନୀ ସୋର ଶାଖାର କାର୍ଯ୍ୟକାରୀ କମିଟି ବୈଠକ

ସୋର : ଉତ୍କଳ ସମ୍ମିଳନୀ ସୋର ଶାଖାର କାର୍ଯ୍ୟକାରୀ କମିଟି ବୈଠକ କଲେଜ ଛକ ସ୍ଥିତ ଶିକ୍ଷାବିତ ବିଜୟକୁମାର ଦାସଙ୍କ ବାସ ଭବନରେ ଅନୁଷ୍ଠିତ ହୋଇ ଯାଇଛି । ସୋର ଶାଖାର ନୂତନ ଶାଖା ସମ୍ପାଦକ କୃତିବାସ ବେଜ ଗତ ବୈଠକର ବିବରଣୀ ଉପସ୍ଥାପନା କରିବା ସହ ସୋର ଶାଖାର ନବ ନିର୍ବାଚିତ କର୍ମକର୍ତ୍ତା ମାନଙ୍କ ନାମ ତାଲିକାକୁ ଉତ୍କଳ ସମ୍ମିଳନୀ ରାଜ୍ୟ କମିଟି ଅନୁମୋଦନ କରିଥିବାର ପ୍ରକାଶ କରିଥିଲେ । ଶାଖା କମିଟିର ଉପ ସଭାପତି ମାୟାଧର ନାୟକ ପ୍ରସ୍ତାବ ଆଗତ କରି ଓଡ଼ିଆ ଭାଷାକୁ ଓଡ଼ିଶାରେ ସମସ୍ତ ସରକାରୀ ଦପ୍ତର, ଘରୋଇ ଅନୁଷ୍ଠାନ, ସ୍କୁଲ କଲେଜ ତଥା ସର୍ବ ସାଧାରଣରେ ନାମ ଫଳକ ଗୁଡିକରେ ବ୍ୟବହାର,ସରକାରୀ ଦପ୍ତରରେ ଓଡ଼ିଆ ଭାଷାରେ ଚିଠିପତ୍ର ଆଦାନ ପ୍ରଦାନ,ଇଂରାଜୀ ମିଡିୟମ ବିଦ୍ୟାଳୟରେ ଛାତ୍ର ଛାତ୍ରୀ ମାନଙ୍କ ସହ ଓଡ଼ିଆ ଭାଷାରେ କଥୋପକଥନ ବାଧ୍ୟତା ମୂଳକ କରିବା ପାଇଁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କାର୍ଯ୍ୟ କାରୀ ହେଉ ନଥିବାରୁ ବୈଠକରେ ଉଦବେଗ ପ୍ରକାଶ ପାଇଥିଲା । ଓଡ଼ିଆ ଭାଷାକୁ ସଠିକ ଭାବେ କାର୍ଯ୍ୟ କାରୀ କରିବାକୁ ସୋର ଶାଖା ସ୍ଥାନୀୟ ପ୍ରଶାସନଙ୍କୁ ଅବଗତ କରାଇବା ପାଇଁ ସ୍ଥିର ହୋଇଛି । ପ୍ରତ୍ୟେକ ବିଦ୍ୟାଳୟରେ ପ୍ରଥମ ଶ୍ରେଣୀର ପିଲାମାନଙ୍କୁ ନୂତନ ଶିକ୍ଷାବର୍ଷ ଠାରୁ ଓଡ଼ିଆ ବର୍ଣ୍ଣବୋଧ ବହି,ରାଜ୍ୟ



କମିଟି ତରଫରୁ ସୋର ଶାଖା ଯୋଗାଇ ଦେବାକୁ ନିଷ୍ପତ୍ତି ଗ୍ରହଣ କରା ଯାଇଛି । ଓଡ଼ିଶାର ଅନ୍ୟତମ ସ୍ୱାଧୀନତା ସଂଗ୍ରାମୀ ତଥା ପ୍ରଥମ ବାଚସ୍ପତି ନନ୍ଦ କିଶୋର ଦାସ ଏବଂ ସୋର ମାଟିର ଶିକ୍ଷାନୁଷ୍ଠାନ ସ୍ରଷ୍ଟା ଉପେନ୍ଦ୍ର ପ୍ରଧାନଙ୍କ ପୂର୍ଣ୍ଣ ଅବୟବ ମୂର୍ତ୍ତି ରାଜ୍ୟ ସରକାରଙ୍କ ଦ୍ୱାରା ସୋରରେ ସ୍ଥାପନ ପାଇଁ ଦାବି କରିଥିଲେ । ଚଳିତ ବର୍ଷ ଉତ୍କଳ ଦିବସରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ମାନଙ୍କୁ ବିଭିନ୍ନ ପ୍ରତି ଯୋଗିତାରେ ଭାଗ ନେବାପାଇଁ ସ୍ଥିର ହୋଇଛି । ଏହି ବୈଠକକୁ ସୋର ଶାଖାର ସଭାପତି ବିଜୟ କୁମାର ଦାସ ପରିଚାଳନା କରିଥିବା ବେଳେ, ଚକ୍ରଧର ପାଢୀ,ଦାମୋଦର ଦାଶ ମହାପାତ୍ର, ଗଙ୍ଗାଧର ପାଢ଼ୀ, ମହେଶ୍ୱର ପଣ୍ଡା, ଉପଦେଷ୍ଟା ନବକିଶୋର ଦାସ,ଗୀତାଞ୍ଜଳି ଲେଙ୍କା,ବିପିନ ବିହାରୀ ବାରିକ ପ୍ରଭୃତି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ବରିଷ୍ଠ ସଦସ୍ୟ ଶ୍ରୀଧର ପ୍ରସାଦ ବେହେରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜିଲ୍ଲାସ୍ତରୀୟ ଶିଶୁକନ୍ୟା ଦିବସ ପାଳିତ



କୋରାପୁଟ : ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ଜିଲ୍ଲାସ୍ତରୀୟ ଶିଶୁକନ୍ୟା ଦିବସ ପାଳିତ ହୋଇଯାଇଛି ।ଜିଲ୍ଲାର ବିଭିନ୍ନ ବ୍ଲକରୁ ୧୦୦ ରୁ ଉର୍ଦ୍ଧ୍ୱ ଷଷ୍ଠ ରୁ ଦଶମ ଶ୍ରେଣୀ ଛାତ୍ରୀ ଆୟୋଜିତ ହୋଇଥିବା ପ୍ରତିଯୋଗିତା ଗୁଡିକରେ ଦୁଇଟି ବର୍ଗରେ ଭାଗ ନେଇଥିଲେ ।ପ୍ରବନ୍ଧ ଲିଖନ, ସ୍ଲୋଗାନ ଲିଖନ, ଚିତ୍ରାଙ୍କନ ଏବଂ ସଙ୍ଗୀତ ପ୍ରତିଯୋଗିତା କରାଯାଇଥିଲା ।ପୁରସ୍କାର ବିତରଣୀ ଉତ୍ସବରେ ଜିଲ୍ଲା ଶିକ୍ଷା ଅଧିକାରୀ ଡ. ପ୍ରଶାନ୍ତ କୁମାର ମହାନ୍ତି ଏବଂ ଜିଲ୍ଲା ସଂସ୍କୃତି ଅଧିକାରୀ ପ୍ରିତିସୁଧା ଜେନା ସମେତ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଅନନ୍ତ ଦଳପତି, ସୁଜିତ୍ ଜେନା ,ଗଜନି ଚନ୍ଦ୍ରଶେଖର ଏବଂ ଦୀପକ ସାହୁ ପରିଚାଳନା କରିବାରେ ସହଯୋଗ କରିଥିଲେ ।

# ନେତାଜୀ ଜୟନ୍ତୀ ପାଳିତ

ଦଶରଥପୁର : ଦଶରଥପୁର ବ୍ଲକ ଦଶରଥପୁର ପଂଚାୟତ ର ସ୍ୱେଚ୍ଛାସେବୀ ସଂଗଠନ 'ସଂସ୍କାର 'ପକ୍ଷ୍ୟରୁ ମହାନ ଦେଶପ୍ରେମୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଙ୍କ ଜୟନ୍ତୀ ପାଳିତ ହୋଇଯାଇଛି କ୍ଷ ସ୍ୱେଚ୍ଛା ସେବୀ ସଂଗଠନ 'ସଂସ୍କାର 'ର ସମ୍ପାଦକ ଦୁର୍ଯ୍ୟୋଧନ ଗୋଛାୟତ ଙ୍କ ସଭାପତିତ୍ୱରେ ଏକ ସଭା ହୋଇଥିଲା କ୍ଷ ପ୍ରଥମେ ନେତାଜୀ ଙ୍କ ଫଟୋ ଚିତ୍ର ରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା କ୍ଷ ଏଭଳି ସାହସୀ ସଂଗ୍ରାମୀ ନେତା ଓଡିଶା ର କଟକ ସ୍ଥିତ ଓଡ଼ିଆ ବଜାରରେ ଜନ୍ମ ଗ୍ରହଣ କରିଥିବାରୁ ଓଡିଶା ସାରା ବିଶ୍ୱ ରେ ଗର୍ବିତ ଓ ପ୍ରଶଂସିତ କ୍ଷ ତେବେ ଏଭଳି ମହାପୁରୁଷଙ୍କର ଯେଉଁ ସାହାସିକ କାର୍ଯ୍ୟ ତାହା ଚୀର ଦିନ ପାଇଁ ଅମର ରହିବ ବୋଲି ଆଲୋକପାତ କରାଯାଇଥିଲା କ୍ଷ ଏଥିରେ ସଂଗଠନ ର ସମସ୍ତ ସଭ୍ୟ ସଭ୍ୟା ଯୋଗ ଦେଇଥିଲେ ।

# ଜୟପୁର ଜିଲ୍ଲା ମେଡ଼ିକାଲ ଆହାର କେନ୍ଦ୍ରରେ ପାଣି ସମସ୍ୟା




ଜୟପୁର : କୋରାପୁଟ ଜିଲ୍ଲା ଜୟପୁର ଜିଲ୍ଲା ମେଡ଼ିକାଲ ଠାରେ ଆହାର କେନ୍ଦ୍ରରେ ୧୨ ଦିନ ଧରି ପାଣି ଠପ୍ । ବର୍ତ୍ତମାନ ପାଣି ସମସ୍ୟା ଘେରରେ ରହିଛି ଆହାର କେନ୍ଦ୍ର । ପିଇବା ପାଣି ପାଇଁ ଏବେ ହନ୍ତସନ୍ତ ହେଉଛନ୍ତି ରୋଗୀ ଏବଂ ସମ୍ପର୍କୀୟ । ଆହାର କେନ୍ଦ୍ରରେ ପାଣି ନ ଥିବାରୁ ରୋଗୀ ଏବଂ ସାଧାରଣ ଜନତା ଅସୁବିଧାର ସମ୍ମୁଖୀନ ହେଉଥିବା କହିଛନ୍ତି । ଦୀର୍ଘ ୧୨ ଦିନ ଧରି ଆହାର କେନ୍ଦ୍ରରେ ପାଣି ନ ଥିବା ଅଭିଯୋଗ କରିଛନ୍ତି ରୋଗୀ ବୋଲି ସମ୍ପର୍କୀୟ । ଗୋଟିଏ ପଟେ ପିଇବା ପାଣି ସମସ୍ୟା ରହିଥିବା ବେଳେ ଆହାର କେନ୍ଦ୍ରରେ ଆଲୁଅ ମଧ୍ୟ ଜଳୁ ନ ଥିବା ଅଭିଯୋଗ କରିଛନ୍ତି । ମିଞ୍ଜି ମିଞ୍ଜି ପାଣି ଟେପ୍ ରେ ଆସୁଥିବା ବେଳେ ହାତ ଧୋଇବା ପାଇଁ ପାଣି ନାହିଁ । ସେପଟେ ଆହାର କେନ୍ଦ୍ରରେ ଅଧା ଆଲୁଅ ଓ ଅଧା ଅନ୍ଧାର ଘେରରେ ରହିଛି । ଏହି ପରି ଭାବେ ଅବ୍ୟବସ୍ଥା ଘେରରେ ରହିଛି ଜୟପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଆହାର କେନ୍ଦ୍ର । ବାରମ୍ବାର ଜୟପୁର ପୌରପାଳିକାକୁ ଅଭିଯୋଗ କଲା ପରେ ମଧ୍ୟ ଆଜି ସୁଦ୍ଧା ପାଣିର ବ୍ୟବସ୍ଥା ହୋଇପାରିଲା ନାହିଁ ବୋଲି ଜନତା କହିଛନ୍ତି । ରୋଗୀ , ଏବଂ ସେମାନଙ୍କ ସମ୍ପର୍କୀୟ ଓ ବୁଦ୍ଧିଜୀବିମାନେ ଏନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି । ଏଥିପ୍ରତି ତୁରନ୍ତ ପ୍ରଶାସନ ଦୃଷ୍ଟି ଦେଇ ଆହାର କେନ୍ଦ୍ରରେ ପିଇବା ପାଣିର ବ୍ୟବସ୍ଥା କରିବା ପାଇଁ ସାଧାରଣ ଜନତା ପ୍ରଶାସନ କୁ ନିବେଦନ କରିଛନ୍ତି ।

# ଜାଗା ବିବାଦ ନେଇ ଅସହାୟ ଦମ୍ପତିଙ୍କ ଘର ଭାଙ୍ଗି ଦେଲେ ଯୁବକ ଥାନାର ଦ୍ୱାରସ୍ଥ ହେଲେ ଦମ୍ପତି

ତାଳଚେର : ତାଳଚେର ବ୍ଲକ ବଡଯୋରଡା ଗ୍ରାମର ଚେମୁଟୁ ସାହୁ ଓ ତାଙ୍କ ପରିବାର କଳିଙ୍ଗ କଲୋନୀ ସ୍ଥିତ ଉପର ମାର୍କେଟ୍ ଠାରେ ଦୀର୍ଘ ବର୍ଷ ହେଲା ରହିଆସୁଛନ୍ତି । ଗ୍ରାମର ଚରଣ ପ୍ରଧାନଙ୍କ ପୁତ୍ର ରଞ୍ଜନ ପ୍ରଧାନ ଓ ତାଙ୍କ ମାଆ ଶୁକ୍ରବାର ସକାଳେ ଚେମୁଟୁ ସାହୁ ଘରେ ନଥିବା ବେଳେ ଘରର ଟିଭି, ଫ୍ୟାନ୍ ଭାଙ୍ଗି ଦେଇଥିବା ଚେମୁଟୁ ସାହୁଙ୍କ ସ୍ତ୍ରୀ ପାର୍ବତୀ ସାହୁ ବିକ୍ରମପୁର ଥାନାରେ ଲିଖିତ ଭାବେ ଜଣାଇଛନ୍ତି । ସେ ଲେଖିଛନ୍ତି ଯେ, ଝିଅ ବିବାହ ପାଇଁ ଘରେ ରଖିଥିବା ଦେଢ଼ ଭରି ସୁନାର ଚେନ୍ ଓ କାନଫୁଲ ସହିତ ନଗଦ ୫୦ ହଜାର ଟଙ୍କା ରଞ୍ଜନ ପ୍ରଧାନ ଜୋର ଜବରଦସ୍ତ ଘରେ ପଶି ନେଇଯାଇଛନ୍ତି । ଏହା ସହିତ ଅଭଦ୍ର ଭାଷାରେ ଗାଳି ଗୁଲଜ କରିବା ସହିତ ଜୀବନରେ ମାରି ଦେବା ପାଇଁ ଧମକ୍ ଦେଇଥିବା ଜଣାଇଛନ୍ତି । ସୂଚାନାଯୋଗ୍ୟ, ଗତ କିଛି ମାସ ପୂର୍ବରୁ ସେ ରହୁଥିବା କଳିଙ୍ଗ କଲୋନୀ ସ୍ଥିତ ଜାଗାକୁ ନେଇ ରଞ୍ଜନ ପ୍ରଧାନଙ୍କର ଚେମୁଟୁ ସାହୁଙ୍କ ସହିତ ତିକ୍ତତା ଲାଗି ରହିଥିଲା । ତେବେ ସେ ବସବାସ କରୁଥିବା ଜାଗାରେ ବଡଯୋରଡା ଗ୍ରାମର ରଂଜନ ପ୍ରଧାନ ନାମକ ଯୁବକ ସେହି ଜାଗାକୁ ହାତେଇବା ପାଇଁ ଜୋରଜବରଦସ୍ତ କରୁଥିଲେ । ଏନେଇ ମଧ୍ୟ ପୂର୍ବରୁ ତାଙ୍କର କଥାକଟାକଟି ଏପରିକି ମାଡପିଟ୍ ଯାଏ କଥା ଯାଇଥିଲା । କିଛି ଉପାୟ ନପାଇ ଚେମୁଟୁ ସାହୁ ଓ ତାଙ୍କ ପତ୍ନୀ ପାର୍ବତୀ ସାହୁ ଭୟଭିତ ହୋଇ ବିକ୍ରମପୁର ଥାନାରେ ଗତ ତା୧୧/୧୧/୨୦୨୪ ଓ ତା୧୮/୧୨/୨୦୨୪ ରିଖରେ ଲିଖିତ ଭାବେ ଦୁଇ ଦୁଇ ଥର ଜଣାଇଥିଲେ । ତେବେ ଏନେଇ ଥାନା ଅଧିକାରିଣୀ ଉଭୟଙ୍କୁ ସେହି ଜାଗାକୁ ନଯିବା ପାଇଁ ବାରଣ କରିଥିଲେ । ତେବେ କିଛି ଦିନର ବ୍ୟବଧାନ ପରେ ଆଜି ସକାଳ ସମୟରେ ରଂଜନ ପ୍ରଧାନ ଉତ୍ ?କ୍ଷିପ୍ତ ହୋଇ ଚେମୁଟୁ ସାହୁ ଓ ପାର୍ବତୀ ସାହୁ ବସବାସ କରୁଥିବା ଘରକୁ ଆସି ମାରପିଟ୍ କରିବା ସହିତ ଜୀବନରେ ମାରିଦେବାର ଧମକ୍ ଦେଇଛି । ତେବେ ରଂଜନ ପ୍ରଧାନ ତାଙ୍କ ଘର ଓ ଘରର ବିଭିନ୍ନ ଆସବାବ ପତ୍ରକୁ ଭାଙ୍ଗିବା ସହିତ ଦେଢ଼ ଭରି ସୁନାର ଚେନ୍ ଓ କାନଫୁଲ ଏବଂ ନଗଦ ୫୦ ହଜାର ଟଙ୍କା ନେଇ ଯାଇଥିବାର ସେ ଲିଖିତ ଭାବେ ଜଣାଇଅଛନ୍ତି । ରଂଜନ ପ୍ରଧାନ ତାଙ୍କ ଘର ଭାଙ୍ଗିବାର ପ୍ରମାଣ ମଧ୍ୟ ପାର୍ବତୀ ସାହୁ ପୋଲିସ୍ ପାଖରେ ଭିଡିଓ କ୍ଲିପ୍ ପ୍ରଦାନ କରିଛନ୍ତି । ତେବେ ଦେଖିବାକୁ ବାକି ରହିଲା ଅସହାୟ ଦମ୍ପତିଙ୍କୁ ନ୍ୟାୟ ପ୍ରଦାନ କରିବାରେ ବିକ୍ରମପୁର ପୋଲିସ୍ କେତେ ସଫଳ ହେଉଛି ।



# ଡି.ଏ.ଭି. ପବ୍ଲିକ୍ ସ୍କୁଲ, ପାରାଦ୍ୱୀପ ପୋର୍ଟରେ ଗଣତନ୍ତ୍ର ଦିବସ ପାଳିତ



ପାରାଦ୍ୱୀପ: ତା୨୯/୦୧(ନି.ପ୍ର) ବିଶ୍ୱର ସର୍ବବୃହତ ଗଣତନ୍ତ୍ରର ସଂକେତ,ସାର୍ବଭୌମତ୍ୱ, ଧର୍ମନିରପେକ୍ଷତା ଏବଂ ଭ୍ରାତୃଭାବର ପ୍ରତୀକ ଭାବରେ ତ୍ରିରଙ୍ଗ ସହିତ ସମଗ୍ର ଦେଶରେ ୭୬ତମ ଗଣତନ୍ତ୍ର ଦିବସ ପାଳନ କରାଯାଇଥିଲା । ଡି.ଏ.ଭି. ପବ୍ଲିକ୍ ସ୍କୁଲ, ପାରାଦ୍ୱୀପ ପୋର୍ଟ ଉତ୍ସାହର ସହିତ ଦିନଟି ପାଳନ କରିଥିଲା । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଶ୍ରୀଯୁକ୍ତ ଅଭିଷେକ ପଣ୍ଡା (ଓ.ଏ.ଏସ୍., କାର୍ଯ୍ୟନିର୍ବାହୀ ଅଧିକାରୀ,ପାରାଦ୍ୱୀପ ପୌରପାଳିକା)ଙ୍କୁ ନିମନ୍ତ୍ରଣ କରାଯାଇଥିଲା । ସେ ନିଜର ବକ୍ତବ୍ୟ ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କୁ ଦେଶପ୍ରେମ ପାଇଁ ଉତ୍ସାହ ଓ ପ୍ରେରଣା ପ୍ରଦାନ କରିଥିଲେ ଓ ଡି.ଏ.ଭି. ପିପିଟି ର ଅଧ୍ୟକ୍ଷା ଶ୍ରୀମତୀ ବିନ୍ଦୁଶ୍ରୀ ମହାନ୍ତି ନିଜର ପ୍ରେରଣାଦାୟୀ ଶବ୍ଦ ମାଧ୍ୟମରେ ସମସ୍ତଙ୍କୁ ଓ ଦେଶପ୍ରେମରେ ଉଦବୁଦ୍ଧ କରାଇଥିଲେ ଓ ସଂପୂର୍ଣ୍ଣ ବିଦ୍ୟାଳୟ ପରିସରକୁ ଦେଶପ୍ରୀତି ମନୋଭାବରେ ସଜାଯାଇଥିଲା । ବିଭିନ୍ନ ଶ୍ରେଣୀର ପିଲାମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଉପସ୍ଥାପନ କରିଥିଲେ । ଡି.ଏ.ଭି. ପିପିଟି ର ଛାତ୍ରଛାତ୍ରୀମାନେ ଗୋପବନ୍ଧୁ ଷ୍ଟାଡିୟମକୁ ଯାଇ ପାରାଦ୍ୱୀପ ବନ୍ଦର କର୍ତ୍ତୃପକ୍ଷଙ୍କ ଦ୍ୱାରା ଆୟୋଜିତ ଏକ ସାଧାରଣ ଆନ୍ତଃ ବିଦ୍ୟାଳୟ ପ୍ୟାରେଡ ପ୍ରତିଯୋଗିତାରେ ଭାଗ ନେଇଥିଲେ । ପ୍ୟାରେଡ୍ ଏବଂ ହାଉସ୍ ବୋର୍ଡ ସାଜସଜ୍ଜା ବିଜେତା ସହିତ ବିଭିନ୍ନ ସିସିଏ ଇଭେଣ୍ଟଗୁଡିକର ବିଜେତାମାନଙ୍କୁ ପ୍ରମାଣପତ୍ର ଏବଂ ସ୍ମୃତିଚାରଣ ସହିତ ସମ୍ମାନିତ କରାଯାଇଥିଲା । ଅନୁଶାସନ, ଐକ୍ୟତା ଏବଂ ଶାନ୍ତିପୂର୍ଣ୍ଣ ଭାବରେ ସହିତ ଏହି ଦିନଟି ପାଳନ କରାଯାଇଥିଲା । ଏହି ସମାରୋହ ଦିବସରେ ଗୋଷ୍ଠୀ ନୃତ୍ୟ ଏବଂ ବକ୍ତବ୍ୟ ସନ୍ନିବେଶିତ ହୋଇଥିଲା । ବିଦ୍ୟାଳୟର ସମସ୍ତ ଶିକ୍ଷକ,ଶିକ୍ଷୟିତ୍ରୀ । କର୍ମକର୍ତ୍ତାମାନେ ଏହି ଉତ୍ସବଟିକୁ ଦେଶପ୍ରେମରେ ପରିପୂର୍ଣ୍ଣ କରିଥିଲେ ଓ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶ୍ରୀମତୀ ସନ୍ଧ୍ୟାରାଣୀ ପଣ୍ଡାଙ୍କ ଧନ୍ୟବାଦ ଅର୍ପଣ ସହିତ କାର୍ଯ୍ୟକ୍ରମଟି ସମାପ୍ତ ହୋଇଥିଲା ।

# ଜୋର ଧରୁଛି କେସିଙ୍ଗାରେ ବାଇପାସ ନିର୍ମାଣ ଦାବି

## ବାଇପାସ ରାସ୍ତା ନିର୍ମାଣ ଓ ଅନ୍ୟାନ୍ୟ ଦାବି ନେଇ ସଚେତନ ନାଗରିକ ମଞ୍ଚର ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ



କେସିଙ୍ଗା,୨୯/୧ (ନି.ପ୍ର): : କଳାହାଣ୍ଡି ଜିଲ୍ଲା କେସିଙ୍ଗାରେ ବାଇପାସ ନିର୍ମାଣ ଦାବୀ ଧିରେ ଧିରେ ଜୋର ଧରିବାରେ ଲାଗିଛି । କେସିଙ୍ଗାରେ ଏକ ବାଇପାସ ରାସ୍ତା ନିର୍ମାଣ ଓ ଅନ୍ୟାନ୍ୟ ଦାବୀ ନେଇ ସଚେତନ ନାଗରିକ ମଞ୍ଚ ସଭାପତି ଉତ୍ତର ମହଲାଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ତାଙ୍କର ଦୃଷ୍ଟି ଆକର୍ଷଣ କରିଛନ୍ତି । ସଚେତନ ମଞ୍ଚ ଦ୍ୱାରା ପ୍ରଥମେ ପୂର୍ବତନ ବିରୋଧୀଦଳ ନେତା ପ୍ରଦୀପ୍ତ କୁମାର ନାଏକଙ୍କୁ ତାଙ୍କ ବାସଭବନରେ ସାକ୍ଷାତ କରି କେସିଙ୍ଗା ସହର ତଥା ଅଞ୍ଚଳର ବିକାଶ ନିମନ୍ତେ ବିଭିନ୍ନ ଅସୁବିଧାକୁ ନେଇ ଆଲୋଚନା କରିଥିଲେ । ପରେ ଶ୍ରୀ ନାଏକଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରି ଏକ ପ୍ରମୁଖ ନଅ ଦଫା ଦାବିପତ୍ର ପ୍ରଦାନ ସହ ଅନ୍ୟାନ୍ୟ ପ୍ରାସଙ୍ଗିକ ବିଷୟ ଉପରେ ଆଲୋଚନା କରିଥିଲେ । ପରବର୍ତ୍ତୀ ସମୟରେ ଶ୍ରୀଯୁକ୍ତ ନାଏକ ଙ୍କ ତତ୍ୱାବଧାନରେ ଇଷ୍ଟକୋଷ୍ଟ ରେଳ ଜୋନ ଜେନେରାଲ ମ୍ୟାନେଜର ଙ୍କୁ ମଧ୍ୟ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରାଯାଇଥିଲା ସେଥିମଧ୍ୟରୁ କେସିଙ୍ଗା ରେଲୱେ ଷ୍ଟେସନ ସହ ରାଜ୍ୟ ରାଜଧାନୀ ଭୁବନେଶ୍ୱରକୁ ଏକ ସିଧାସଳଖ ଟ୍ରେନ ବ୍ୟବସ୍ଥା, କେସିଙ୍ଗା ଭବାନୀପାଟଣା ଭାୟା ଉକହ୍ଲୋ ପାଣ୍ଟିକୁଡ଼ି ନୂତନ ରେଲୱେ ଲାଇନ ନିମନ୍ତେ ଆସନ୍ତା ରେଳ ବଜେଟରେ ଅର୍ଥ ମଞ୍ଜୁର, କେସିଙ୍ଗା ସହର ମଧ୍ୟରେ ବୃଦ୍ଧି ପାଉଥିବା ଟ୍ରାଫିକ ଏବଂ ଜନସୁବିଧା ନିମନ୍ତେ କନ୍ତେଶିରରୁ ଯୋଲକୋ ପର୍ଯ୍ୟନ୍ତ ଏକ ବାଇପାସ ରାସ୍ତା ନିର୍ମାଣ, ଜୁନାଗଡ଼ରୁ କେସିଙ୍ଗା ଏନ ଏଚ - ୨୬ ଚାରି ଲେନ ବିଶିଷ୍ଟ ରାସ୍ତା ନିର୍ମାଣକୁ ଅମାଠ ପର୍ଯ୍ୟନ୍ତ ସମ୍ପ୍ରସାରଣ , କେସିଙ୍ଗା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ଉପ ଖଣ୍ଡିୟ ସ୍ୱାସ୍ଥ୍ୟ କେନ୍ଦ୍ର ସବ ଡିଭିଜନାଲ ହେଲଥ ସେଣ୍ଟର ଏବଂ ରେଫେରାଲ ସେଣ୍ଟର ମାନ୍ୟତା ପ୍ରଦାନ ସହ ଟ୍ରମାସିଆ ସେଣ୍ଟର ସଂଲଗ୍ନ ଏକ ରକ୍ତ ଭଣ୍ଡାର ବ୍ୟବସ୍ଥା, ରାଜ୍ୟ ସରକାରଙ୍କ ଦ୍ୱାରା ଘୋଷଣା କରାଯାଇଥିବା ପ୍ରତି ବ୍ଲକରେ ଗୋଟିଏ ଲେଖାଏଁ ନର୍ସିଙ୍ଗ କଲେଜ ପରିପ୍ରେକ୍ଷୀରେ କେସିଙ୍ଗାରେ ଏକ ନର୍ସିଙ୍ଗ କଲେଜ ପ୍ରତିଷ୍ଠା , ଯଥାଶୀଘ୍ର କେସିଙ୍ଗା ଏନ ଏ ସି କୁ ମୁନିସିପାଲିଟି ମାନ୍ୟତା ପ୍ରଦାନ, ଅଞ୍ଚଳର ରୋଜଗାର ସୃଷ୍ଟି ସହ ଅଞ୍ଚଳବାସୀଙ୍କ ପାଇଁ ଏକ ଲାଇଫ ଲାଇନ କୁହାଯାଇଥିବା କେସିଙ୍ଗା କୋଣାର୍କ ସୂତାକଳର ପୁନଃରୁଦ୍ଧାର ପାଇଁ ଆବଶ୍ୟକ ପାଣ୍ଠି ବ୍ୟୟ ବରାଦ, କେସିଙ୍ଗା ସହର ୱାର୍ଡ ନଂ ୧, ୨, ୭ ଏବଂ ୮ ରେ ଘୋର ପାଣି ଅସୁବିଧା ଦୂର ପାଇଁ ବୋରିଂପଦର ଏବଂ ବଗାଡ଼ରେ ଗୋଟିଏ ଲେଖାଏ ଓଭର ହେଡ଼ ୱାଟର ଟ୍ୟାଙ୍କ ନିର୍ମାଣ, ସହରରେ ୨୪ ଘଣ୍ଟିଆ ପାଣି ବ୍ୟବସ୍ଥା, ବନ୍ଦ ହୋଇ ରହିଥିବା ଡ୍ରିଙ୍କ ଫ୍ରମ ଟ୍ୟାପ ସ୍କିମର କାର୍ଯ୍ୟକାରିତା, ତୁରଲାଖମନ ନିକଟରେ ତେଲ ନଦୀ ଉପରେ ଏକ ବ୍ୟାରେଜ ସେତୁ ନିର୍ମାଣ ସହ ଟେଣ୍ଡର ହୋଇ ବାତିଲ ହୋଇଥିବା ପ୍ରକ୍ରିୟାକୁ ପୁନଃ ଟେଣ୍ଡର ବ୍ୟବସ୍ଥା ଏବଂ କେସିଙ୍ଗା ରେଲୱେ ଷ୍ଟେସନ ରେ ଥିବା ଆର ଏମ ଏସ କାର୍ଯ୍ୟାଳୟ ବଲାଙ୍ଗୀରକୁ ସ୍ଥାନାନ୍ତରକୁ ବାତିଲ କରିବା ସହ କଳାହାଣ୍ଡି ଏବଂ ନୂଆପଡା ଜିଲ୍ଲା ପାଇଁ ଏକମାତ୍ର କେସିଙ୍ଗା ଆରଏମଏସ କୁ ଇଂଟ୍ରା ସର୍କଲ ହବ ଆଇସିଏଚର ମାନ୍ୟତା ପ୍ରଦାନ ଆଦି ପ୍ରମୁଖ ଦାବିପୂରଣ ନିମନ୍ତେ ଅନୁରୋଧ କରାଯାଇଥିଲା । ଏହି ସମୟରେ ସଂଗଠନର ସାଧାରଣ ସମ୍ପାଦକ ଟିକେମନ ଦୀପ, ଉପସଭାପତି ତଥା ପୂର୍ବତନ ନଗରପାଳ, ସରିତା ସିନ୍ଦୁର, ରାମଜୀ ମାତଖଣ୍ଡିଆ, ଗୀତାଞ୍ଜଳି ବରିହା, ଉପ ନଗରପାଳ ଗୋବିନ୍ଦ ବନଛୋର, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରାମଲାଲ ସୁନାନୀ, କାଉନସିଲର ଧରଣୀଧର ନାଏକ ଏବଂ ମୋହନ ନାଏକ ପ୍ରମୁଖ ଙ୍କ ସହ ଅନ୍ୟ ସଦସ୍ୟ ମାନେ ଏଥିରେ ସାମିଲ ଥିଲେ ।

# ଛତ୍ରପୁର ପ୍ରେସ କ୍ଲବ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର



ଛତ୍ରପୁର, ୨୯/୧ (ନି.ପ୍ର): ଛତ୍ରପୁର ପ୍ରେସ କ୍ଲବର ଚଳିତ ବର୍ଷ ବାର୍ଷିକ ଉତ୍ସବ ଉପଲକ୍ଷେ ଛତ୍ରପୁର ଶିବ କୁମାର ପଟ୍ଟନାୟକ ରିଡିଙ୍ଗ୍ ରୁମ୍ ଠାରେ ଛତ୍ରପୁର ପ୍ରେସ କ୍ଲବ, ଆଇଆରଇ ମାଟିଖାଲ ଓ ଗ୍ରାସିମ୍ ଇଣ୍ଡଷ୍ଟ୍ରି ମିଳିତ ଆନୁକୁଲ୍ୟରେ ଆଇଏମଏସ ଏଣ୍ଡ ସମ୍ ହସ୍ପିଟାଲ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ଓ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ । ସମ୍ ହସ୍ପିଟାଲର ବିଭିନ୍ନ ବିଭାଗର ଦକ୍ଷ ଡାକ୍ତରମାନେ ଉପସ୍ଥିତ ରହି ବିଭିନ୍ନ ବର୍ଗର ରୋଗୀମାନଙ୍କୁ ଚିକିତ୍ସା କରିବା ସହ ମାଗଣା ମେଡିସିନ ପ୍ରଦାନ କରିଥିଲେ । ଏହି ଶିବିରରେ ସ୍ନାୟୁ, ସର୍ଜରୀ, ଅର୍ଥୋପେଡିକ, ସ୍ତ୍ରୀ ଏବଂ ପ୍ରସୂତି ଚିକିତ୍ସା, ଦାନ୍ତ, ଇଏନଟି, ମେଡିସିନ, ମଧୁମେହ, ମାନସିକ , ଶିଶୁରୋଗ, ଚକ୍ଷୁ ବିଭାଗ ଆଦିରେ ରୋଗୀ ମାନଙ୍କୁ ମାଗଣା ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଇଛି ।ଏହି ଶିବିରକୁ ଛତ୍ରପୁର ଓ ଆଖ ପାଖ ଅଞ୍ଚଳର ୪ ଶହରୁ ଉର୍ଦ୍ଧ୍ୱ ରୋଗୀ ଆସି ମାଗଣା ସ୍ୱାସ୍ଥ୍ୟ ସେବା ନେବା ସହ ଉତ୍ତମ ଚିକିତ୍ସା ଓ ମାଗଣା ଔଷଧ ପାଇଁ ଖୁସି ବ୍ୟକ୍ତ କରିଛନ୍ତି । ଛତ୍ରପୁର ପ୍ରେସ କ୍ଲବର ଏଭଳି ନିଆରା ପ୍ରୟାସ ପାଇଁ କ୍ଲବର ସମସ୍ତ ମେମ୍ବରଙ୍କୁ ବୁଦ୍ଧିଜୀବି ମହଲରେ ପ୍ରଶଂସା କରିଛନ୍ତି ?। ପୂର୍ବରୁ ଛତ୍ରପୁର ପ୍ରେସ କ୍ଲବ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ କରି ଆସିଛି। ଦୁଇ ଦୁଇଥର ରକ୍ତ ଦାନ ଶିବିର, ବୃକ୍ଷରୋପଣ ଭଳି ଅନେକ କାର୍ଯ୍ୟକ୍ରମ ଆୟୋଜନ କରିଛି। ଏହା ସହ ହସ୍ପିଟାଲ ସମସ୍ତ ଡାକ୍ତରୀ ଟିମ୍ ଓ ମେଡ଼ିସିନ ବିଭାଗର କର୍ମକର୍ତ୍ତା ମାନଙ୍କୁ ରୋଗୀ ଓ ରୋଗୀଙ୍କ ପରିବାର ଧନ୍ୟବାଦ୍ ଦେଇଛନ୍ତି । ସମ୍ ହସପିଟାଲ ଶୀତଳାପଲ୍ଲିର ନିର୍ଦ୍ଦେଶକ ଦେବପ୍ରସାଦ ଦାଶ, ବରିଷ୍ଠ ଡ଼ାକ୍ତର ଅଯୋଧ୍ୟା ପାଢ଼ୀ, ଡାକ୍ତର ରଞ୍ଜିତ ପାତ୍ର, ଡାକ୍ତର ବିଶ୍ୱଜିତ ସାମଲ, ଡାକ୍ତର ଅମର ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଶିବିରକୁ ଛତ୍ରପୁର ପ୍ରେସ କ୍ଲବର ସଭାପତି ରବିନ୍ଦ୍ରନାଥ ପଣ୍ଡା, ସମ୍ପାଦକ ସନ୍ତୋଷ କୁମାର ପାଢୀ, ଉପସଭାପତି ସନ୍ତୋଷ ମିଶ୍ର, କୋଷାଧ୍ୟକ୍ଷ କେ ସତ୍ୟନାରାୟଣ ରେଡ୍ଡୀ, ଉପଦେଷ୍ଟା ରବିନ୍ଦ୍ର ପଣ୍ଡା, ଶ୍ରୀକାନ୍ତ ମହାନ୍ତି, ବସନ୍ତ ମହାରଣା, କ୍ଷିରୋଦ ଚନ୍ଦ୍ର ସାହୁ ଓ ପ୍ରଶାନ୍ତ ମହାରଣା, ଯୁଗ୍ମ ସମ୍ପାଦକ ଦେବବ୍ରତ ପଣ୍ଡା, ସୁଧିର ନାହାକ, ବିସ୍ମୟ ପ୍ରଧାନ, ସରୋଜ ସାମଲ, ଅଜିତ୍ ସ୍ୱାଇଁ, ଦିଲ୍ଲିପ ସାମଲ, ବିରେନ୍ ରାଉଳ, ସନ୍ତୋଷ ସାହୁ, କେ ରମେଶ, ସନ୍ତୋଷ କୁମାର ସାହୁ, ଗୌରପ୍ରସାଦ ମହାପାତ୍ର, ଅଶୋକ ବେହେରାଙ୍କ ସମେତ ପ୍ରେସ କ୍ଲବର ସମସ୍ତ ମେମ୍ବର ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

# ଗ୍ରାମ୍ୟ ଉନ୍ନୟନ ବିଭାଗ ମାଲେମାଲ୍,ରାସ୍ତା ବେହାଲ୍



ହାଟଡିହି,୨୯/୧ (ନି.ପ୍ର): ଗ୍ରାମ୍ୟ ଉନ୍ନୟନ ବିଭାଗରେ ସ୍ୱଚ୍ଛତା କୁ ନେଇ ଘନଉଛି ବିବାଦ। ଖୋଦ୍ ମୁଖ୍ୟ ମନ୍ତ୍ରୀ ଙ୍କ ଜିଲ୍ଲାରେ ନିମ୍ନ ମାନର କାମ କରି ମାଲେମାଲ୍ ହେଉଛନ୍ତି ଗ୍ରାମ୍ୟ ଉନ୍ନୟନ ବିଭାଗ ର ଯନ୍ତ୍ରୀ ଓ ବଡ ବଡିଆ କର୍ମଚାରୀ। କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଗ୍ରାମ୍ୟ ଉନ୍ନୟନ ବିଭାଗ ହାଟଡିହି ଗ୍ରାମ୍ୟ ନିର୍ମାଣ ଉପ ବିଭାଜନ ର ପୂର୍ତ୍ତ ବିଭାଗ ରାସ୍ତା ଠାରୁ ଡେମଳା ରାସ୍ତା ରେ ପିଚୁ ପଡ଼ିବାର ୫ ଦିନ ପରେ ହାତରେ ପିଚୁ ଉଠିଯାଉଛି ।ଏହିଭଳି କାର୍ଯ୍ୟକୁ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି ।କିନ୍ତୁ ବିଭାଗୀୟ ଉପରସ୍ଥ ଅଧିକାରୀ ଏପର୍ଯ୍ୟନ୍ତ ରାସ୍ତାର ସ୍ଥିତାବସ୍ଥା ,ନିର୍ମାଣଧିନ ରାସ୍ତାର ମାନ ଯାଞ୍ଚ କରୁନାହାନ୍ତି ।ଠିକାଦାର ଓ ଗ୍ରାମ୍ୟ ଉନ୍ନୟନ ବିଭାଗର ମିଳିଭକତ ରେ ଚଳୁ ହେଉଛି ଲକ୍ଷ ଲକ୍ଷ ଟଙ୍କା। ମୋହନ ସରକାରଙ୍କୁ ବଦନାମ କରିବା ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ର ବିଧିବଦ୍ଧ ଯୋଜନା ହେଉଥିବା ଆଲୋଚନା ହେଉଛି ।ବଦଳିଛନ୍ତି ସାଧାରଣ ଜନତା,ବଦଳିଛି ସରକାର କିନ୍ତୁ ବଦଳି ନାହାନ୍ତି ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକାରୀ। ମୁଖ୍ୟମନ୍ତ୍ରୀ ଏହି ରାସ୍ତା ର ତଦନ୍ତ କରି ମୁନାଫାଖୋର୍ ସରକାରୀ କର୍ମଚାରୀ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହେଉଛି।

# ପଲିଥିନ ପାଲ ଛପର ତଳେ ୪ ପ୍ରାଣୀ, ଆବାସ ଯୋଜନାରୁ ବଞ୍ଚିତ



କଲ୍ୟାଣସିଂହପୁର,୨୯/୧ (ନି.ପ୍ର): ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ମାଝୀଗୁଡା ପଞ୍ଚାୟତ ସଦର କୋଲନିସାହି ରେ ବସବାସ କରୁଥିବା ଗରିବ ପରିବାର ପଲିଥିନ ତଳେ ଚାରି ପ୍ରାଣୀ ଆବାସ ଯୋଜନାରୁ ବଞ୍ଚିତ ରହିଥିବା ଅଭିଯୋଗ ହୋଇଛି । ଉକ୍ତ ପରିବାର ବହୁ ବର୍ଷ ଧରି ମାଝୀଗୁଡା ରେ ରହି ଆସୁଥିଲେ ମଧ୍ୟ ଉକ୍ତ ପରିବାରକୁ ଆଜି ପର୍ଯ୍ୟନ୍ତ ଆବାସ ଯୋଜନାରେ ସାମିଲ କରି ନଥିବା ଜଣାପଡ଼ିଛି। ଗରିବ ସୀମା ରେଖା ତଳେ ବସବାସ କରୁଥିବା ପରିବାରକୁ ଆବାସ ଯୋଜନାରେ ସାମିଲ କରିବା ପାଇଁ ସରକାରଙ୍କନିର୍ଦ୍ଦେଶ ରହିଛି ।କିନ୍ତୁ ଉକ୍ତ ଗ୍ରାମରେ ବହୁ ବର୍ଷ ଧରି ଶିରି ପତି ପ୍ରାସ୍କା,ସ୍ତ୍ରୀ ଶିତାଇ ପ୍ରାସ୍କା ଦୁଇ ସନ୍ତାନ କୃତିବାସ ଓ ଶ୍ରାବଣଙ୍କୁ ଧରି ପଲିଥିନ ତଳେ ଜୀବନ ବିତାଉଛନ୍ତି ।ଏହି ପରିବାର ବର୍ତ୍ତମାନ ୮ବର୍ଷ ହେବ କୋଲନି ସାହିରେ ବସବାସ କରୁଛନ୍ତି ।ସେ ଚାଳଛପର ଉପରେ ପଲିଥିନ ପକାଇ ରହିଆସୁଛସନ୍ତି ।ସ୍ୱାମୀ ସ୍ତ୍ରୀ ଦୁହେଁ କୁଲି ବୁର୍ତ୍ତୀ କରି ଯାହା ରୋଜଗାର କରି ଆଉଛନ୍ତି ତାହା ୪ପ୍ରାଣୀକୁ ନିଅଣ୍ଟ । ସେମାନଙ୍କୁ କେବଳ ପିଡ଼ିଏସ ଚାଉଳ ବ୍ୟତୀତ ଅନ୍ୟ କିଛି ସହାୟତା ମିଳିନଥିବା କହିଛନ୍ତି । ଆବାସ ଯୋଜନାରେ ଘର ଖଣ୍ଡିଏ ପାଇଁ ପଞ୍ଚାୟତ ଠାରୁ ବ୍ଲକ ପର୍ଯ୍ୟନ୍ତ ଓ ନେତା ମାନଙ୍କୁ ଗୁହାରି କରି ନୟାନ୍ତ ହୋଇ ଗଲୁ କିନ୍ତୁ ଘର ଖଣ୍ଡେ ମିଳିପାରିନାହିଁ । ଗ୍ରାମାଞ୍ଚଳରେ ଆବାସ ଯୋଜନାର ବହୁ ଦୁର୍ନୀତି ହେଉଛି । ଏହି ଠାରେ ଗରିବ କୁ ଛାଡି ଧନୀ ଲୋକଙ୍କୁ ଘର ପାଇ ଆସିଥିବା ଅଭିଯୋଗ କରିଛନ୍ତି । ଏହି ପରିବାର ଆବାସ ଯୋଜନାରେ ଘର ପାଇବା ପାଇଁ ଯୋଗ୍ୟ ବିବେଚିତ ଥିଲେ ମଧ୍ୟ ଘର ଖଣ୍ଡେ ପାଇପାରୁନାହାନ୍ତି ।ତେଣୁ ବ୍ଲକ ଓ ଜିଲା ପ୍ରଶାସନ ଏଥି ପ୍ରତିଦୃଷ୍ଟି ଦେଇ ଆବାସ ଯୋଜନାରେ ସାମିଲ କରିବା ପାଇଁ ପଞ୍ଚାୟତବାସୀ ଦାବି କରିଛନ୍ତି ।

# କୀଟନାଶକ ଔଷଧ ସେବନକରି ବାଳିକା ଗୁରୁତର ପ୍ରସଙ୍ଗ : ଶବ ରଖି ନ୍ୟାୟ ପାଇଁ ରାସ୍ତା ଅବରୋଧ କଲେ ପରିବାର ଲୋକେ

କଲ୍ୟାଣସିଂହପୁର, ୨୯/୧ (ନି.ପ୍ର): ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ଶିକରପାଇ ପଞ୍ଚାୟତର ଭିତର ଝୋଲା ଗ୍ରାମର ସ୍ୱର୍ଗତ ଜାମା ମିଣିଆକାଙ୍କ ଝିଅ ରଞ୍ଜିତା ମିନିଆକା (୧୬) କୀଟନାଶକ ଔଷଧ ସେବନକରି ଗୁରୁତର ହୋଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚି ଥିଲା । ସୂଚନା ଅନୁଯାୟୀ ୨୨ ତାରିଖ ସକାଳେ ରଞ୍ଜିତ କପା ଗୁଡ଼ିଆ କୁ କପା ତୋଳିବା ପାଇଁ ଯାଇଥିବା ବେଳେ ମା ଲକ୍ଷ୍ମୀ ମିଣିଆକା ପିଡ଼ିଏସ ଚାଉଳ ପାଇଁ ପଞ୍ଚାୟତକୁ ଆସିଥିଲେ । ଝିଅ ଔଷଧ ଖାଇ ଛୋଟପଟ ହେଉଥିବା ଖବର ପାଇ ମାଁ ଚାଉଳ ନ ମାଗୁଣୁ ଘରକୁ ଚାଲିଥିଲେ । ଝିଅ ଘରେ ଥିବା କୀଟନାଶକ ଔଷଧ ଖାଇ ଥିବା ଜାଣି ସଙ୍ଗେ ସଙ୍ଗେ ଏକ ବାଇକରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିବା ବେଳେ ବାଟରେ ଗାଡିର ତେଲ ସରିଯାଇଥିଲା ।ସଙ୍ଗେ ସଙ୍ଗେ ରୋଗିବୁହା ଗାଡି କୁ ଯୋଗାଯୋଗ କରି ପ୍ରାୟ ୧ ଘଣ୍ଟା ସମୟରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ ।ସେଠାରେ ଡାକ୍ତର ଚିନ୍ମୟ ଲିମା ଓ ପ୍ରମୋଦ କୁମାର ମିଶ୍ର ପ୍ରାଥମିକ ଚିକିତ୍ସା କରିବା ପରେ ବାଳିକା ଅବସ୍ଥା ଗୁରୁତ୍ୱ ହୋଇଥିବାରୁ ଜିଲା ସ୍ୱାସ୍ଥ୍ୟ କେନ୍ଦ୍ର କୁ ପଠାଇ ଥିଲେ । ସେହି ଠାରୁ ପୁଣି କୋରାପୁଟ ପଠେଇଥିଲେ ସେଠାରେ ରଞ୍ଜିତା ମୃତ୍ୟୁ ହୋଇଥିଲା। ଉକ୍ତ ମୃତ ଶରୀର କୁ ବ୍ୟବଚ୍ଛେଦ ପରେ ଆଜି ସକାଳେ ଗାଁ ଭିତର ଝୋଲା କୁ ଶବ ପହଞ୍ଚିଲା । ସୂଚନା ଅନୁଯାୟୀ ଗାଁ ମୁଣ୍ଡ ରେ ଶବ ରଖି ହାଇଦ୍ରାବାଦ ର ଏକ ଘରଇ କେ ଏସ ଆର କମ୍ପାନୀ ରେ ଗାଡି ସଜାଡ଼ିବା ମିସ୍ତ୍ରୀ ବା ମେକାନିକ ଅହମଜାଦ ମୁସଲମାନ (୩୨) ଆସାମ ର ଯୁବକ କପା ବାଡ଼ ରେ ବଳାତ୍କାର କରିବାରୁ ବାଳିକା ଲଜ୍ୟା ରୁ ବଞ୍ଚିତ ହେବା ପାଇଁ ବିଷ ପିଇ ଆତ୍ମହତ୍ୟା କରିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଉକ୍ତ ଯୁବକ ବର୍ତ୍ତମାନ ଫେରାର ଥିବା ଜଣାପଡିଛି। ଏ ସମ୍ପର୍କରେ କଲ୍ୟାଣସିଙ୍ଗପୁର ଥାନା ଅଧିକାରୀ ନୀଳକଣ୍ଠ ବେହେରା ଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ବର୍ତ୍ତମାନ ସୁଦ୍ଧା ଥାନାରେ କୌଣସି ଲିଖିତ ଅଭିଯୋଗ ଦେଇ ନାହାଁନ୍ତି। ଲିଖିତ ଅଭିଯୋଗ ନ ଦେଲେ ଘଟଣା ସମ୍ପର୍କରେ ତଦନ୍ତ ହେବ ନାହିଁ। ଉକ୍ତ ଘଟଣା ର କ୍ଷତି ପୂରଣ ପାଇଁ କଲ୍ୟାଣ ସିଂହପୁର ବ୍ଲକ କନ୍ଧକୁଳ ସମାଜ ଉପସ୍ଥିତ ରହି ୨ ଲକ୍ଷ୍ୟ ଟଙ୍କାରେ କ୍ଷତି ପୂରଣ ରୁଜୁ ହୋଇଥିଲେ ଏବଂ ଆଜି ସକାଳ ୧୦ ଘଣ୍ଟାରେ ଶବକୁ ଦାହ କରିଥିଲେ।

# ସ୍ୱର୍ଗତ ଜଗନ୍ନାଥ ରାଉତ ଥିଲେ ଆଞ୍ଚଳିକ ସ୍ୱାସ୍ଥ୍ୟ ପ୍ରବାହର ଭଗିରଥ



ଧାମନଗର, ୨୯/୧ (ନି.ପ୍ର): ସ୍ୱାସ୍ଥ୍ୟ କ୍ଷେତ୍ରରେ ଅନଗ୍ରସର ଥିବା ଧାମନଗର ଅଞ୍ଚଳରେ ସ୍ୱାସ୍ଥ୍ୟ ସେବା ରୂପକ ଗଙ୍ଗା ପ୍ରବାହରେ ସେ ଥିଲେ ଭଗିରଥ। ଧାମନଗରର ପୂର୍ବତନ ବିଧାୟକ, ଓଡ଼ିଶାର ପୂର୍ବତନ ମନ୍ତ୍ରୀ ତଥା ଜନପ୍ରିୟ ନେତା ସ୍ୱର୍ଗତ ଜଗନ୍ନାଥ ରାଉତଙ୍କ ୫ ମ ଶ୍ରାଦ୍ଧବାର୍ଷିକ ଅବସରରେ ବିଭିନ୍ନ ବକ୍ତା ମାନେ ମତବ୍ୟକ୍ତ କରିଛନ୍ତି। ଧାମନଗର ତହସିଲ ସମ୍ମୁଖସ୍ଥ କଲ୍ୟାଣ ମଣ୍ଡପ ପରିସରରେ ଜଗନ୍ନାଥ ସ୍ମୃତି ସଂସଦର ସଭାପତି ବରିଷ୍ଠ ସାମ୍ବାଦିକ ବାସୁଦେବ ତ୍ରିପାଠୀଙ୍କ ସଞ୍ଚାଳନରେ ଅନୁଷ୍ଠିତ ସ୍ମୃତି ସମାରୋହରେ ବାସୁଦେବପୁର ବିଧାୟକ ଅଶୋକ ଦାସ, ଭଦ୍ରକ ମ୍ୟୁନିସପାଲିଟିର ଅଧ୍ୟକ୍ଷା ଗୁଲମୁକି ହବିବ, ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ,ପ୍ରଫୁଲ୍ଲ ସାମଲ, ପୂର୍ବତନ ସାଂସଦ ମୁରଲୀଧର ଜେନା, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ବରିଷ୍ଠ କଂଗ୍ରେସ ନେତା ନାରାୟଣ ପାଢ଼ୀ, ଅତିସ ପଟ୍ଟନାୟକ,ବିଦ୍ୟାଧର ଜେନା, ହୃଦାନନ୍ଦ ସେଠୀ, ରଞ୍ଜନ ବେହେରା ପ୍ରମୁଖ ଯୋଗଦେଇ ସଶ୍ରଦ୍ଧ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଏବିଇଓ ହେମେନ୍ଦ୍ର ମହାନ୍ତି, ଅଧିବକ୍ତା ଦେବାଶିଷ ସାମଲ, ଅମରେନ୍ଦ୍ର ମହାନ୍ତି, ରମେଶ ବେହେରା, ଅଧ୍ୟାପକ ଚିତ୍ତରଞ୍ଜନ ଦାଶ,ଶିକ୍ଷାବିତ ରାମଚନ୍ଦ୍ର ସାହୁ, ରସାନନ୍ଦ ମହାପାତ୍ର, ମହେଶ୍ୱର ସ୍ୱାଇଁ,ନିରାକାର ଧଳ, ହୃଦାନନ୍ଦ କର, କଂଗ୍ରେସ ନେତା ନରେନ୍ଦ୍ର ମଲ୍ଲିକ, ରମଣୀ ରଞ୍ଜନ ଦାଶ, ଦେବାଶିଷ ମହାନ୍ତି, ରାଧାକାନ୍ତ ସାମଲ,ପ୍ରସନ୍ନ ଧଳ,ମାନସ ମହାପାତ୍ର, ପ୍ରମୋଦ ସ୍ୱାଇଁ,ବିଜେଡ଼ି ନଗର ସଭାପତି ସୁଶାନ୍ତ ରାଉତ, ବରିଷ୍ଠ ନାଗରିକ ପରିଷଦ ସଭାପତି ଅନିଲ କୁମାର ବାରିକ, ସମ୍ପାଦକ ଶଚିକାନ୍ତ ପଣ୍ଡା ପ୍ରମୁଖ ଯୋଗଦେଇ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ସ୍ୱର୍ଗତ ରାଉତଙ୍କ ପୁତ୍ର ଅଭିଷେକ ରାଉତ, ପୁତ୍ରବଧୂ ଦୀପିକା ରାଉତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବା ବେଳେ ଧର୍ମପତ୍ନୀ ଡଃ. ବାସନ୍ତୀ ରାଉତ କୃତଜ୍ଞତା ଜ୍ଞାପନ କରିଥିଲେ ।

# ରୌପ୍ୟ ଜୟନ୍ତୀ ସମାରୋହର ସଫଳତାରେ କୃତଜ୍ଞତା ଜ୍ଞାପନ କଲେ ପ୍ରଧାନ ଶିକ୍ଷକ











ବେଗୁନିଆପଡା, ୨୯/୧ (ନି.ପ୍ର): ଦୀର୍ଘ ପଚିଶି ବର୍ଷ ସଫଳତାର ଇତିହାସ ସ୍ୱରୂପ ବଲ୍ଲଭ ନାୟକ ଉଚ୍ଚ ବିଦ୍ୟାଳୟରେ ରୌପ୍ୟ ଜୟନ୍ତୀ ସମାରୋହ ବେଶ ସଫଳତା ପୂର୍ବକ ସମାପନ ହୋଇଥିବା ଯୋଗୁଁ ସ୍ଥାନୀୟ ବିଧାୟକ ଶ୍ରୀ ପ୍ରତାପ ଚନ୍ଦ୍ର ନାୟକଙ୍କୁ ହୃଦୟରୁ କୃତଜ୍ଞତା ଜଣାଇଲେ ବଲ୍ଲଭ ନାୟକ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ତ୍ରିନାଥ ନାହାକ । ଅଂଚଳର ରାଜନୈତିକ ବ୍ୟକ୍ତି ବିଶେଷ,ବୁରୁଝରୀ ପଞ୍ଚାୟତର ସାଧାରଣ ଜନତା, ବିଦ୍ୟାଳୟର ପୂର୍ବତନ ତଥା ବର୍ତ୍ତମାନର ଅଧ୍ୟୟନ ରତ ଛାତ୍ରଛାତ୍ରୀ, ଅଭିଭାବକ, ବୁଦ୍ଧିଜୀବୀ, ଶିକ୍ଷାବିତ ଙ୍କ ସମେତ ବିଶେଷ କରି ବେଗୁନିଆପଡା ବ୍ଲକର ସମସ୍ତ କାର୍ଯ୍ୟରତ ଶିକ୍ଷକଙ୍କୁ ସେମାନଙ୍କ ଅପୂର୍ବ ସହଯୋଗ ପାଇଁ କୃତଜ୍ଞତା ଜଣାଇଲେ ଶ୍ରୀ ନାହାକ । ଏହା ସହ ରାଜ୍ୟ ସରକାରଙ୍କ କ୍ୟାବିନେଟ ମନ୍ତ୍ରୀ ଶ୍ରୀ ବିଭୁତି ଭୂଷଣ ଜେନା, ମାନ୍ୟବର ଆସିକା ସାଂସଦ ଅନିତା ସୁଭଦର୍ଶିନୀ ଙ୍କୁ ସେମାନଙ୍କ ବିଦ୍ୟାଳୟ ପ୍ରତି ଅକୁଣ୍ଠ ସହଯୋଗ କୁ ନେଇ ମଧ୍ୟ ଧନ୍ୟବାଦ ଜଣାଇବା ସହ କୃତଜ୍ଞତା ଜ୍ଞାପନ କରିଛନ୍ତି । ସୂଚନା ଅନୁଯାୟୀ ଡିସେମ୍ବର ମାସ ଚବିଶି ତାରିଖରେ ଏହି ଅନୁଷ୍ଠାନର ରୌପ୍ୟ ଜୟନ୍ତୀ ସମାରୋହ ଆରମ୍ଭ ହୋଇଥିବା ବେଳେ ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ଙ୍କ ବିୟୋଗ ପରେ ଦ୍ୱିତୀୟ ଦିବସ ର କାର୍ଯ୍ୟକ୍ରମ ବନ୍ଦ କରାଯାଇ ସ୍ୱର୍ଗତ ମନମୋହନ ସିଂ ଙ୍କ ଉଦ୍ଦେଶ୍ୟରେ ଶୋକ ପ୍ରକାଶ କରାଯାଇ କାର୍ଯ୍ୟକ୍ରମକୁ ସ୍ଥଗିତ ରଖା ଯାଇଥିଲା । ପରବର୍ତ୍ତୀ ମୁହୂର୍ତ୍ତରେ କବିସୂର୍ଯ୍ୟନଗରର ମାନ୍ୟବର ବିଧାୟକଙ୍କ ଅନୁମୋଦନ କ୍ରମେ ଚଳିତ ମାସ ତେଇଶି ତାରିଖ ଦିନ ନେତାଜୀ ଙ୍କ ଜନ୍ମ ଜୟନ୍ତୀ ଅବସରରେ ଏହି ଉତ୍ସବର ସମାପନ ତଥା ସ୍ୱର୍ଗତ ବଲ୍ଲଭ ନାୟକ ଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଉତ୍ସବ ବେଶ ଧୁମଧାମରେ ପାଳନ କରାଯାଇଥିଲା । ଏହି ସମାରୋହରେ ଶ୍ରୀ ନାୟକ ଯୋଗ ଦେଇ ସ୍ୱର୍ଗତ ନାୟକଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିବା ସହ ଦୀର୍ଘ ତିନି ଦିନ ଧରି ବିଦ୍ୟାଳୟକୁ ନିଜର ବହୁ ମୂଲ୍ୟ ସମୟ ଦେଇଥିବାରୁ ବିଦ୍ୟାଳୟ ତରଫରୁ ତାଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଛି । ଏହା ସହ ବିଦ୍ୟାଳୟର ଏହି କାର୍ଯ୍ୟକ୍ରମରେ ଦକ୍ଷିଣ ଓଡିଶା ସାହିତ୍ୟ ସମ୍ମିଳନୀର ମହା ସଚିବ ଶ୍ରୀ ଦଣ୍ଡପାଣି ମହାପାତ୍ରଙ୍କ ବିପୁଳ ସହଯୋଗ ପାଇଁ ଅନେକ ଶୁଭେଚ୍ଛା ଜଣାଇଛନ୍ତି ପ୍ରଧାନଶିକ୍ଷକ । ଦୀର୍ଘ ପଚିଶି ବର୍ଷର ଲମ୍ବା ସମୟ ମଧ୍ୟରେ ଏହି ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀ, ଅଭିଭାବକ, ରୌପ୍ୟ ଜୟନ୍ତୀ କମିଟିର ସଦସ୍ୟ ବିନାୟକ ନାୟକ, ପ୍ରକାଶ ଚନ୍ଦ୍ର ଜେନା, ନୀଳାଞ୍ଚଳ ସାହୁ, ବାଦଲ ଜେନା ଏବଂ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଖବର ପରିବେଷଣ କରିଥିବା ସାମ୍ବାଦିକ ବନ୍ଧୁ ମାନଙ୍କୁ ନିଜର କୃତଜ୍ଞତା ଜଣାଇଥିଲା ପ୍ରଧାନ ଶିକ୍ଷକ । ଏହା ସହ ଚଳିତ ସାଧାରଣତନ୍ତ୍ର ଦିବସରେ ବିଦ୍ୟାଳୟର କର୍ତୃପକ୍ଷ, ଛାତ୍ର ଛାତ୍ରୀ, ସହପାଠୀ, ବୁଦ୍ଧିଜୀବୀ, ସମାଜସେବୀ,ସମସ୍ତ ବର୍ଗର ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କୁ ଶୁଭେଚ୍ଛା ଏବଂ ଶୁଭକାମନା ଯାଇଥିଲେ ଶ୍ରୀ ନାହାକ ।

# ଲକ୍ଷ୍ମୀନାରାୟଣ ସ୍ନାତକ ମହାବିଦ୍ୟାଳୟରେ ଜାତୀୟ ମତଦାନ ଦିବସ ପାଳିତ



କୋଦଳା, ୨୯/୧ (ନି.ପ୍ର): ଶନିବାର ଦିନ କୋଦଳା ସ୍ଥିତ ଲକ୍ଷ୍ମୀନାରାୟଣ ସ୍ନାତକ ମହାବିଦ୍ୟାଳୟରେ ଜାତୀୟ ମତଦାନ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ ରଘୁନାଥ ମୁଦୁଲି ଆରମ୍ଭ କରି ଜାତୀୟ ମତଦାନ ଦିବସର ମହାନତା ଉପରେ ବର୍ଣ୍ଣନା କରିଥିଲେ। ଇତିହାସ ବିଭାଗର ବିଭାଗୀୟ ମୁଖ୍ୟ ବିନୋଦ କୁମାର ମିଶ୍ର, ଓଡ଼ିଆ ବିଭାଗୀୟ ମୁଖ୍ୟ ରଞ୍ଜୁବାଳା ନନ୍ଦ, ନାକ୍ ସଂଯୋଜକ ତଥା ଅର୍ଥନୀତି ବିଭାଗୀୟ ମୁଖ୍ୟ ଡକ୍ଟର ବିଷ୍ଣୁନାରାୟଣ ସେଠୀ ଆଦି ସମ୍ମାନନୀୟ ଅତିଥି ଭାବେ ଯୋଗଦାନ କରି ଆଜିର ଦିବସର ଗୁଣଗାନ ସହ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଥିଲେ। କାର୍ଯ୍ୟକ୍ରମରେ ଏକ ଶପଥ ପାଠ ଉତ୍ସବ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା ହୋଇଥିଲା। କେତେକ ଛାତ୍ର ଛାତ୍ରୀ ମତଦାନ ଦିବସ ସମ୍ପର୍କରେ ନିଜର ବକ୍ତବ୍ୟ ରଖିଥିଲେ। ପରିଶେଷରେ ଇତିହାସ ବିଭାଗର ଅଧ୍ୟାପକ ଶ୍ରୀମାନ ସପନ କୁମାର ଦାଶଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ କରାଯାଇ ମୁଖ୍ୟ ଅତିଥିଙ୍କ ଦ୍ୱାରା ସଭା ସାଙ୍ଗ କରାଯାଇଥିଲା।

# ସଂପାଦକୀୟ

## ମଦମୁକ୍ତ ହେଉ ଓଡ଼ିଶା

ଯେଉଁ ଓଡ଼ିଶାର କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେଓ ପ୍ରଥମ ପ୍ରଧାନମନ୍ତ୍ରୀ ହୋଇଥିଲେ ଓ ପରବର୍ତୀ ସମୟରେ ବିଶ୍ୱନାଥ ଦାସ, ହରେକୃଷ୍ଣ ମହତାବ, ନବକୃଷ୍ଣ ଚୌଧୁରୀ ଆଦି ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ହୋଇଥିଲେ, ସେମାନଙ୍କର ଏହି ରାଜ୍ୟ ଗଢ଼ିବାରେ ଅଶେଷ ଅବଦାନ ଥିଲା ଏବଂ ଆମେ ସେମାନଙ୍କ ନିକଟରେ ଚିର କୃତଜ୍ଞ। ସେହି ରାଜ୍ୟରେ ବିଜେଡି ସରକାର ୨୦ ବର୍ଷରୁ ଅଧିକ କାଳ ଶାସନ କରିବାର ସୌଭାଗ୍ୟ ଲାଭ କରିଛି। ଏହି ସୁଦୀର୍ଘ କାଳ ମଧ୍ୟରେ ରାଜ୍ୟ ସରକାର କେତେକ ମଙ୍ଗଳକର କାର୍ଯ୍ୟ କରୁଛନ୍ତି। କିନ୍ତୁ ଗତ ଦୁଇ ଦଶାନ୍ଧୀ ମଧ୍ୟରେ ରାଜ୍ୟ ଶାସନର ଦାୟିତ୍ୱରେ ଥିବା ଭିତରେ ରାଜ୍ୟରେ ମଦ ଆଦି ନିଶା ୨୦ ଗୁଣରୁ ଅଧିକ ବଢ଼ିଛି। ଏହା ଫଳରେ ଲକ୍ଷାଧିକ ଲୋକ ସଡ଼କ ଦୁର୍ଘଟଣାରେ ମରୁଛନ୍ତି। ପଡୋଶୀ ରାଜ୍ୟ ବିହାରରେ ରାଜ୍ୟ ସରକାର ମଦମୁକ୍ତ ବିହାର ଗଢ଼ି ତୋଳିବାରେ ସଫଳ ହୋଇଥିବାବେଳେ ଆମେ କିନ୍ତୁ ପଛରେ ପଡିଛୁ। ରାଜ୍ୟ ସରକାର ମଦରୁ ଅଧିକ ରାଜସ୍ୱ କମାଉଥିବାରୁ ଏହାକୁ ବ୍ୟାନ୍ କରିବାକୁ ପଛଘୁଂଚା ଦେଉଛନ୍ତି। କିଛିବର୍ଷ ମଦ୍ୟାସକ୍ତ ହେବା ପରେ ମଧୁମେହ ହୁଏ ଏବଂ ତା'ରି ଫଳରେ ଲୋକେ ରୋଗ ପ୍ରତିରୋଧ ଶକ୍ତି ହରାନ୍ତି। ପରିଣାମ ସ୍ୱରୂପ ହୃତ୍‌ଘାତ ଓ ନାନା ପ୍ରକାର କର୍କଟ ରୋଗରେ ସେମାନେ ତରୁଣ ବୟସରେ ପ୍ରାଣ ହରାନ୍ତି। ଏଭଳି ଲକ୍ଷ ଲକ୍ଷ ଅଧା ବୟସରେ ମରୁଥିବା ଲୋକଙ୍କ ଖବର କେହି ରଖନ୍ତି ନାହିଁ। ଗତ ୨୦ବର୍ଷ ମଧ୍ୟରେ ଏଭଳି ଭାବରେ ପ୍ରାୟ ୧୦ ଲକ୍ଷରୁ ଅଧିକ ଯୁବତୀ ଅଳ୍ପ ବୟସରୁ ବିଧବା ହେବା ତା'ର ପ୍ରମାଣ। ପଶ୍ଚିମ ଓଡ଼ିଶାରେ ଅନେକ ଗାଁରେ ଏଭଳି କାରଣରୁ ଏତେ ଯୁବତୀ ବିଧବା ହୋଇଛନ୍ତି ଯେ କେତେ ଗାଁରେ ବିଧବା ପଡ଼ା ବି ଦେଖିବାକୁ ମିଳେ। ଏବେ ନାରୀମାନଙ୍କୁ ସଶକ୍ତ କରିବା ଓ ଯୁବକମାନଙ୍କର ଦକ୍ଷତା ବୃଦ୍ଧି ଲାଗି ବହୁ ଯୋଜନା ଚାଲିଛି। କିନ୍ତୁ ମଦ୍ୟପ ପରିବାରର ନାରୀ ସଶକ୍ତ ହେବା ତ ଦୂରର କଥା; ପ୍ରତି ରାତିରେ ମାଡ଼ ଖାଏ, ତା'ର ପିଲାମାନେ ବାଲୁଙ୍ଗା ହୁଅନ୍ତି ଓ ଘରୁ ଲକ୍ଷ୍ମୀ ବିଦାୟ ନିଅନ୍ତି ଏବଂ ପରିବାର ଉଜୁଡ଼େ। ଯେଉଁ ଯୁବକମାନେ ମଦ୍ୟାସକ୍ତ ହୋଇଯାଆନ୍ତି, ସେମାନେ ସବୁ ପ୍ରକାର ଦକ୍ଷତା ହରାଇ ଥାଆନ୍ତି। ଏହାରି ଫଳରେ ସ୍ୱତନ୍ତ୍ର ଉତ୍କଳ ଗଠନର ୮୫ ବର୍ଷ ପରେ ଓ ସ୍ୱାଧୀନତାପ୍ରାପ୍ତିର ୭୪ବର୍ଷ ଅନ୍ତେ ବି ଓଡ଼ିଶା ଏକ ଅଭାବଗ୍ରସ୍ତ ଓ ଦାଦନ ଶ୍ରମିକର ରାଜ୍ୟ ଭାବରେ ବିବେଚିତ। ମଦ ଭଳି ସର୍ବନାଶୀ ପାପର ଅବସାନ ଲାଗି ମହାତ୍ମା ଗାନ୍ଧୀ ସ୍ୱାଧୀନତା ପ୍ରାପ୍ତିର ୨୪ ଘଂଟା ମଧ୍ୟରେ ଦେଶ ନିଶାମୁକ୍ତ ହେବା କଥା କହୁଥିଲେ। ତାଙ୍କ ୧୫୦ ବର୍ଷ ଜୟନ୍ତୀ ପାଳନ କାଳରେ ଭାରତୀୟ ସମ୍ବିଧାନର ମୁଖବନ୍ଧରେ ଅହିଂସା ଶବ୍ଦ ସ୍ଥାନିତ ହେବା ପାଇଁ ଆପଣ ପ୍ରସ୍ତାବ ଦେଇଥିଲେ। କିନ୍ତୁ ମଦ ଆଦି ନିଶା ଯେ ସବୁ ପ୍ରକାର ହିଂସାର ମଞ୍ଜି ଏକଥା କିଏ ନଜାଣେ? ଏବେ ଯେଉଁ ଗଣଧର୍ଷଣ, ଧର୍ଷଣ ଓ ହତ୍ୟା ଜଘନ୍ୟ ଆଦି ଖବର ସବୁଦିନ ଗଣମାଧ୍ୟମରେ ପ୍ରକାଶିତ ହୁଏ, ତାହା ପଛରେ ରହିଛି ନିଶା। ମଦର ସର୍ବନାଶୀ ଭୂମିକାକୁ ଅନୁଭବ କରି ଓଡ଼ିଶାର ଚିରସ୍ମରଣୀୟ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ୧୯୫୬ ମସିହାରୁ ନିଶା ନିବାରଣ ଆଇନ ଓଡ଼ିଶା ବିଧାନସଭାରେ ପାରିତ କରାଇଥିଲେ; ଯାହାକି ରାଷ୍ଟ୍ରପତିଙ୍କ ସ୍ୱୀକୃତି ପାଇ ମଧ୍ୟ ଏପର୍ଯ୍ୟନ୍ତ ପଡ଼ିରହିଛି। ତାହାକୁ ତୁରନ୍ତ କାର୍ଯ୍ୟକାରୀ କରିବା ଲାଗି ୨୦୧୫ ମସିହାରେ ପ୍ରାୟ ୧୦ ଲକ୍ଷ ଲୋକଙ୍କ ଦସ୍ତଖତ ଥିବା ନିବେଦନ ପତ୍ର ପଠାଯାଇଥିଲା। ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। କିନ୍ତୁ ଇତି ମଧ୍ୟରେ ବହୁବର୍ଷ ବିତିଗଲେ ବି ରାଜ୍ୟ ସରକାର ଏ ଦିଗରେ ନୀରବ। ସ୍ୱତନ୍ତ୍ର ଓଡ଼ିଶା ଦିବସରେ ଆପଣ ସ୍ୱତନ୍ତ୍ର ଉତ୍କଳର ପୂର୍ବୋକ୍ତ ସ୍ରଷ୍ଟାମାନଙ୍କ ପ୍ରତିକୃତିରେ ପୁଷ୍ପମାଲ୍ୟ ଦିଅନ୍ତି। ସେମାନେ ଖାଲି ସ୍ୱତନ୍ତ୍ର ଉତ୍କଳ ଚାହିଁନଥିଲେ; ସ୍ୱପ୍ନ ଦେଖିଥିଲେ ସମୃଦ୍ଧ ଓ ଗୌରବମଣ୍ଡିତ ଉତ୍କଳର। ଆପଣ ଆଗାମୀ ବର୍ଷକ ମଧ୍ୟରେ ଓଡ଼ିଶାକୁ ନିଶାମୁକ୍ତ କଲେ ସେହି ମହାନ ଜାତିପ୍ରାଣମାନଙ୍କ ସ୍ୱପ୍ନ ସାକାର ହେବ ଓ ଓଡ଼ିଶାର ନିୟୁତ ନିୟୁତ ମାଆମାନଙ୍କର ଆଖିରୁ ଲୁହ ଶୁଖିବ ଏବଂ ପିଲାଙ୍କ ମୁହଁରେ ହସ ଫୁଟିବ।

# ଜୀବନ ବଂଚାଉଛି 'ଗୁଡ୍ ସମାରିଟାନ ପଲିସି'

**ଅଭୟ କୁମାର ଦାସ**

ଦୁର୍ଘଟଣାରେ ଆହତ ହୋଇ ଛଟପଟ ହେଉଥିଲେ ମଧ୍ୟ, କେହି ଦେଖି ନଥିଲେ। ଏମିତି କି ଘଟଣାସ୍ଥଳରେ ଉପସ୍ଥିତ ଲୋକଙ୍କ ଅବହେଳା ଯୋଗୁଁ ଆହତ ଲୋକ ଠିକ୍ ସମୟରେ ଡାକ୍ତରଖାନାରେ ପହଂଚି ନ ପାରି ଆଖି ବୁଜି ଦେଉଥିବାର ଅନେକ ଘଟଣା ମାନବିକତା ପ୍ରତି ପ୍ରଶ୍ନ ଉଠାଉଥିଲା। କିଛି ସ୍ଥାନରେ ଦୁର୍ଘଟଣାରେ ଆହତ ବ୍ୟକ୍ତି ଛଟପଟ ହେଉଥିବାବେଳେ କିଛି ଲୋକ ଭିଡିଓ ଉତୋଳନ କରୁଥିବା ବେଳେ ସାଧାରଣ ମାନବିକତା ଭୁଲିଯାଇଥାନ୍ତି। ସେମାନଙ୍କୁ ସାହାଯ୍ୟ କରିବା ପରିବର୍ତେ ସୋସିଆଲ ମିଡିଆରେ ଏହି ଭିଡିଓକୁ ଅପ୍‌ଲୋଡ୍ କରି ପଇସା ରୋଜଗାର କରିବାକୁ ଚିନ୍ତା ମଧ୍ୟ କରନ୍ତି। କିନ୍ତୁ ଏବେ ପରିସ୍ଥିତି ବଦଳିଛି, ବହୁତ ସମୟରେ ଏବେ ଭଲ ଖବର ଆସୁଛି। ନେତା ହୁଅନ୍ତୁ କି ମନ୍ତ୍ରୀ ଅବା ପ୍ରଶାସକ ତାଙ୍କ ସାମ୍ନାରେ ଆହତ ଅବସ୍ଥାରେ ପଡ଼ିଥିବା ଲୋକକୁ ଅଣଦେଖା ନକରି ସେମାନଙ୍କୁ ପ୍ରଥମେ ଡାକ୍ତରଖାନାରେ ପହଂଚାଉଛନ୍ତି। ଦୁର୍ଘଟଣାରେ ଆହତ ଲୋକଙ୍କୁ ତୁରନ୍ତ ଡାକ୍ତରଖାନାରେ ପହଂଚାଇବା ପାଇଁ ତିନିବର୍ଷ ପୂର୍ବେ ଆରମ୍ଭ ହୋଇଥିବା ଗୁଡ୍ ସମାରିଟାନ ପଲିସି ଏ ଦିଗରେ ବେଶ ସହାୟକ ହୋଇଛି।

ଦିନଥିଲା ଯେତେବେଳେ ଆହତ ବ୍ୟକ୍ତିଙ୍କୁ ଡାକ୍ତରଖାନା ନେଲେ ତାହା ପୁଲିସ ମାମଲା କହି ଚିକିତ୍ସା ଆରମ୍ଭ ହେଉ ନଥିଲା। ଆଉ ଆହତଙ୍କୁ ଡାକ୍ତରଖାନା ନେଇଥିବା ବ୍ୟକ୍ତି ପୁଲିସ ମାମଲାରେ ଛନ୍ଦି ହୋଇ ଯନ୍ତ୍ରଣା ଭୋଗିବାକୁ ପଡୁଥିଲା। ଏହାକୁ ଦୃଷ୍ଟିରେ ରଖି ଓଡ଼ିଶା ପରିବହନ ବିଭାଗ ୨୦୧୮ରେ ଗୁଡ୍ ସମାରିଟାନ ପଲିସି ପ୍ରଚଳନ କରିଥିଲା। ଏଥିରେ ଥିବା ବ୍ୟବସ୍ଥା ଅନୁସାରେ ଆହତଙ୍କୁ ଡାକ୍ତରଖାନାରେ ପହଂଚାଇ ଥିବା ବ୍ୟକ୍ତିଙ୍କୁ କୌଣସି ପରିସ୍ଥିତିରେ ହଇରାଣ କରାଯାଇ ପାରିବ ନାହିଁ। ଆହତଙ୍କୁ ଡାକ୍ତରଖାନା ପହଂଚାଇବା ପରେ ସେ ନିଜ ଇଚ୍ଛାରେ ସେଠାରୁ ଆସିପାରିବେ। ପୁଲିସ ମାମଲାରେ ତାଙ୍କ ନାମ ରହିବ ନାହିଁ। ଆହତଙ୍କ ପରିବହନ କିମ୍ବା ଚିକିତ୍ସା ପାଇଁ ଯଦି ସେ ହାତରୁ ଅର୍ଥ ଖର୍ଚ୍ଚ କରିଥିବେ ତାହା ସରକାର ଭରଣା କରିବେ। ସରକାରୀ ହେଉ ଅବା ଘରୋଇ ଡାକ୍ତରଖାନା ଅବିଳମ୍ବେ ଆହତଙ୍କ ଚିକିତ୍ସା ଆରମ୍ଭ କରିବା ପାଇଁ ବାଧ୍ୟ। ଏହାର ଖିଲାପ କଲେ କାର୍ଯ୍ୟାନୁଷ୍ଠାନ ବ୍ୟବସ୍ଥା ରହିଛି। କେବଳ ଏତିକି ନୁହେଁ ୨ହଜାର ଟଙ୍କା ପୁରସ୍କାର ସହ ପ୍ରଶଂସା ପତ୍ର ମଧ୍ୟ ପରିବହନ ବିଭାଗ ଦେବ। ନିୟମ କୋହଳ ହେବା ପରେ ଅନେକ ସହୃଦୟ ବ୍ୟକ୍ତି ଆହତଙ୍କୁ ନିଜ ଉଦ୍ୟମରେ ଡାକ୍ତରଖାନା ପହଂଚାଉଥିବା ଦେଖାଯାଇଛି। ପରିବହନ କମିସନରଙ୍କ କାର୍ଯ୍ୟାଳୟ ଏପରି ଦାୟିତ୍ୱ ସମ୍ପନ୍ନ ତଥା ସହୃଦୟ ନାଗରିକଙ୍କ ଫଟୋ ଟ୍ୱିଟ୍ କରି ସେମାନଙ୍କୁ ଉତ୍ସାହିତ କରୁଛି। ତେବେ ଏଥିରେ ବଡ଼ ବଡ଼ିଆ ଲୋକ ବି ପଛରେ ନାହାନ୍ତି। ନିକଟରେ ମନ୍ତ୍ରୀ ଟୁକୁନି ସାହୁ ନିଜ ଗାଡ଼ିରେ ଜଣେ ଆହତଙ୍କୁ ଡାକ୍ତରଖାନା ପହଂଚାଇଥିଲେ। କିଛିଦିନ ପୂର୍ବେ ମୁଖ୍ୟମନ୍ତ୍ରୀଙ୍କ ସଚିବ ଭି.କେ.ପାଣ୍ଡିଆନ ପୁରୀ ଗସ୍ତରେ ଯାଉଥିବା ସମୟରେ ଦୁର୍ଘଟଣାରେ ଆହତ ହୋଇ ରାସ୍ତା କଡ଼ରେ ପଡ଼ିଥିବା ଜଣେ ଯୁବତୀଙ୍କୁ ଉଦ୍ଧାର କରିବା ସହ ନିଜ ଗାଡ଼ିରେ ଡାକ୍ତରଖାନା ପହଂଚାଇଥିଲେ। ସେହିପରି ଭଦ୍ରକ ଏସ୍‌ପି ଚରଣ ସିଂ ମୀନା ଦୁଇ ଆହତଙ୍କୁ ଉଦ୍ଧାର କରି ନିଜ ଗାଡ଼ିରେ ଡାକ୍ତରଖାନା ନେଇଥିଲେ। ଗତ ମାସ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ପିପିଲି ନିକଟରେ ଆହତଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲ ନେଇଥିଲେ। ଅନେକ ଆରଟିଓ କର୍ମଚାରୀ ମଧ୍ୟ ଏହି ମହତ କାର୍ଯ୍ୟରେ ସାମିଲ ହୋଇଛନ୍ତି। ଏହି ଅଭିଯାନକୁ ଅଧିକ ବ୍ୟାପକ କରିବା ପାଇଁ ପରିବହନ ବିଭାଗ ଏହି ଦାୟିତ୍ୱବାନ ନାଗରିକଙ୍କ ଫଟୋ ନିଜ ଟ୍ୱିଟ୍‌ର ଆକାଉଣ୍ଟରେ ସେୟାର କରି ସେମାନଙ୍କ ମନୋବଳ ବୃଦ୍ଧି କରୁଛି। ଏହା ନା କେବଳ କାହାକୁ ଅକାଳ ମୃତ୍ୟୁ ମୁଖରୁ ରକ୍ଷା କରୁଛି ବରଂ ଅନ୍ୟମାନଙ୍କୁ ଏହି ମହତ କାର୍ଯ୍ୟରେ ସାମିଲ ହେବା ପାଇଁ ପ୍ରେରଣା ଯୋଗାଉଛି।

*ଗୋଠରା, ମାହାଙ୍ଗା, କଟକ*

# ଆଦିବାସୀଙ୍କ ଅଧିକାର କେତେ ସୁରକ୍ଷିତ ?

**ମୃତ୍ୟୁଞ୍ଜୟ ଷଡଙ୍ଗୀ**

ଆଦିବାସୀ ହେଉଛନ୍ତି ଆମ ସଭ୍ୟତାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ବର୍ତମାନ ବିଶ୍ୱର ୭୦ଟି ଦେଶରେ ୩୭ କୋଟିରୁ ଅଧିକ ଆଦିବାସୀ ବସବାସ କରୁଛନ୍ତି। ଆମ ଦେଶର ଜନସଂଖ୍ୟାର ପ୍ରାୟ ଆଠ ଭାଗ ହେଉଛନ୍ତି ଆଦିବାସୀ। ଆମ ରାଜ୍ୟର ବି ପ୍ରତି ଚାରି ଜଣରେ ଜଣେ ଅର୍ଥାତ୍ ପ୍ରାୟ ଏକ ଚତୁର୍ଥାଂଶ (୨୦୧୧ ଜନଗଣନା ଅନୁଯାୟୀ ୨୨.୮୫%) ଜନସଂଖ୍ୟା ହେଉଛନ୍ତି ଆଦିବାସୀ, ଯାହାକି ଦେଶର ମୋଟ ଆଦିବାସୀଙ୍କ ୯.୧୭%। ଯଦିଓ ରାଜ୍ୟରେ ସରକାରୀ ଭାବେ ୧୩ଟି ଆଦିମ ଜନଜାତି ସମେତ ୬୨ଟି ଆଦିବାସୀ ସମ୍ପ୍ରଦାୟଙ୍କୁ ହିଁ ଅନୁସୂଚୀତ ଜନଜାତିର ସ୍ୱୀକୃତି ଦିଆଯାଇଛି। ଏମାନଙ୍କ ବ୍ୟତିତ ମାଲକାନଗରୀର କୋଣ୍ଡାଦୋରା, ଗଜପତିର ଶୁଦ୍ଧ ଶବର, ରାୟଗଡ଼ାର ଝୋଡ଼ିଆ, ଅନୁଗୋଳର କାନ୍ଧିଆ ପରି ଆହୁରି ଅନେକ ଆଦିବାସୀ ସମ୍ପ୍ରଦାୟ ରହିଛନ୍ତି ଯେଉଁମାନେ ଆଜିଯାଏଁ ଆଦିବାସୀ ରୂପେ ସରକାରୀ ସ୍ୱୀକୃତି ପାଇପାରି ନାହାଁନ୍ତି।

ତେବେ ବିଶ୍ୱରେ ଏତେ ସଂଖ୍ୟାରେ ଆଦିବାସୀ ବସବାସ କରୁଥିଲେ ମଧ୍ୟ ସେମାନେ ସମାଜରେ ସର୍ବାଧିକ ଶୋଷିତ, ଅବହେଳିତ ଓ ନିର୍ଯ୍ୟାତିତ ହୋଇ ଜୀବନ ଯାପନ କରୁଛନ୍ତି। ଜଙ୍ଗଲ ପାହାଡ଼ରେ, ପ୍ରକୃତିର କୋଳରେ ପୀଢ଼ି ପୀଢ଼ି ଧରି ବସବାସ କରୁଥିବା ଆଦିବାସୀମାନଙ୍କ ଅସ୍ତିତ୍ୱ ଆଜି ବିଭିନ୍ନ କାରଣରୁ ବିପନ୍ନ ହେବାକୁ ବସିଛି। ସାମ୍ରାଜ୍ୟବାଦୀ ବିକାଶର ବିପଜ୍ଜନକ ଅଭିଯାନ ଆଦିବାସୀଙ୍କ ଜଙ୍ଗଲ ଓ ପରିବେଶକୁ ଧ୍ୱଂସ କରି ସେମାନଙ୍କୁ ଉଦ୍‌ବାସ୍ତୁ କରିବାରେ ଲାଗିଥିବା ବେଳେ ସେମାନଙ୍କ ପ୍ରକୃତି କୈନ୍ଦ୍ରିକ ସଂସ୍କୃତି, ଭାଷା ଓ ଧର୍ମ ଆଜି ସଙ୍କଟର ସମ୍ମୁଖୀନ ହୋଇଛି। ଆଣ୍ଡାମାନର ଜାରଓ୍ୱା, ଓଡ଼ିଶାର ମାଙ୍କଡ଼ିଆ ପରି ବିଶ୍ୱରେ ଅନେକ ଆଦିବାସୀ ସମ୍ପ୍ରଦାୟ ଓ ସେମାନଙ୍କ ଭାଷା ଧିରେ ଧିରେ ବିଲୁପ୍ତି ହେବାରେ ଲାଗିଛି। ବିଶ୍ୱରେ ଆଦିବାସୀମାନଙ୍କ ଏହି ସଙ୍କଟମୟ ସ୍ଥିତିକୁ ହିଁ ଲକ୍ଷ୍ୟ କରି ମିଳିତ ଜାତିସଂଘ ୧୯୯୪ ମସିହାରୁ ପ୍ରତିବର୍ଷ ଅଗଷ୍ଟ ୯ ତାରିଖକୁ ବିଶ୍ୱ ଆଦିବାସୀ ବା ଆଦିମ ଜନଜାତି ଦିବସ ରୂପେ ପାଳନ କରି ଆସୁଛି।

ଆମ ଦେଶରେ ଆଦିବାସୀଙ୍କ ଇତିହାସ ହେଉଛି ଶାସକ ଶ୍ରେଣୀଙ୍କ ଦ୍ୱାରା ଶୋଷଣ, ଦମନ ତଥା ଅତ୍ୟାଚାରର ଇତିହାସ। ଆମ ସମାଜରେ ଅର୍ଥନୈତିକ ଭାବେ ଶୋଷିତ, ସାମାଜିକ ଭାବେ ନିର୍ଯ୍ୟାତିତ ଓ ବିକାଶର ମାପକାଠିରେ ଅବହେଳିତ ଆଦିବାସୀମାନେ ଅତ୍ୟନ୍ତ ଦାରିଦ୍ର୍ୟ, ଅବହେଳା ଓ ପଶ୍ଚାଦପଦତାର ବୋଝ ତଳେ ବଂଚିବାକୁ ବାଧ୍ୟ ହେଉଛନ୍ତି। ପ୍ରଥମେ ସାମନ୍ତବାଦୀ ବ୍ୟବସ୍ଥାରେ ଆଦିବାସୀମାନେ ରାଜା ଓ ଜମିଦାରଙ୍କ ଦ୍ୱାରା ଶୋଷିତ ତଥା ଅତ୍ୟାଚାରିତ ହୋଇ ଆସିଥିଲେ। ତେବେ ବ୍ରିଟିଶମାନଙ୍କ ଆଗମନ ପରେ ସେମାନଙ୍କ ଉପରେ ଶୋଷଣ ଓ ଅତ୍ୟାଚାରର ମାତ୍ରା ବହୁଗୁଣରେ ବଢ଼ିଯାଇଥିଲା। ଦେଶର ବିଶାଳ ଜଙ୍ଗଲ ସମ୍ପଦକୁ ଲୁଟ୍ କରିବା ଲକ୍ଷ୍ୟରେ ବ୍ରିଟିଶମାନେ ହିଁ ସର୍ବପ୍ରଥମେ ୧୮୬୫ ମସିହାରେ ଜଙ୍ଗଲ ବିଭାଗ ଗଠନ କରି ଆଦିବାସୀମାନଙ୍କୁ ଜଙ୍ଗଲ ଉପରେ ଥିବା ସେମାନଙ୍କ ପାରମ୍ପାରିକ ଅଧିକାରରୁ ବଂଚିତ କରିଥିଲେ। ପରବର୍ତି ସମୟରେ ୧୮୯୪ ମସିହାର ଔପନିବେଶିକ ଜମି ଅଧିଗ୍ରହଣ ଆଇନ 'ବିକାଶ'ର ନାଁରେ ଆଦିବାସୀଙ୍କୁ ସେମାନଙ୍କ ଭିଟାମାଟିରୁ ବଳପୂର୍ବକ ଉଦ୍‌ବାସ୍ତୁ କରିବାର ବାଟ ଖୋଲିଥିଲା। ଆଦିବାସୀ ଅଂଚଳଗୁଡ଼ିକୁ ନିଜର ଆଇନଗତ ଓ ପ୍ରଶାସନିକ ନିୟନ୍ତ୍ରଣ ଭିତରକୁ ଆଣିବାକୁ ବ୍ରିଟିଶମାନେ ଅତ୍ୟନ୍ତ ସୁନିୟୋଜିତ ଭାବେ ସମତଳ ଅଂଚଳରୁ ବହୁସଂଖ୍ୟାରେ ଅଣଆଦିବାସୀ ସମ୍ପ୍ରଦାୟର ସାହୁକାର ଏବଂ ସୁଧଖୋର ମହାଜନ ଓ କର୍ମଚାରୀମାନଙ୍କୁ ଆଦିବାସୀ ବହୁଳ ଅଂଚଳରେ ଅନୁପ୍ରବେଶର ବ୍ୟବସ୍ଥା କରିଥିଲେ। ଏହାଦ୍ୱାରା ସେମାନଙ୍କ ଉପରେ ଶୋଷଣ ତଥା ଅତ୍ୟାଚାରର ମାତ୍ରା ବୃଦ୍ଧି ପାଇଯାଇଥିଲା।

ତେବେ ନିଜର କ୍ଷମତା ଓ ନ୍ୟସ୍ତସ୍ୱାର୍ଥ ପାଇଁ ବ୍ରିଟିଶ ଶାସନ ଆଗରେ ଦେଶର ଅଧିକାଂଶ ସାମନ୍ତବାଦୀ ରାଜା, ମହାରାଜା ଓ ଜମିଦାର ଆତ୍ମସମର୍ପଣ କରିଥିବା ବେଳେ ଆଦିବାସୀମାନେ କିନ୍ତୁ ପ୍ରଥମରୁ ତାର ଦୃଢ଼ ପ୍ରତିରୋଧ କରିଥିଲେ। ଦେଶର ମୁଖ୍ୟଭୂମିରେ ବିଧିବଦ୍ଧ ସ୍ୱାଧୀନତା ସଂଗ୍ରାମ ଆରମ୍ଭ ହେବାର ଅନେକ ପୂର୍ବରୁ ଔପନିବେଶିକ ଶାସନ ବିରୁଦ୍ଧରେ ଆଦିବାସୀମାନଙ୍କ ସଶସ୍ତ୍ର ବିଦ୍ରୋହ ଆରମ୍ଭ ହୋଇଯାଇଥିଲା। ଜମି ଓ ଜଙ୍ଗଲ ଉପରେ ଥିବା ପାରମ୍ପରିକ ଅଧିକାରର ସୁରକ୍ଷା ପାଇଁ ୧୮୦୮ ରୁ ୧୯୪୨ ମଧ୍ୟରେ ଦେଶର ବିଭିନ୍ନ ପ୍ରାନ୍ତରେ ତୀଲକା ମାଝୀ, ବୀରସା ମୁଣ୍ଡା, ସିଦ୍ଧୁ-କାନ୍ହୁ, ଆଲୁରୀ ସୀତାରାମ ରାଜୁ, କୋମରାମ୍ ଭୀମ୍, ଚକରା ବିଷୋୟୀ, ରିନ୍ଦୋ ମାଝୀ, ଲକ୍ଷ୍ମଣ ନାୟକ, ଧରଣୀଧର ଭୂୟାଁଙ୍କ ପରି ଅନେକ ଆଦିବାସୀ ଯୋଦ୍ଧାଙ୍କ ନେତୃତ୍ୱରେ ଆଦିବାସୀମାନଙ୍କ ବଡ଼ ବଡ଼ ବିଦ୍ରୋହ ସବୁ ସଙ୍ଗଠିତ ହୋଇଥିଲା। ଏସବୁ ଆନ୍ଦୋଳନମାନଙ୍କରେ ଲକ୍ଷ ଲକ୍ଷ ସଂଖ୍ୟାରେ ଆଦିବାସୀ ବୀରତ୍ୱର ସହ ଭାଗ ନେଇ ପ୍ରାଣବଳୀ ଦେଇଥିଲେ।

ଦେଶର ସ୍ୱାଧୀନତା ଆନ୍ଦୋଳନରେ ଆଦିବାସୀମାନଙ୍କ ବିପୁଳ ତ୍ୟାଗ ଓ ବଳିଦାନ ସତ୍ତ୍ୱେ ୧୯୪୭ ମସିହାରେ ବ୍ରିଟିଶମାନେ ଯିବା ପରେ ବି ତଥାକଥିତ ଦେଶୀ ଶାସନରେ ସେମାନଙ୍କ ସ୍ଥିତିରେ କୌଣସି ଆଖିଦୃଶିଆ ପରିବର୍ତନ ଦେଖିବାକୁ ମିଳିଲାନି। ବ୍ରିଟିଶମାନଙ୍କ ଦ୍ୱାରା ଅପହୃତ ସେମାନଙ୍କ ଜଙ୍ଗଲ ଅଧିକାର ତ ଫେରିଲାନି ବରଂ ତାକୁ ଆହୁରି କଡ଼ାକଡ଼ି କରାଗଲା। ଏପରିକି ଆଦିବାସୀଙ୍କ ଦୀର୍ଘ ଲଢ଼େଇର ଫଳସ୍ୱରୂପ ସରକାର କରିଥିବା ଜଙ୍ଗଲ ଅଧିକାର ଆଇନ - ୨୦୦୬ ଆଦିବାସୀମାନଙ୍କୁ ଜଙ୍ଗଲ ଉପରେ ପୂର୍ଣ୍ଣ ଅଧିକାର ଦେବାରେ ବିଫଳ ହେଲା। ଆଇନ ମୁତାବକ ଜଙ୍ଗଲ ଜମିରେ ଚାଷବାସ କରି ରହୁଥିବା ଆଦିବାସୀଙ୍କ ଗୋଷ୍ଠୀଗତ ଓ ପ୍ରାକୃତିକ ବାସସ୍ଥାନ (ହେବିଟାଟ୍) ଅଧିକାରକୁ ବହୁତ କମ୍ ସ୍ୱୀକୃତି ଦିଆଯାଉଥିବା ପ୍ରାୟତଃ ବ୍ୟକ୍ତିଗତ ଅଧିକାରକୁ ହିଁ ତାହା ବି ଖଣ୍ଡିତ ଭାବେ ସ୍ୱୀକୃତି ଦିଆଯାଉଛି। ଫଳସ୍ୱରୂପ ଜଙ୍ଗଲ ଉପରେ ପୂର୍ଣ୍ଣ ଅଧିକାରରୁ ବଂଚିତ ଆଦିବାସୀମାନେ ପୂର୍ବ ଭଳି ଜଙ୍ଗଲ ବିଭାଗ ଦ୍ୱାରା ଶୋଷଣ ତଥା ଅତ୍ୟାଚାରର ସମ୍ମୁଖୀନ ହେଉଛନ୍ତି।

କେନ୍ଦ୍ରର ନରେନ୍ଦ୍ର ମୋଦି ସରକାରଙ୍କ ଅମଳରେ କର୍ପୋରେଟଙ୍କ ସ୍ୱାର୍ଥରେ ଗୋଟିଏ ପଟେ ଅଧିକାରରୁ ବଂଚିତ ଲକ୍ଷ ଲକ୍ଷ ଆଦିବାସୀ ପରିବାରକୁ ଜଙ୍ଗଲରୁ ଉଚ୍ଛେଦ କରିବାକୁ ଚେଷ୍ଟା ସହ ସଂଶୋଧନ ଜରିଆରେ ଏହି ଐତିହାସିକ ଆଇନକୁ ଦୁର୍ବଳ କରିବାକୁ ମଧ୍ୟ ଷଡ଼ଯନ୍ତ୍ର ଚାଲିଛି। ମୋଦି ସରକାରଙ୍କ କ୍ଷତିପୂରଣକାରୀ ବନୀକରଣ (କାମ୍ପା) ଆଇନ, କମ୍ପାନୀମାନେ ବିକାଶ ନାଁରେ ଶିଳ୍ପ, ଖଣି ଓ ନଦୀବନ୍ଧ ପାଇଁ କରୁଥିବା ଜଙ୍ଗଲ ନଷ୍ଟକୁ ସ୍ୱୀକୃତି ଦେଉଥିବା ବେଳେ ତାର ତଥାକଥିତ ଭରଣା ଆଦିବାସୀଙ୍କ ଦଖଲରେ ଥିବା ଜମିରେ ବଳପୂର୍ବକ ଗଛ ଲଗାଇ ସେମାନଙ୍କୁ ଅଧିକାରରୁ ବଂଚିତ କରାଯାଉଛି। ସେହିପରି ଭାରତୀୟ ଜଙ୍ଗଲ ଆଇନ-୧୯୨୭ରେ ସଂଶୋଧନ କରି ଜଙ୍ଗଲ ବିଭାଗକୁ ଅସୀମିତ କ୍ଷମତା ପ୍ରଦାନ କରିବାକୁ ଚେଷ୍ଟା ଚାଲିଛି। କର୍ପୋରେଟ୍‌ମାନଙ୍କୁ ଜଙ୍ଗଲ ଜମିର ହସ୍ତାନ୍ତରକୁ ସହଜ କରିବାକୁ ପରିବେଶ ଆଇନରେ ବି ସଂଶୋଧନ କରି ଅଧାଦେଶ ଆଣିଛନ୍ତି।

ଦେଶର ଶାସକ ଶ୍ରେଣୀ, ଆଦିବାସୀମାନଙ୍କୁ ସ୍ୱାଧୀନ ଭାବେ ବିକଶିତ ହେବାକୁ ସୁଯୋଗ ସୃଷ୍ଟି କରିବା ପରିବର୍ତେ ସେମାନଙ୍କ ଉପରେ ତଥାକଥିତ ବିକାଶକୁ ଲଦିବାକୁ ଚେଷ୍ଟା କରି ଆସିଛି। ପ୍ରାକୃତିକ ସମ୍ପଦର ଲୁଟ୍ ଉପରେ ଆଧାରିତ ଏହି ସାମ୍ରାଜ୍ୟବାଦୀ ବିକାଶ ଫଳରେ ସେମାନେ ନିଜର ଜମି ଓ ଜଙ୍ଗଲରୁ ବଳପୂର୍ବକ ବିସ୍ଥାପିତ ହେବାରେ ଲାଗିଛନ୍ତି। ବିକାଶ ନାଁରେ ଦେଶରେ ଯେତେସବୁ ବଡ଼ ବଡ଼ ନଦୀବନ୍ଧ, ଶିଳ୍ପ ଓ ଖଣି ପ୍ରକଳ୍ପ ହୋଇଛି ତା'ର ଲାଭ ଅନ୍ୟମାନେ ପାଇଥିବା ବେଳେ ଆଦିବାସୀମାନଙ୍କ ଭାଗ୍ୟରେ କେବଳ ବିସ୍ଥାପନ ହିଁ ପଡ଼ିଛି। ଯଦିଓ ସେମାନଙ୍କ ସଂଖ୍ୟା ଦେଶର ମୋଟ ଜନସଂଖ୍ୟାର ମାତ୍ର ୮%, ଅଥଚ ଦେଶର ମୋଟ ବିସ୍ଥାପିତଙ୍କ ଅଧାରୁ ଅଧିକ ଆଦିବାସୀ ରହିଛନ୍ତି। ବିକାଶ ନାଁରେ ସେମାନଙ୍କୁ ଉପଯୁକ୍ତ, ଯଥାପୂର୍ବରୁ ଏବଂ ଯଥେଷ୍ଟ କ୍ଷତିପୂରଣ ବିନା ଭିଟାମାଟିରୁ ବଳପୂର୍ବକ ଉଚ୍ଛେଦ କରାଯାଉଛି। ଉଭୟ ସରକାରୀ ଓ ଘରୋଇ କମ୍ପାନୀଙ୍କ ମୁନାଫା ପାଇଁ ସେମାନେ ନିଜର ଜମି, ଜଙ୍ଗଲ, ପ୍ରାକୃତିକ ବାସସ୍ଥାନ ଏବଂ ସର୍ବୋପରି ନିଜର ପାରମ୍ପାରିକ ଜୀବିକା ହରାଇଛନ୍ତି। ଲଗାତାର ସରକାରୀ ଉପେକ୍ଷା ଓ ପ୍ରତାରଣାର ଶୀକାର ହୋଇ ସେମାନେ ଏକରକମ ଅନିଶ୍ଚିତ ତଥା ଦୁର୍ଦ୍ଦଶାମୟ ଜୀବନ ଯାପନ କରିବାକୁ ବାଧ୍ୟ ହୋଇଛନ୍ତି। ବିକାଶ ଓ ବିସ୍ଥାପନର ଏହି ତିକ୍ତ ଅନୁଭୁତି ହିଁ ଆଜି କଳିଙ୍ଗନଗର ଠାରୁ ଆରମ୍ଭ କରି ନିୟମଗିରି, ପୋଲାଭରମ୍ ପର୍ଯ୍ୟନ୍ତ ସବୁଠି ବିସ୍ଥାପନ ଓ ବଳପୂର୍ବକ ଜମି ଅଧିଗ୍ରହଣକୁ ପ୍ରଶ୍ନ କରିବାକୁ ଓ ତା'ର ପ୍ରତିରୋଧ କରିବାକୁ ଆଦିବାସୀଙ୍କୁ ବାଧ୍ୟ କରିଛି।

ଆଜି ବି ଦେଶର ବିଶେଷ କରି ଓଡ଼ିଶାର ଅଧିକାଂଶ ଆଦିବାସୀ ଉତ୍କଟ ଦାରିଦ୍ର୍ୟ, ଅନାହାର, ପୁଷ୍ଟିହୀନତାର ଶୀକାର ଅଟନ୍ତି। ରାଜ୍ୟର ୯୫% ଆଦିବାସୀ ମହିଳା ଓ ୬୫% ଆଦିବାସୀ ଶିଶୁ ରକ୍ତହୀନତା ଓ ଅପପୁଷ୍ଟିର ଶୀକାର ଅଟନ୍ତି। ସ୍ୱାଧୀନତାର ୭୦ ବର୍ଷ ପରେ ମଧ୍ୟ ସେମାନଙ୍କ ପାଇଁ ଶିକ୍ଷା, ସ୍ୱାସ୍ଥ୍ୟସେବା, ପିଇବା ପାଣି, ବିଦ୍ୟୁତ୍ ଆଦି ସର୍ବନିମ୍ନ ମୌଳିକ ସୁବିଧା ଏକରକମ ସ୍ୱପ୍ନ ହୋଇ ରହିଛି। ନିରକ୍ଷରତା, ଅଧାରୁ ପାଠଛଡ଼ା, ଅପପୁଷ୍ଟି, ଅନାହାର, ରକ୍ତହୀନତା ଆଦିର ହାରଟି ଆଦିବାସୀଙ୍କ କ୍ଷେତ୍ରରେ ଅପେକ୍ଷାକୃତ ବେଶୀ ଅଟେ। ୧୯୫୦ରେ ଦେଶର ଅଧିକାଂଶ ଆଦିବାସୀ ଅଂଚଳକୁ ସମ୍ବିଧାନର ୫ମ ଓ ୬ଷ୍ଠ ଅନୁଚ୍ଛେଦରେ ସାମିଲ କରାଯାଇଥିଲେ ମଧ୍ୟ ଆଜି ବି ଅନେକ ଆଦିବାସୀ ଗାଁ ସେଥିରେ ସାମିଲ ହୋଇ ନପାରି ବିଭିନ୍ନ ପ୍ରକାର ସାମ୍ବିଧାନିକ ସୁରକ୍ଷାରୁ ବଂଚିତ ହେଉଛନ୍ତି। ଆଦିବାସୀଙ୍କ ପାଇଁ ଅନେକ ଆଇନ ଓ ଯୋଜନା ତିଆରି ହୋଇଛି ସତ କିନ୍ତୁ ଶାସକ ଶ୍ରେଣୀର ଆନ୍ତରିକତା ଅଭାବରୁ ସେସବୁ ଠିକ୍ ରୂପେ କାର୍ଯ୍ୟକାରୀ ହୋଇପାରୁ ନାହିଁ। ଏପରିକି ବଜେଟ୍‌ରେ ଆଦିବାସୀ ସବ୍ ପ୍ଲାନ୍‌ରେ ଦିଆଯାଇଥିବା ଅନୁଦାନକୁ ବି ଆଦିବାସୀଙ୍କ ପାଇଁ ଖର୍ଚ୍ଚ କରାଯାଇ ପାରୁନି। ଆଦିବାସୀଙ୍କ ବିକାଶ ପାଇଁ ଆସୁଥିବା ଅର୍ଥର ସିଂହ ଭାଗଟି ଠିକାଦାର-ଅଫିସର-ରାଜନେତାଙ୍କ ଦ୍ୱାରା ହରିଲୁଟ୍ ହେଉଛି।

ଆଦିବାସୀଙ୍କ ଆର୍ଥିକ, ରାଜନୈତିକ ଓ ସାଂସ୍କୃତିକ ବିକାଶ ଭାରତ ପରି ଏକ ଜନମଙ୍ଗଳକାରୀ ରାଷ୍ଟ୍ରର ସାମ୍ବିଧାନିକ କର୍ତବ୍ୟ। କିନ୍ତୁ ଏଥିପ୍ରତି ଘୋର ଅବହେଳା କାରଣରୁ ଆଜି ଆଦିବାସୀଙ୍କ ଜୀବନ, ଜିବୀକା, ଭାଷା ଓ ସଂସ୍କୃତି ଭୟଙ୍କର ସଙ୍କଟର ସମ୍ମୁଖୀନ ହୋଇଛି। ଆମର ଶାସକ ଶ୍ରେଣୀ ସେମାନଙ୍କ ଭାଷା ଓ ସଂସ୍କୃତିର ସ୍ୱାଧୀନ ବିକାଶ ପାଇଁ ସୁଯୋଗ ଦେବା ପରିବର୍ତେ ତାକୁ ଅଣଦେଖା କରିବା ଓ ଦବେଇବା ଦେଖାଯାଇଛି। ଅତ୍ୟନ୍ତ ସୁନିୟୋଜିତ ଭାବେ ଓଡ଼ିଆ, ତେଲେଗୁ, ମରାଠୀ, ଗୁଜରାଟୀ, ହିନ୍ଦୀ ପରି ଅନ୍ୟାନ୍ୟ ପ୍ରଭାବଶାଳୀ ଭାଷାଭାଷୀଙ୍କ ଭିତରେ ଆଦିବାସୀମାନଙ୍କ ଭାଷାଗୁଡ଼ିକୁ ବଳପୂର୍ବକ ସମ୍ମିଳିତ କରିବାର ନୀତିକୁ ଆପଣେଇ ଆସିଛନ୍ତି। ଓଡ଼ିଶାର ଏକ ଚତୁର୍ଥାଂଶ ଆଦିବାସୀ ହୋଇଥିଲେ ବି ଏବଂ ସେମାନେ ୭୪ଟି ବୋଲିରେ କଥାଭାଷା ହେଉଥିଲେ ବି ସେମାନଙ୍କ ଭାଷାକୁ ବିକଶିତ କରିବାରୁ ଅଥବା ସେମାନଙ୍କ ପିଲାଙ୍କୁ ନିଜ ମାତୃଭାଷାରେ ଶିକ୍ଷା ପାଇବାରୁ ବଂଚିତ କରାଯାଉଛି। ଓଡ଼ିଶାର ପ୍ରମୁଖ ଆଦିବାସୀ ଭାଷାରେ ନା କୌଣସି ସାହିତ୍ୟ ସୃଷ୍ଟିକୁ ପ୍ରୋତ୍ସାହନ ଦିଆଯାଉଛି ନା ବହି କିମ୍ବା ପତ୍ର ପତ୍ରିକା ପ୍ରକାଶ ପାଉଛି ! ଅଧିକାଂଶ ଆଦିବାସୀ ଭାଷାର ଲିପିକୁ ବି ବିକଶିତ କରିବାରେ ସରକାର ବିଫଳ ହୋଇଛନ୍ତି।

ଆର୍ନ୍ତଜାତୀୟ ଆଦିବାସୀ ଦିବସ ଅବସରରେ ଆଜି ଜମି, ଜଙ୍ଗଲ ଉପରେ ଆଦିବାସୀମାନଙ୍କ ଅଧିକାରକୁ ପୂର୍ଣ୍ଣ ସ୍ୱୀକୃତୀ ପ୍ରଦାନ ସହିତ ସେମାନଙ୍କ ଭାଷା, ସଂସ୍କୃତି ତଥା ସ୍ୱୟଂଶାସନର ଅଧିକାର ପାଇଁ ଜୋରଦାର ଦାବୀ କରିବାର ସମୟ ଆସିଛି। ଆଦିବାସୀମାନଙ୍କ ଉପରେ ଦମନ ଓ ଅତ୍ୟାଚାର ପରିବର୍ତେ ପ୍ରାକୃତିକ ସମ୍ପଦ ଉପରେ ମାଲିକାନା ଦେଇ ସେମାନଙ୍କୁ ମର୍ଯ୍ୟାଦାର ସହିତ ଜୀବନ ଯାପନ କରିବାର ସୁଯୋଗ ଦେବା ଜରୁରୀ ହୋଇପଡ଼ିଛି।

# ଇମଂ ବିବସ୍ୱତେ ଯୋଗଂ

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**

ପରମ ପୁରୁଷ ଯୁଗାବତାର ପୁରୁଷୋତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଆଲୋଚନା ଛଳରେ ପ୍ରକାଶ କଲେ - କଥାରେ ଅଛି - କିଂ କୁର୍ବନ୍ତି ଗ୍ରହାଃ ସର୍ବେ ଯସ୍ୟ କେନ୍ଦ୍ରେ ବୃହସ୍ପତି। ବୃହସ୍ପତି ଅର୍ଥ ସଦ୍‌ଗୁରୁ, ଆଚାର୍ଯ୍ୟ ଓ ପୁରୁଷୋତମ। ଜୀବନର କେନ୍ଦ୍ରରେ ତାଙ୍କୁ ବସାଇବାକୁ ହୁଏ। ତାଙ୍କର ଭଜନରେ ତାଙ୍କୁ ହିଁ ନିଜର ଭାଗ୍ୟ ବିଧାତା କରି ଉଠାଇବା ଏକାନ୍ତ ଆବଶ୍ୟକ। ତା ନହେଲେ କେବଳ ଦୀକ୍ଷା ନେଲେ କିଛି ଲାଭ ହୁଏନାହିଁ। ଦୀକ୍ଷା ନେଇ ଯେଉଁମାନେ ଯଜନ, ଯାଜନ ଓ ଇଷ୍ଟଭୃତି ଠିକ୍ ଭାବରେ ମାନନ୍ତି ସେମାନେ ମଧ୍ୟ ଅନେକ ପରିମାଣରେ ରକ୍ଷା ପାଇଯାଆନ୍ତି। ସବୁ ବିଷୟରେ ଯେଉଁମାନେ ଇଷ୍ଟ ବା ଗୁରୁଙ୍କୁ ମୁଖ୍ୟ କରି ଚଳନ୍ତି ସେମାନଙ୍କର କିଛି ମାତ୍ର ଚିନ୍ତା ନାହିଁ। ଦୀକ୍ଷା ନେବା ମାନେ ଦକ୍ଷତା ଲାଭର କୌଶଳ ଜାଣିବା। ସେହି କୌଶଳ ଜାଣି ତଦନୁଯାୟୀ ଅନୁଶୀଳନ କରିବାକୁ ହୁଏ। ଜୀବନରେ ସୁଖସ୍ୱାଚ୍ଛନ୍ଦ୍ୟ ଭୋଗର ପ୍ରଧାନ ଉପକରଣ ହେଲା ପ୍ରବୃତି, ଆଉ ପ୍ରଧାନ ଅନ୍ତରାୟ ମଧ୍ୟ ହେଲା ପ୍ରବୃତି। ପ୍ରବୃତି ଗୁଡ଼ିକ ସୁଖସ୍ୱାଚ୍ଛନ୍ଦ୍ୟ ଲାଭର ଅନ୍ତରାୟ ନ ହୋଇ କିଭଳି ସହାୟକ ହେବେ, ତାହା ଜାଣିବାର କୌଶଳ ସଦ୍‌ଗୁରୁଙ୍କ ପାଖରୁ ମିଳେ। ଅସ୍ତିତ୍ୱର ଧାରଣ, ପୋଷଣ ଓ ରକ୍ଷଣର କୌଶଳ ଜାଣନ୍ତି ସଦ୍‌ଗୁରୁ। ତେଣୁ ସଦ୍‌ଗୁରୁ ବା ଆଚାର୍ଯ୍ୟଙ୍କ ପାଖରୁ ଦୀକ୍ଷା ନେବାକୁ ହୁଏ। ଦୀକ୍ଷାର ଅର୍ଥ ଦକ୍ଷତାର ଅନୁଶୀଳନ - ଯାହା କରୁ କରୁ ସର୍ବତୋମୁଖୀ ଦକ୍ଷତା ସ୍ୱତଃ ହିଁ ବୃଦ୍ଧି ପାଏ। ଦୀକ୍ଷାର ଅର୍ଥ ଗୁରୁଙ୍କୁ ପୂରାପୂରି ଗ୍ରହଣ କରିବା ଓ ଗୁରୁଙ୍କ ପାଖରେ ଆତ୍ମସମର୍ପଣ ଭିତର ଦେଇ ଦକ୍ଷତା ଅନୁଶୀଳନ କରିବା। ନୀତି ଯାହାଙ୍କ ଜୀବନରେ ମୂର୍ତ ତାଙ୍କୁ ବାଦ୍ ଦେଇ ଯଦି ଏହି ନୀତି ଗୁଡ଼ିକୁ ଅନୁସରଣ କରିବାକୁ ଯାଉ ତାହେଲେ ଏହି ନୀତି ନାମରେ ନିଜର ମନଗଢ଼ା ଧାରଣାକୁ ହିଁ ଆମ୍ଭେମାନେ ଅନୁସରଣ କରୁ। ଏଥିରେ ନିଜର ଅଭିଭୂତି ବା ଖିଆଲ ହିଁ ଗୁରୁପଦବାଚ୍ୟ ହୋଇଉଠେ। କିନ୍ତୁ ଗୁରୁଙ୍କ ପ୍ରତି ସକ୍ରିୟ ଅନୁରାଗ ଓ ପ୍ରେରଣା ମାଧ୍ୟମରେ କେନ୍ଦ୍ରାୟିତ ଆତ୍ମନିୟନ୍ତ୍ରଣ ତୀବ୍ରଗତି ସମ୍ପନ୍ନ ହୁଏ। ପୁରୁଷୋତମ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ନିର୍ଣ୍ଣୟାତ୍ମକ ଭଙ୍ଗୀରେ ପ୍ରକାଶ କଲେ ଆମ ଦେଶରେ ଧର୍ମ ନାମରେ କାମ ନକରି ପାଇବାର ବୁଦ୍ଧି ପ୍ରବଳ, କର୍ମ ନକରି ଅଲୌକିକ ଭାବରେ ପ୍ରତ୍ୟାଶା ପୂରଣର ଧନ୍ଦାରୁ ଯଦି କେହି ଦୀକ୍ଷା ନିଅନ୍ତି ତାହେଲେ କିନ୍ତୁ ସେମାନଙ୍କର ଚରିତ୍ର ଗଠନ ହୁଏନାହିଁ। ଏଥିରେ ମନୁଷ୍ୟ ଅକର୍ମଣ୍ୟ ଓ ଅଳସୁଆ ହୋଇଯାଆନ୍ତି। ପ୍ରତ୍ୟାଶା ଭିତରେ ଗୁରୁ ଗ୍ରହଣ କଲେ ପ୍ରତ୍ୟାଶା ହିଁ ମୁଖ୍ୟ ଓ ଗୁରୁ ଗୌଣ ହୋଇଉଠନ୍ତି, ଅନୁଶୀଳନ ବା ଅନୁସରଣ ହୁଏନାହିଁ, ମନୁଷ୍ୟ ବୃଦ୍ଧି ପାଏନାହିଁ। ଭକ୍ତ ଧ୍ରୁବ ପଦ୍ମ-ପଳାଶ-ଲୋଚନ ନିମିତ୍ତ ପାଗଳ ହୋଇଯାଉଥିଲେ। ଦିବାରାତ୍ର ଭଗବାନ ନାରାୟଣଙ୍କୁ ବ୍ୟାକୁଳ ହୋଇ ଡାକୁଥିଲେ। ତାଙ୍କର ପ୍ରାର୍ଥନାରେ ପଦ୍ମ-ପଳାଶ-ଲୋଚନଙ୍କର ସିଂହାସହ କମ୍ପି ଉଠିଲା। ଭଗବାନ ମୁନିବର ନାରଦଙ୍କୁ ଡକାଇ ଭକ୍ତଧ୍ରୁବଙ୍କୁ ଦୀକ୍ଷା ଦେବାକୁ ଆଦେଶ ଦେଲେ। ଦୀକ୍ଷା ପରେ ଭଗବାନ ସ୍ୱୟଂ ଧ୍ରୁବଙ୍କ ସମ୍ମୁଖେ ଆର୍ବିଭାବ ହେଲେ।

ଆଚାର୍ଯ୍ୟଙ୍କ ଠାରେ ନିଷ୍ଠା, ନିପୁଣ ଅନୁରାଗ ଥିଲେ ଦୀକ୍ଷା ମନୁଷ୍ୟକୁ ଦକ୍ଷ କରି ଉଠାଏ ପ୍ରୀତି ଉଚ୍ଛଳ ସମ୍ବେଦନା ନେଇ। ମନୁଷ୍ୟ ଧୃତି ଓ କୃତିଦୀପ୍ତ ହୋଇଉଠେ। ଏଥିରେ ସଂହତି ଓ ଦକ୍ଷତାର ବୃଦ୍ଧି ହୁଏ। ପ୍ରାଣଶକ୍ତିର ଏକ ଅଖଣ୍ଡତା ରହିଛି ଯଦିଓ ତାହା ଶରୀରର ନାନା ଅଂଶ ଓ ଅଙ୍ଗ ପ୍ରତ୍ୟଙ୍ଗ ଭିତର ଦେଇ ନାନା ଭାବରେ କ୍ରିୟା କରେ। ପ୍ରାଣଶକ୍ତିର ଏହି ଅଖଣ୍ଡତା ବାଦ ଦେଇ ଜୀବନ ଜୀବନ୍ତ ରହିପାରେନାହିଁ, ଠିକ୍ ସେହିଭଳି ଭାବରେ ଏକକେନ୍ଦ୍ରିକତା ବାଦ୍ ଦେଇ ଜୀବନ୍ତ ଜୀବନ ଦର୍ଶନ ଗଢ଼ିଉଠେ ନାହିଁ। ସମାଧାନ-ପ୍ରାପ୍ତ ଓ ସଂହତ ମନୁଷ୍ୟ, ଯାହାଙ୍କୁ ଇଷ୍ଟ କୁହାଯାଏ, ସେ ହିଁ କେନ୍ଦ୍ରରେ ରହିବା ପାଇଁ ଉପଯୁକ୍ତ। ତେଣୁ ଦୀକ୍ଷା ବା ଇଷ୍ଟ ଗ୍ରହଣ ଏକାନ୍ତ ପ୍ରୟୋଜନ। କେବଳ ଉପଦେଶ ଅନୁସରଣ କରିଲେ ବାହ୍ୟ ଜଗତର ଶକ୍ତି ବଢ଼େ। କିନ୍ତୁ ମୂଳକଥା ହେଲା ମସ୍ତିଷ୍କ ସ୍ନାୟୁଗୁଚ୍ଛର ନିୟନ୍ତ୍ରଣ ଯାହାକି ଶକ୍ତି, ଇଚ୍ଛାଶକ୍ତି ଓ ଏକାଗ୍ରତାର ଉତ୍ସସ୍ଥଳ, ଉପଯୁକ୍ତ ଦୀକ୍ଷା ଓ ଦୀକ୍ଷାନୁଶୀଳନ ମାଧ୍ୟମରେ ମସ୍ତିଷ୍କ ବିକଶିତ ହୁଏ। ଦୀକ୍ଷା ମାଧ୍ୟମରେ ମନୁଷ୍ୟ ସୁକେନ୍ଦ୍ରିକ ହୁଏ। ଚିନ୍ତା, ଚଳନ ଓ କର୍ମଧାରା ନିୟନ୍ତ୍ରିତ ହୁଏ। ଦୀକ୍ଷା ହେଲା ସୂତ୍ର ବା ସଙ୍କେତ ବା ଚାବି। ଏହି ଚାବି ହାତରେ ଥିଲେ ବିହିତ ବ୍ୟବହାର ମାଧ୍ୟମରେ ଅଜ୍ଞାତ ରାଜ୍ୟର ସବୁ ତାଲା ଖୋଲା ଯାଇପାରେ, କିନ୍ତୁ ଗୁରୁଙ୍କ ପ୍ରତି ଏକାନ୍ତ ଅନୁରାଗ ଆବଶ୍ୟକ। ଏହି ଅନୁରାଗ ନଥିଲେ ଚରିତ୍ର ଭାଗବତ ଭାବରେ ରୂପାନ୍ତରିତ ହୁଏନାହିଁ। ସାଧନ-ଭଜନ ମାଧ୍ୟମରେ ଜଣେ ରାବଣ ବା ହିରଣ୍ୟକଶିପୁ ହୋଇପାରେ କିନ୍ତୁ ସେମାନଙ୍କର ନିୟାମକ ପ୍ରବତି ହେଉଛି ଆତ୍ମସ୍ୱାର୍ଥ ବା ଆତ୍ମ ପ୍ରତିଷ୍ଠା ଯାହା ଜଗତର ଅକଲ୍ୟାଣ କରେ। ଦୀକ୍ଷା କହିଲେ ବୁଝାଯାଏ ଭଗବାନଙ୍କ ଛାପ ମନୁଷ୍ୟର ମସ୍ତିଷ୍କରେ ଆଙ୍କିଦେବା। ମନୁଷ୍ୟର ଜୀବନ ଇଷ୍ଟଙ୍କ ନିମିତ - ଏହି ଭାବବୋଧରେ ଆଣିଦେବା। ନାମ ଗ୍ରହଣ କରିଲେ ଯଜନ, ଯାଜନ ଓ ଇଷ୍ଟଭୃତି କରୁ କରୁ ଗୁରୁଙ୍କ ନିମିତ ଏହି ଜୀବନ ଉଦ୍ଦିଷ୍ଟ - ଏହି ଭାବ ଶିଷ୍ୟକୁ ପାଇବସେ। ସକାମ ଚିନ୍ତାରୁ ନିଷ୍କାମ ଚିନ୍ତା ଜାଗ୍ରତ ହୁଏ। ଗୁରୁଙ୍କ ନିମିତ ନିଃସ୍ୱାର୍ଥ ସେବାର ଆନନ୍ଦ ଯେତେବେଳେ ମନୁଷ୍ୟକୁ ପାଇବସେ ସେତେବେଳେ ବ୍ୟକ୍ତିଗତ ସ୍ୱାର୍ଥର ଧନ୍ଦା ଯନ୍ତ୍ରଣାଦାୟକ ମନେହୁଏ। ସଦ୍‌ଗୁରୁଙ୍କ ନାମ ବା ସତ୍‌ନାମ ହେଉଛି ମହାପ୍ରାୟଶ୍ଚିତ। ପୃଥିବୀ ବା ସମସ୍ତ ଗ୍ରହ ଯଦି ସୂର୍ଯ୍ୟଙ୍କ ପାଖରେ ସୁକେନ୍ଦ୍ରିକ ନରୁହନ୍ତି ତାହେଲେ ସୌରମଣ୍ଡଳ ନଷ୍ଟ ହୋଇଯିବ। ତେଣୁ ଦୀକ୍ଷା ମାଧ୍ୟମରେ ସୁକେନ୍ଦ୍ରିକତା ମନୁଷ୍ୟର ଜୀବନକୁ ଦକ୍ଷ, ସୁଦକ୍ଷ ଓ ସୁଶାସିତ କରି ଉଠାଏ।

*ସହ-ପ୍ରତିରତ୍ୱିକ ଓ ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଏସ୍‌ସିବି ମେଡ଼ିକାଲ କଲେଜ, କଟକ*




# ଏକତା କପୁରଙ୍କ ଶର୍ଟ ଫିଲ୍ମ 'ବିଟ୍ଟୁ'

ଓସ୍କାରରେ ଭାରତର ଆଉ ଏକ ଫିଲ୍ମ ପ୍ରବେଶ କରିଛି। ଏକତା କପୁର, ତାହିରା କଶ୍ୟପ୍ ଓ ଗୁନୀତ ମୋଙ୍ଗାଙ୍କ ଅଭିନୀତ ଶର୍ଟ ଫିଲ୍ମ 'ବିଟ୍ଟୁ'କୁ ଓସ୍କାର ୨୦୨୧ରେ ପ୍ରବେଶରେମିଳିଛି। ସେହିପରି ମାଲାୟଲମ୍ ଫିଲ୍ମ 'ଜଲିକଟ୍ଟୁ' ଓସ୍କାର ଦୌଡ଼ରୁ ବାହାର ହୋଇଯାଇଛି। ବିଟ୍ଟୁ ଫିଲ୍ମକୁ ଲାଇଭ୍ ଆକ୍ସନ୍ ଶର୍ଟ ଫିଲ୍ମ କ୍ୟାଟେଗୋରୀ ପାଇଁ ଚୟନ କରାଯାଇଛି। ବିଟ୍ଟୁ ବ୍ୟତୀତ ଆଉ ୯ଟି ଶର୍ଟ ଫିଲ୍ମ ମଧ୍ୟ ଏହି ଦୌଡ଼ରେ ରହିଛନ୍ତି। ଖୋଦ୍ ଏକତା କପୁର ଓ ତାହିରା କଶ୍ୟପ୍ ସୋସିଆଲ ମିଡିଆରେ ଏହି ଖୁସି ଖବର ଶେୟାର କରିଛନ୍ତି। ତାହିର ନିଜର ଇନ୍‌ଷ୍ଟାଗ୍ରାମ୍ ଆକାଉଂଟ୍‌ରେ ଲେଖିଛନ୍ତି, ୯୩ତମ ଏକାଡେମୀ ପୁରସ୍କାର ପାଇଁ ବିଟ୍ଟୁ ଟପ୍ ୧୦ରେ ସ୍ଥାନ ପାଇଛି। ଆମେ ଶାନ୍ତ ରହିପାରିବୁ ନାହିଁ କାରଣ ଏହା ଇଣ୍ଡିଆନ୍ ୱିମେନ୍ ରାଇଜିଂ ଅଧୀନସ୍ଥ ଆମର ପ୍ରଥମ ପରିଯୋଜନା, ଯାହା ଆମ ପାଇଁ ବହୁତ ଖାସ୍। ଆପଣ ସମସ୍ତେ ରକ୍‌ଷ୍ଟାର। ସେହିପରି ଏକତା କପୁର ଖୁସି ପ୍ରକଟ କରି କହିଛନ୍ତି।

ଚଳିତବର୍ଷ ଆରମ୍ଭରେ ଫିଲ୍ମ ନିର୍ମାତା ଏକତା କପୁର, ଗୁନୀତ ମୋଙ୍ଗା ଓ ତାହିରା କଶ୍ୟପ୍ ଖୁରାନ୍ନା ଓ ରୁଚିକା କପୁର 'ଇଣ୍ଡିଆନ୍ ୱିମେନ୍ ରାଇଜିଂ' ଲଂଚ୍ କରିଥିଲେ। ନିଜର ପ୍ରଥମ ପ୍ରୋଜେକ୍ଟର ଘୋଷଣା କରିବା ପରେ ପରେ ଏକ ଶର୍ଟ ଫିଲ୍ମ ନିର୍ମାଣ କରିଥିଲେ, ଯାହାର ନାମ 'ବିଟ୍ଟୁ' ରଖାଯାଇଛି। କରିଶ୍ମା ଦୁବେଙ୍କ ନିର୍ଦ୍ଦେଶନାରେ ନିର୍ମିତ ଏହି ଫିଲ୍ମ ତାର ଦମ୍‌ଦାର ପଟକଥା ଓ ଅଭିନୟ ଦ୍ୱାରା ସମସ୍ତଙ୍କ ଧ୍ୟାନ ଆକର୍ଷଣ କରିଛି। ଶର୍ଟ ଫିଲ୍ମ ବିଟ୍ଟୁ ୧୮ରୁ ଅଧିକ ଫେଷ୍ଟିଭାଲ୍ ଜିତି ସାରିଛି। ବିଟ୍ଟୁ ଭାରତରେ ଧର୍ମଶାଳା, ଇଂଟରନ୍ୟାଶନାଲ ଫିଲ୍ମ ଫେଷ୍ଟିଭାଲରେ ପ୍ରସାରିତ ହୋଇସାରିଛି। ଏହାବ୍ୟତୀତ ଲଣ୍ଡନ ଫିଲ୍ମ ଫେଷ୍ଟିଭାଲ୍, ଟେଲୁରାଇଡ୍, ପାମ ସ୍ପ୍ରିଙ୍ଗ୍‌ସ ଶର୍ଟଫେଷ୍ଟ, ହୋଲିଶର୍ଟ୍ସରେ ମଧ୍ୟ ଚାଲିଥିଲା। ଏଥିରେ କରିସ୍ମାଙ୍କୁ ଶ୍ରେଷ୍ଠ ଡାଇରେକ୍ଟର ଆୱାର୍ଡ ପ୍ରଦାନ କରାଯାଇଥିଲା। ସୂଚନାଯୋଗ୍ୟ, ଶର୍ଟ ଫିଲ୍ମ ବିଟ୍ଟୁ ଏକ ସତ ଘଟଣା ଉପରେ ଆଧାରିତ। ଦୁଇ ଯୁବତୀଙ୍କ ମଧ୍ୟରେ ଥିବା ବନ୍ଧୁତାକୁ ନେଇ ଏହି ଫିଲ୍ମ ନିର୍ମାଣ କରାଯାଇଛି।

# ଆମେରିକାରେ ଶାଢ଼ି ଓ ଧୋତି ପିନ୍ଧି ସ୍କିଂ କରି ଭାରତୀୟ ଦମ୍ପତି ଚର୍ଚ୍ଚାରେ

ଆପଣ ଜାଣିଥବେ ନିଶ୍ଚୟ ଯେ, ପୁରାତନ ଭାରତବର୍ଷର ପ୍ରମୁଖ ପୋଷାକ ଥିଲା ଶାଢ଼ି ଓ ଧୋତି। ଧୀରେ ଧୀରେ ନୂଆ ପୋଷାକ ସବୁ ବାହାରିବା ପରେ ପୁରୁଣା ପୋଷାକର ଚାହିଦା କମ୍ ହେବାରେ ଲାଗିଲା। ମାତ୍ର ଏବେ ବି କେହି କେହି ପୁରୁଣା ସଂସ୍କୃତିକୁ ତାଜା କରିବାକୁ ଚେଷ୍ଟା କଲେ ମନରେ ଅପୂର୍ବ ଆନନ୍ଦ ସୃଷ୍ଟି ହୁଏ। ଥରେ ଭାବନ୍ତୁ ତ ଭାରତବର୍ଷର ପ୍ରସିଦ୍ଧ ପୋଷାକ ଶାଢ଼ି ଓ ଧୋତିକୁ ଯଦି କେହି ବିଦେଶୀ ପରିଧାନ କରନ୍ତି ତାହେଲେ କେମିତି ଲାଗିବ ! ଜଣେ ପ୍ରବାସୀ ଭାରତୀୟ ଦମ୍ପତି ଆମେରିକାରେ ଶାଢ଼ି ଓ ଧୋତି ପିନ୍ଧି ବରଫାଂଚଳରେ ସ୍କି କରୁଥିବା ବେଳର ଏକ ଭିଡିଓ ନିକଟରେ ଇଂଟରନେଟ୍‌ରେ ଭାଇରାଲ ହେବାରେ ଲାଗିଛି। ଭିଡିଓରେ ଦେଖିବାକୁ ମିଳିଛି ଯେ, ମହିଳା ଜଣକ ନୀଳ ରଙ୍ଗର ଶାଢ଼ି ପରିଧାନ କରିଥିବାବେଳେ ତାଙ୍କ ସ୍ୱାମୀ ସମାନ ରଙ୍ଗର ସାର୍ଟ ପିନ୍ଧିଛନ୍ତି ଓ ତାହା ସହ ଏକ ଧଳା ରଙ୍ଗର ଧୋତି ପିନ୍ଧିଛନ୍ତି। ସେମାନେ ଶାଢ଼ି ଓ ଧୋତି ପିନ୍ଧି ସ୍କିଂ କରୁଥିବାର ଭିଡିଓରେ ଦେଖିବାକୁ ମିଳିଛି। ଦିବ୍ୟା ମାୟିୟା ନାମକ ଏହି ମହିଳା ଜଣଙ୍କ ଭିଡିଓକୁ ତାଙ୍କ ଇନ୍‌ଷ୍ଟାଗ୍ରାମ୍‌ରେ ସେୟାର କରି ଲେଖିଛନ୍ତି କି 'ଆମକୁ କିଛି ପାଗଳାମୀ କରିବାର ଥିଲା, ଆମେ ତାହା କରିଲୁ'। ଭିଡିଓରେ ଇଂଟରନେଟ୍‌ରେ ସେୟାର ହେବା ପରଠାରୁ ଏହାରୁ ଭିୟୁ ୩୨୭ ହଜାର ହୋଇସାରିଲାଣି। ୧୩ ହଜାରରୁ ଅଧିକ ଲାଇକ୍ ମିଳି ସାରିଲାଣି। ଏହି ଭିଡିଓ ଉପରେ ଅନେକ ଭଲ ଭଲ କମେଂଟ୍ ସବୁ ମିଳିଛି।



# ବିଶ୍ୱର ସବୁଠୁ ଲମ୍ବା କେକ୍

ଜନ୍ମଦିନରେ କେକ୍ କାଟିବା ଯେମିତି ସାଧାରଣ କଥା ପାଲଟିଗଲାଣି। ଏହାଛଡା କିଛି ଖାସ୍ ସମୟକୁ ସେଲିବ୍ରେଟ୍ କରିବା ପାଇଁ ବି କେକ୍ ଲୋଡା ପଡୁଛି। ତେଣୁ ବିଭିନ୍ନ ପ୍ରକାରର କେକ୍ ବଜାରରେ ଉପଲବ୍ଧ ହୁଏ। ତେବେ ଜାଣନ୍ତି କି ପୃଥିବୀର ସବୁଠାରୁ ଲମ୍ବା କେକ୍ ଭାରତରେ ତିଆରି ହୋଇଛି। କେରଳର ତ୍ରିଶୁର କ୍ଷେତ୍ରର ୧୫୦୦ ବେକର ଏହାକୁ ତିଆରି କରି ଗିନିଜ୍ ୱାର୍ଲ୍ଡ ରେକର୍ଡସରେ ସ୍ଥାନ ପାଇଛନ୍ତି। ଏହି କେକ୍‌ର ଲମ୍ବ ୫.୩ କି.ମି.। ଏହା ଭାନିଲା ଫ୍ଲେଭରରର କେକ୍ ଥିଲା। କେକ୍‌ର ଓଜନ ୨୭,୦୦୦ କିଗ୍ରା ଓ ଉଚ୍ଚତା ୧୦ ସେ.ମି.। ଏହାକୁ ତିଆରି କରିବା ପାଇଁ ବେକରଙ୍କୁ ୪ ଘଂଟା ସମୟ ଲାଗିଥିଲା। ଫୁଟ୍‌ପାଥ୍‌ରେ ହଜାର ହଜାର ସଂଖ୍ୟାର ଟେବୁଲ ଓ ଡେସ୍କକୁ ଲାଇନ୍ କରି ତା ଉପରେ ଏହି କେକ୍ ତିଆରି କରାଯାଇଥିଲା। ସୂଚନାଯୋଗ୍ୟ ଯେ, ପୂର୍ବରୁ ଚାଇନାର ୩.୨ କି.ମି ଲମ୍ବର କେକ୍ ସବୁଠାରୁ ଲମ୍ବା କେକ୍ ରେକର୍ଡ କରିଥିଲା।



# ସାର୍କ ମୁହଁରୁ ବର୍ତିଲା ବାଳକ

ବେଳେବେଳେ ଭାଗ୍ୟ ଜୋର ଥିଲେ ଆପଣ ନିଶ୍ଚିତ ମୃତ୍ୟୁ ମୁଖରୁ ବି ବର୍ତି ଯାଇପାରିବେ। ସେଥିପାଇଁ ତ କଥାରେ ଅଛି ରଖେ ହରି ତ ମାରେ କିଏ। ଭଗବାନ ନିଜେ ଜଣଙ୍କୁ ବଂଚାଇବାକୁ କିମ୍ବା ସହଯୋଗ କରିବାକୁ ଆସନ୍ତି ନାହିଁ। ହେଲେ ଭଗବାନ ରୂପରେ ଅନ୍ୟ କେହି ଆପଣଙ୍କୁ ସହଯୋଗ କରିଥାଆନ୍ତି। ଏହି କ୍ରମରେ ଜଣେ ବ୍ୟକ୍ତି କେମିତି ଭୟଙ୍କର ସାର୍କ ମୁହଁରୁ ଜଣେ ଛୋଟ ପିଲାକୁ ବଂଚାଇ ଦେଇଛନ୍ତି, ତାର ଭିଡ଼ିଓ ସୋଶିଆଲ ମିଡିଆରେ ଭାଇରାଲ ହୋଇଛି। ଭାଇରାଲ ଭିଡିଓଟି ଆମେରିକାର କୋକୋଆ ବିଚ ନିକଟସ୍ଥ ସମୁଦ୍ରରେ ଘଟିଥିବା ଜରାପଡିଛି। ଛୋଟ ପିଲାଟି ସମୁଦ୍ରରେ ଗାଧୋଉଥିବାବେଳେ ଏକ ବଡ଼ ସାର୍କ ମାଛ ତାକୁ ଆକ୍ରମଣ କରିବା ପାଇଁ ଚାଲି ଆସିଥିଲା। ଉପାୟଶୂନ୍ୟ ପିଲାଟି କେବଳ ନିଜ ଭାଗ୍ୟକୁ ଆଦରି ଥିବା ବେଳେ ହଠାତ୍ ଘଟିଥିଲା ଏକ ଆଶ୍ଚର୍ଯ୍ୟ କରିବା ଭଳି ଘଟଣା। ଘଟଣାବେଳେ ସମୁଦ୍ର କଳକଳରେ ଆମେରିକାର ପୋଲିସର ଅଫିସର ଆଡିଆନ କୋସିସ୍କି ତାଙ୍କ ପତ୍ନୀ ସହ ଚାଲିଚାଲି ଯାଉଥିଲେ। ହଠାତ୍ ତାଙ୍କ ନଜର ଏହି ସାର୍କ ମାଛ ଉପରେ ପଡ଼ିଥିଲା। ସେ ତୁରନ୍ତ କିଛି ନ ବୁଝି ନ ବିଚାରି ସମୁଦ୍ର ମଧ୍ୟକୁ ଲମ୍ଫ ଦେଇଥିଲେ। ପିଲାଟି ବସିଥିବା ଏକ ବୁଗି ବୋର୍ଡକୁ କୂଳକୁ ଟାଣି ଆଣିଥିଲେ। ସାର୍କଟି ମଧ୍ୟ ଏଭଳି ଆଚରଣ ଦେଖି ପଛକୁ ଫେରି ଯାଇଥିଲା। ଏହି ଭିଡିଓକୁ କୋକୋଆ ବିଚର ପୋଲିସ ଏବଂ ଅଗ୍ନିଶମ ବିଭାଗ ସୋଶିଆଲ ମିଡିଆରେ ପୋଷ୍ଟ କରି ଘଟଣା ସମ୍ପର୍କରେ ସୂଚନା ଦେଇଛି। ଭିଡିଓଟି ଭାଇରାଲ ହେବା ସହ ସମସ୍ତେ ପିଲାଟିର ଜୀବନ ବଂଚାଇଥିବା ଆଡ୍ରିଆନଙ୍କୁ ପ୍ରଶଂସା କରିଛନ୍ତି।





# ଘର ଜିନିଷ ବିକ୍ରି କରି କ୍ୟାନ୍ସର ପୀଡିତ ପିଲାଙ୍କୁ ସାହାର୍ଯ୍ୟ କରୁଛନ୍ତି ରଣବୀର

ଅଭିନେତା ରଣବୀର କପୁର ସୋସିଆଲ ମିଡିଆରୁ ଦୂରରେ ରହିଥାନ୍ତି, କିନ୍ତୁ ତାଙ୍କର ଗାର୍ଲଫ୍ରେଣ୍ଡ ଏବଂ ଅଭିନେତ୍ରୀ ଆଲିୟା ଭଟ୍ଟ ତାଙ୍କୁ ନେଇ କୌଣସି ନା କୌଣସି ପୋଷ୍ଟ ସେୟାର କରିଥାନ୍ତି। ନିକଟରେ ଆଲିୟା ସୋସିଆଲ ମିଡିଆରେ କହିଛନ୍ତି, ରଣବୀର ମଙ୍ଗଳବାରଠାରୁ ତାଙ୍କର ଘର ଥାକଗୁଡିକରେ ସଜାଡ଼ି ରଖିଥିବା ଜିନିଷ ବିକ୍ରି କରୁଛନ୍ତି ଏବଂ ସେଥିରୁ ଯାହା କିଛି ମିଳିବ ସେଥିରେ ସେ କ୍ୟାନ୍ସରରେ ପୀଡିତ ପିଲାମାନଙ୍କୁ ସାହାଯ୍ୟ କରିବେ। ଆଲିଆଙ୍କର ଏହି ପୋଷ୍ଟ ପରେ ରଣବୀରଙ୍କର ବଡ଼ପଣକୁ ନେଇ ଖୁବ୍ ପ୍ରଶଂସା କରାଯାଉଛି। ଆଲିୟା ନିଜର ଇନ୍‌ଷ୍ଟାଗ୍ରାମ୍ ଷ୍ଟୋରୀରେ ରଣବୀରଙ୍କ ଫଟୋ ସେୟାର କରି ଲେଖିଛନ୍ତି, ରଣବୀର ଆପଣଙ୍କ ସହିତ ନିଜର ୱାର୍ଡରୋବ୍ ସେୟାର କରୁଛନ୍ତି। ଏହାକୁ ବିକ୍ରିକରିବା ଦ୍ୱାରା ଯେଉଁ ପଇସା ମିଳିବ ସେଥିରେ କ୍ୟାନ୍ସରରେ ପୀଡିତ ପିଲାମାନଙ୍କୁ ଜରୁରୀ ପୋଷଣ ଦେବା ପାଇଁ ଆଗକୁ କାମ କରାଯିବ। ଅନ୍ୟ ଏକ ଷ୍ଟୋରୀରେ ଆଲିୟା କହିଛନ୍ତି ୯ ଫେବୃୟାରୀଠାରୁ ଏହା ବିକ୍ରି ଆରମ୍ଭ ହୋଇଛି। ତେବେ ଯଦି ବଲିଉଡ୍ କଥା କୁହାଯାଏ, ଆଲିୟା ଏବଂ ରଣବୀର ଖୁବ୍‌ଶୀଘ୍ର ଫିଲ୍ମ 'ବ୍ରହ୍ମାସ୍ତ୍ର'ରେ ନଜର ଆସିବେ। ଆୟାନ ମୁଖାର୍ଜୀ ଏହି ଫିଲ୍ମର ନିର୍ଦ୍ଦେଶନା ଦେଉଛନ୍ତି। ଆଲିୟା ଏବଂ ରଣବୀରଙ୍କ ବ୍ୟତୀତ ଏହି ଫିଲ୍ମରେ ଅମିତାଭ ବଚ୍ଚନ ଏବଂ ମୌନି ରାୟ ମଧ୍ୟ ନଜର ଆସିବେ।

## "ଉତ୍କର୍ଷ ଓଡ଼ିଶା : ମେକ୍ ଇନ୍ ଓଡ଼ିଶା କନକ୍ଲେଭ -୨୦୨୫"ରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ

# ଓଡ଼ିଶାରେ ଖୁବ ଶୀଘ୍ର ନୂଆ ଷ୍ଟାର୍ଟଅପ୍ ପଲିସି ଆସିବ







ଭୁବନେଶ୍ୱର, ଜାନୁଆରୀ ୨୯ – ରାଜ୍ୟ ସରକାର ଖୁବ ଶୀଘ୍ର ସମସ୍ତ ଷ୍ଟେକହୋଲଡର ବିଶେଷ ଭାବରେ ଯୁବ ଉଦ୍ୟମୀଙ୍କ ସହ ଆଲୋଚନା କରି ନୂଆ ଷ୍ଟାର୍ଟଅପ୍ ପଲିସି ଆଣିବେ । ଯୁବା ବା ନୂଆ ଉଦ୍ୟମୀଙ୍କ ଅପେକ୍ଷା, ଆକାଂକ୍ଷାକୁ ପୂରଣ କରିବା, ଭାରତ ସରକାର ଏବଂ ଓଡ଼ିଶା ସରକାରଙ୍କ ସହଯୋଗ ଓ ସମନ୍ୱୟରେ ବଜାର, ନବସୃଜନ ଏବଂ ଆନୁଷଙ୍ଗିକ ସମର୍ଥିତ ପ୍ରକ୍ରିୟାକୁ ପ୍ରୋତ୍ସାହନ ଦେବା ଭଳି ବିଷୟକୁ ଦୃଷ୍ଟିରେ ରଖି ନୂଆ ଷ୍ଟାର୍ଟଅପ୍ ନୀତି ଅଣାଯିବ ବୋଲି ମଙ୍ଗଳବାର ଭୁବନେଶ୍ୱରରେ ଆୟୋଜିତ "ଉତ୍କର୍ଷ ଓଡ଼ିଶା : ମେକ୍ ଇନ୍ ଓଡ଼ିଶା କନକ୍ଲେଭ -୨୦୨୫"ରେ ଯୋଗଦେଇ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଆଜି ପ୍ରଥମେ ଓଡ଼ିଶାର ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍ପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଜନତା ମଇଦାନରେ ସ୍ୱାଗତ କରିଥିଲେ । ପ୍ରଧାନମନ୍ତ୍ରୀଙ୍କ ସହ ଉତ୍କର୍ଷ ଓଡ଼ିଶା - ମେକ୍ ଇନ୍ ଓଡ଼ିଶା କନକ୍ଲେଭ୍-୨୦୨୫ ଏବଂ ମେକ୍ ଇନ୍ ଓଡ଼ିଶା ପ୍ରଦର୍ଶନୀର ଉଦଘାଟନ ସମାବେଶରେ ସାମିଲ ହୋଇଥିଲେ । ଏହା ପରେ ଆଉ ଏକ ପୃଥକ ଅଧିବେଶନରେ "ଓଡ଼ିଶା – ଏ ରାଇଜିଂ ଷ୍ଟାର୍ ଇନ୍ ଇଣ୍ଡିଆ ଷ୍ଟାର୍ଟଅପ୍ ଲ୍ୟାଣ୍ଡସ୍କେପ୍" ବା ଭାରତର ଷ୍ଟାର୍ଟଅପ ଦୃଶ୍ୟପଟ୍ଟରେ ଓଡ଼ିଶାର ଅଭ୍ୟୁଦୋୟ କଥାବସ୍ତୁରେ ନିଜ ମତ ରଖିଥିଲେ କେନ୍ଦ୍ରମନ୍ତ୍ରୀ । ଶ୍ରୀ ପ୍ରଧାନ ଏହି ମେଗା ଇଭେଣ୍ଟ ଆୟୋଜନ କରିଥିବାରୁ ସେ ରାଜ୍ୟ ସରକାରଙ୍କୁ ଅଭିନନ୍ଦନ ଜଣାଇବା ସହ କହିଛନ୍ତି ଯେ ଉତ୍କର୍ଷ ଓଡ଼ିଶା କେବଳ ଏକ କାର୍ଯ୍ୟକ୍ରମ ନୁହେଁ ଏହା "ପୂର୍ବୋଦୟ"ର ଗର୍ବ ଓ ଗୌରବ । ପୂର୍ବୋଦୟ ମିଶନକୁ ସଫଳ କରିବା ପାଇଁ ଏହି ଉତ୍କର୍ଷ ଓଡ଼ିଶାର ଆୟୋଜନ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରେ ଆମ ରାଜ୍ୟର ବାଣିଜ୍ୟ, ଉଦ୍ଭାବନ ଓ ଶିଳ୍ପର ପରମ୍ପରା ରହିଛି ଏବଂ ଶିଳ୍ପ ବିପ୍ଳବ ୪.୦ରେ ଓଡ଼ିଶାର ନେତୃତ୍ୱ ନେବାର ଉଭୟ ଆକାଂକ୍ଷା ଓ ଦାୟିତ୍ୱ ରହିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓଡ଼ିଶାକୁ ସବୁବେଳେ ପ୍ରାଥମିକତା ଦେଇ ଆସିଛନ୍ତି । ମୋଦୀ ସରକାରଙ୍କ ଯୋଜନା, ନୀତି ଓ ସଂସ୍କାରରେ ଓଡ଼ିଶା ସବୁଠୁ ଅଧିକ ଲାଭବାନ ହୋଇଛି । ଆଜି ପ୍ରଧାନମନ୍ତ୍ରୀ ଓଡ଼ିଶାରେ ଥିବା ଶିଳ୍ପ ସମ୍ଭାବନା ଉପରେ ଆଲୋକପାତ କରିବା ସହ ଓଡ଼ିଶାକୁ ବିକାଶର ଶିଖରରେ ପହଞ୍ଚାଇବା ପାଇଁ ଆହ୍ୱାନ କରିଛନ୍ତି । ଦୁଇଟି ଏଆଇ ବା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଏବଂ ଆସର୍ପିରେସିନାଲ ଇଣ୍ଡିଆ ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି । ଓଡ଼ିଶାରେ ଥିବା ସୁଯୋଗ, ସମ୍ଭାବନା ଓ ସୁନ୍ଦରତାକୁ ବିଶ୍ୱବାସୀଙ୍କ ସାମ୍ନାରେ ଆଣିଥିବାରୁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ । ସେ କହିଛନ୍ତି ଭାରତକୁ ବୁଝିବା ପାଇଁ ହେଲେ ଓଡ଼ିଶାକୁ ବୁଝିବାକୁ ହେବ । ଓଡ଼ିଶାର ବିକାଶ ନ ହେଲେ ପୂର୍ବ ଭାରତର ବିକାଶ ହୋଇପାରିବ ନାହିଁ । ଓଡ଼ିଶାର ସାମଗ୍ରିକ ବିକାଶକୁ ଅଗ୍ରାଧିକାର ଦେଇ ପ୍ରଧାନମନ୍ତ୍ରୀ ଏଠାରେ ପୁଞ୍ଜିନିବେଶ କରିବା ପାଇଁ ସମସ୍ତ ନିବେଶକଙ୍କୁ ଆହ୍ୱାନ କରିଛନ୍ତି । କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଉତ୍କର୍ଷ ଓଡ଼ିଶାରେ ଅନେକ କ୍ଷୁଦ୍ର, ମଧ୍ୟମ ଓ ବୃହତ ଶିଳ୍ପର ନିବେଶକମାନେ ସାମିଲ ହୋଇଛନ୍ତି । ଉତ୍କର୍ଷ ଓଡ଼ିଶାକୁ ନେଇ ଓଡ଼ିଆ ପିଲାମାନଙ୍କ ମଧ୍ୟରେ ଅଭୁତପୂର୍ବ ଉତ୍ସାହ ବଢ଼ିଛି । ନୂଆ ଷ୍ଟାର୍ଟଅପ୍ ପରିସଂସ୍ଥାନ ଓ ନୂଆ ପୁଞ୍ଜି ନିବେଶକାରୀଙ୍କୁ ଆମକୁ ସୃଷ୍ଟି କରିବା ପାଇଁ ହେବ । ଏଥିପାଇଁ ରାଜ୍ୟରେ ବଡ ବଡ ଶିଳ୍ପ ପ୍ରତିଷ୍ଠା ହେବାର ଆବଶ୍ୟକତା ରହିଛି । ଏଥିପାଇଁ ରାଜ୍ୟ ସରକାର ନୂଆ ଷ୍ଟାର୍ଟଅପ ପଲିସି ଆଣୁଛନ୍ତି । ଏହା ଦ୍ୱାରା ରାଜ୍ୟରେ ପୁଞ୍ଜିନିବେଶ ବଢ଼ିବା ସହ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ତେବେ ଆମ ପାଇଁ ପ୍ରାଥମିକ ଚ୍ୟାଲେଞ୍ଜ ହେଉଛି ରାଜ୍ୟର ସମସ୍ତ ସମ୍ଭାବନାକୁ ଓଡ଼ିଶାରେ ଉପଯୋଗ କରିବା ପାଇଁ ପଡିବ, ତାହା ହିଁ ସରକାରଙ୍କ ପ୍ରତିଶ୍ରୁତିବଦ୍ଧତା ଓ ରଣନୀତି । ଦେଶରେ ଥିବା ୧.୫ ଲକ୍ଷ ଷ୍ଟାର୍ଟଅପ୍ ମଧ୍ୟରୁ ଓଡ଼ିଶାରେ କେତୋଟି ଷ୍ଟାର୍ଟଅପ୍ ଅଛି ସେଥିପାଇଁ ଆତ୍ମସମୀକ୍ଷା କରିବାକୁ ହେବ । ୨୦୩୬ ସୁଦ୍ଧା ଓଡ଼ିଶା ଭାଷା ଭିତ୍ତିରେ ସ୍ୱତନ୍ତ୍ର ପ୍ରଦେଶ ଗଠନର ଶତବାର୍ଷିକୀ ପୂରଣ କରିବ । ୨୦୪୭ ସୁଦ୍ଧା ଭାରତ ଦେଶ ସ୍ୱାଧୀନତାର ଶହେ ବର୍ଷ ପୂରଣ କରିବ । ତେବେ ଓଡ଼ିଶାକୁ ଯେତେବେଳେ ଭାଷା ଭିତ୍ତିରେ ୧୦୦ ବର୍ଷ ପୂରଣ ହେବ ସେହି ସମୟ ସୁଦ୍ଧା ହାରାହାରି ୧୦୦ କୋଟି ଟଙ୍କା ଲେଖାଏଁ ମୂଲ୍ୟର ୧୦୦ଟି ଷ୍ଟାର୍ଟଅପ୍ ସୃଷ୍ଟି କରିବାର ଲକ୍ଷ୍ୟ ରହିଛି । ଏହି ଲକ୍ଷ୍ୟକୁ ପୂରଣ କରିବା ପାଇଁ ଭାରତ ସରକାର ଓ ରାଜ୍ୟ ସରକାରଙ୍କ ତରଫରୁ ଷ୍ଟାର୍ଟ ଅପ ଗୁଡିକୁ ନିବେଶକଙ୍କ ସହ ସମନ୍ୱୟ ସ୍ଥାପନ କରିବା ପାଇଁ ଆବଶ୍ୟକୀୟ ସମ୍ବଳ, ସହଯୋଗ ଏବଂ ଆର୍ଥିକ ସହାୟତା ପ୍ରଦାନ କରାଯିବ । ଯେତେବେଳେ ଓଡ଼ିଶା ଭାଷା ଭିତ୍ତିରେ ୧୦୦ ବର୍ଷ ପୂରଣ କରିବ, ସେତେବେଳେ ଯେପରି ୧୦୦ ଜଣ ଉଦ୍ୟମୀ ବାହାରିବେ, ସେଥିପାଇଁ ଯୋଜନା କରିବାକୁ ହେବ । ଯେତେବେଳେ ଯୁବପିଢ଼ି ଭଲ ପାଠ ପଢ଼ି ନିଜ ଭାଗ୍ୟ ଓ ସମାଜର ନିର୍ମାଣ ପାଇଁ କାମ କରିବେ ତେବେ ଯାଇ ଆହୁରି ଅଧିକ ନୂଆ ସମ୍ଭାବନା ସୃଷ୍ଟି ହେବ । ବିଶ୍ୱବିଦ୍ୟାଳୟରେ ପାଠପଢା ଗବେଷଣା ଆଧାରିତ ହେଲେ ଯୁବପିଢିଙ୍କ ମଧ୍ୟରେ ଷ୍ଟାର୍ଟଅପର ସୃଜନଶୀଳତା ବଢ଼ିବ । ଓଡ଼ିଶାରେ ଆଇଆଇଟି ଭୁବନେଶ୍ୱର, ରେଭେନ୍ସା ବିଶ୍ୱବିଦ୍ୟାଳୟ, ଏନଆଇଟି ରାଉରକେଲା ଭଳି ନାମୀଦାମୀ ଅନୁଷ୍ଠାନ ରହିଛି। ଏହି ଜ୍ଞାନ କେନ୍ଦ୍ରଗୁଡ଼ିକ ଆମ ଯୁବବର୍ଗଙ୍କ ଭବିଷ୍ୟତ ଗଢ଼ିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ। ମିଲ୍କ ମନ୍ତ୍ର ଭଳି ଷ୍ଟାର୍ଟଅପ୍ ର ସଫଳତା ପ୍ରମାଣ କରୁଛି ଯେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଉତ୍କର୍ଷ ହାସଲ କରିବା ପାଇଁ ଓଡ଼ିଶାର ପ୍ରତିଭା, ଚିନ୍ତାଧାରା ଓ ସଂକଳ୍ପ ରହିଛି । ଏହାବ୍ୟତୀତ ଆଜି ଓଡ଼ିଶାରେ ଷ୍ଟାର୍ଟଅପକୁ ନେଇ ଅନେକ ଗୁଡ଼ିଏ ଏମଓୟୁ ସ୍ୱାକ୍ଷର ହେବା ଖୁସିର ବିଷୟ । ଓଡିଶା ପାଖରେ ଯେଉଁ ସମ୍ଭାବନା ଅଛି ସେଥିରେ ଆମେ ଷ୍ଟାର୍ଟଅପ୍ ଆଧାରିତ ଅର୍ଥନୀତି ରାଜ୍ୟ ହୋଇ ପାରିବା । ଏହି ଓଡ଼ିଶାର ଭୂମିରୁ ଚିନ୍ତାଧାରାକୁ ବିକଶିତ କରି ଷ୍ଟାର୍ଟଅପ ପରିସଂସ୍ଥାନକୁ ମଜଭୂତ କରିବାକୁ ହେବ । ଓଡ଼ିଶାରେ ଷ୍ଟାର୍ଟଅପ୍ ଇକୋସିଷ୍ଟମରେ ସହଯୋଗୀ ହେବା ପାଇଁ ଓଡ଼ିଶାର ଉଦ୍ୟୋଗୀ ସମାଜ ସମେତ ୱେଲଥ୍ କ୍ରିଏଟରର ପରିବେଶ ତିଆରି କରିବା ପାଇଁ ଶ୍ରୀ ପ୍ରଧାନ ଆହ୍ୱାନ କରିଛନ୍ତି । ସମସ୍ତ ସମ୍ଭାବନାକୁ ଓଡ଼ିଶାରେ ଉପଯୋଗ କରିବା ପାଇଁ ଆମେ ରଣନୀତି ତିଆରି କରିବା ଦରକାର । ଓଡ଼ିଆ ପିଲାମାନଙ୍କ ମଧ୍ୟରେ ରୋଜଗାର ଦେବା ନା ନେବା, ଏହି ଚିନ୍ତାଧାରାକୁ ବଦଳାଇ ଓଡିଆ ପିଲାଙ୍କୁ ନିଯୁକ୍ତି ଅନ୍ୱେଷଣରେ ନ ରହି ନିଯୁକ୍ତିଦାତା କରିବା ପାଇଁ ପ୍ରଚେଷ୍ଟା କରିବା ଦରକାର । ଡବଲ ଇଞ୍ଜିନ ସରକାରରେ ସାଢେ ୪ କୋଟି ଓଡ଼ିଆଙ୍କ ଭାଗ୍ୟ ବଦଳିବ । ସମସ୍ତେ ମିଳିମିଶି ଓଡ଼ିଶାକୁ ଉଦ୍ଭାବନ, ଉଦ୍ୟୋଗ ଓ ସୁଯୋଗର ଏକ ବିଶ୍ୱସ୍ତରୀୟ କେନ୍ଦ୍ରରେ ପରିଣତ କରିବା ପାଇଁ ଶ୍ରୀ ପ୍ରଧାନ ଆହ୍ୱାନ କରିଛନ୍ତି ।

## ୯ଟି ଘର ଭାଙ୍ଗିଲା ଗୋଠ ଛଡା ଦନ୍ତା



ପାଟଣା ୨୯/୧ (ନି.ପ୍ର): ପାଟଣା ରେଞ୍ଜ ଅଞ୍ଚଳରେ ଦୁଇଦିନ ହେଲା ଏକ ଗୋଠଛଡ଼ା ଦନ୍ତା ର ଉତ୍ପାତ ଚରମ ସୀମାରେ ପହଞ୍ଚିଛି। ସୋମବାର ରାତ୍ରି ଗୋଠ ଛଡା ଦନ୍ତାଟି ଖମୁଁଆ ଗାଁ ଝାଟିଆଳି ସାହିର ନନ୍ଦିନୀ ଗିରି ଙ୍କ ଟାଇଲ ଘର ଭାଙ୍ଗି ଦେଇଛି। ଘର ଭିତରେ ଥିବା ସ୍ୱାମୀ ସ୍ତ୍ରୀ ଙ୍କ ସହ ୨ନାବାଳକ ସନ୍ତାନ ଅଳ୍ପକେ ବର୍ତ୍ତି ଯାଇଛନ୍ତି।ପରିବାର ନିଘୋଡ଼ ନିଦରେ ସୋଇଥିବା ବେଳେ ହାତୀଟି ଘର କାନ୍ଥ କୁ ଠେଲି ଦେବାରୁ କାନ୍ଥ ଖସି ପଡ଼ିଥିଲା।ଦନ୍ତାଟି ଘରେ ପଶି ଧାନ ଚାଉଳ ଖାଇବା ସହିତ ଟିଭି ଫ୍ୟାନ କୁ ଭାଙ୍ଗି ଦେଇଛି। ସେହିଭଳି ମାଧପୂର ଗ୍ରାମର ଚନ୍ଦ୍ର ମୋହନ ମୁଣ୍ଡା, ଦଶମା ମୁଣ୍ଡା,ଦାଶରଥି ମୁଣ୍ଡା , ସୋମବାରୀ ମୁଣ୍ଡା, ଜିଆଁଣିସାହିର କର୍ମୁ ଚରଣ ମହାନ୍ତ, ମୂଷାଖୋରୀ ର କିରାଣୀ ଦାସ ଓ ଶରତ ଦାଶ ଙ୍କ ଘର କାନ୍ଥ କବାଟକୁ ଦନ୍ତା ଭାଙ୍ଗି ଦେଇଛି।ରାତିସାରା ଦନ୍ତାଟି ଗାଁକୁ ଗାଁ ବୁଲି ଦାଣ୍ଡ ରଚିଥିଲା।ଲୋକେ ହାତୀ ଭୟରେ ଘର ଆଗରେ ନିଆଁ ଜାଳି ଜଗି ରହିବା ପାଇଁ ବାଧ ହୋଇଥିଲେ।ବନ ବିଭାଗ ହାତୀ ପଛରେ ଥିଲେ ମଧ୍ୟ ଦନ୍ତା କୁ ଘଉଡାଇବା ରେ ବିଫଳ ହୋଇଛି। ଗାଁ ନିକଟରେ ହାତୀ ବୁଲୁଥିବାରୁ ଲୋକେ ଆତଙ୍କିତ ଅଛନ୍ତି। ବନ ବିଭାଗ ହାତୀ ଙ୍କୁ ଘଉଡାଇବା ପାଇଁ ଦାବି କରିଛନ୍ତି।ଲୋକଙ୍କ ଜୀବନ ପ୍ରତି ବିପଦ ଥିବାରୁ ସେଥିପ୍ରତି ଉପରିସ୍ଥ ଅଧିକାରୀ ତୁରନ୍ତ ପଦକ୍ଷେପ ନେବା କୁ ସ୍ଥାନୀୟ ଲୋକମାନେ ଦାବି କରିଛନ୍ତି।

## କାର ଧକ୍କାରେ ବାଇକ ଚାଳକଙ୍କ ଗୋଡ଼ ଭାଙ୍ଗିଲା

ପାଟଣା ୨୯/୧ (ନି.ପ୍ର): ପାଟଣା ବ୍ଲକ ଅନ୍ତର୍ଗତ ତୁରୁମୁଙ୍ଗା ସଂଲଗ୍ନ ନିହୁଆଁ ନିକଟରେ ୪୯ ନମ୍ବର ଜାତୀୟ ରାଜପଥ ରେ ଆଜି ଦିନ ସାଢେ ୧୧ଟା ସମୟରେ ପଶ୍ଚିମବଙ୍ଗ ଫେରୁଥିବା ଏକ କାର ଧକ୍କାରେ ଜଣେ ବାଇକ ଚାଳକ ଙ୍କ ଗୋଡ଼ ଭାଙ୍ଗିଛି।ତ୍ରିବିନ୍ଧା ଗ୍ରାମର ତ୍ରିଲୋଚନ ମହାନ୍ତ(୩୫)ଙ୍କ ବାଇକ କୁ କାରଟି ଧକ୍କା ଦେଇଥିଲା।ତୁରୁମୁଙ୍ଗା ଥାନାଧିକାରୀ ଧର୍ମେନ୍ଦ୍ର ଶାନ୍ତି ଘଟଣା ର ତଦନ୍ତ କରିବା ସହ ଦୁର୍ଘଟଣା ଘଟାଇଥିବା କାର ଓ ବାଇକକୁ ଜବଦ କରିଛନ୍ତି।ସାମାଜିକ କର୍ମୀ ବାବିଲାଲ ସାହୁ ଗୁରୁତର ଙ୍କୁ ଏନ୍ ଏଚ୍ ଏ ଆଇ ରୋଗିଯାନରେ ଦୁର୍ଘଟଣା ସ୍ଥଳରୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି।

## ଲକ୍ଷ୍ମୀ ନାରାୟଣ ମହାବିଦ୍ୟାଳୟରେ ମିଳିତ ସ୍ୱାସ୍ଥ୍ୟ ଶିବିର

ପାଟଣା ୨୯/୧ (ନି.ପ୍ର): ଘଟଗାଁ ବ୍ଲକ ଅନ୍ତର୍ଗତ ପିପିଳିଆ ସ୍ଥିତ ଲକ୍ଷ୍ମୀ ନାରାୟଣ ମହାବିଦ୍ୟାଳୟରେ ଯୁବ ରେଡକ୍ରସ ଓ ଜାତୀୟ ସେବା ଯୋଜନା ଉଭୟଙ୍କ ମିଳିତ ଆନୁକୂଲ୍ୟରେ ଉକ୍ତ ମହାବିଦ୍ୟାଳୟ ର ଯୁବ ରେଡକ୍ରସ୍ ପରାମର୍ଶଦାତା ଅଧ୍ୟାପିକା ନିବେଦିତା ଶୁକ୍ଲା ଓ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ସନ୍ତୋଷ ନାରାୟଣଙ୍କ ମିଳିତ ତତ୍ତ୍ୱାବଧାନରେ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି।ଏହି କାର୍ଯ୍ୟକ୍ରମରେ +୩ ର ଅଧକ୍ଷ ଦୈତାରୀ ମହାନ୍ତ ମୁଖ୍ୟ ଅତିଥି ଭାବେ ଏବଂ ଅଧ୍ୟାପକ ମନୋରଞ୍ଜନ ପଲେଇ,ବିଷ୍ଣୁ ଚରଣ ସାମଲ,ତପନ କୁମାର ମହାନ୍ତ,ରୁଦ୍ର ନାରାୟଣ ମହାନ୍ତ,ଡକ୍ଟର ତ୍ରିଲୋଚନ ପଣ୍ଡା ଏବଂ ଅଧ୍ୟାପିକା ରଶ୍ମିତା ସାହୁ,ସ୍ମରଣିକା ବାରିକ୍ ଅତିଥି ଭାବେ ଯୋଗ ଦେଇ ସ୍ୱାସ୍ଥ୍ୟ ଶିବିରର ମିଳିତ ଭାବେ ଉଦଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଯୁବ ରେଡକ୍ରସ ଓ ଜାତୀୟ ସେବା ଯୋଜନାର ଛାତ୍ରଛାତ୍ରୀମାନେ ମାଗଣାରେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ନିଜର ରକ୍ତର ପରୀକ୍ଷା ମଧ୍ୟ ମାଗଣାରେ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର କର୍ମଚାରୀ ପବିତ୍ର ମୋହନ ମହାନ୍ତ,ଅମିତ୍ ପଲେଇ,କେଶବ ଚନ୍ଦ୍ର ମହାନ୍ତ,ମୁକୁନ୍ଦ ଚନ୍ଦ୍ର ମହାନ୍ତ,ରଞ୍ଜନ କୁମାର ବେହେରା,ଲକ୍ଷ୍ମୀଧର ମହାନ୍ତ,ମନମୋହନ ମହାନ୍ତ,ରତ୍ନାକର ମହାନ୍ତ,ଲୋକନାଥ ମହାନ୍ତ,ଭୁବନାନନ୍ଦ ମହାନ୍ତ ଆଦି ସହଯୋଗ କରିଥିଲେ।

# କ୍ଲଷ୍ଟର ସ୍ତରୀୟ ନିପୁଣ ଓଡ଼ିଶା ମେଳା କଇଁପୁର ଓ ମାନବୀରରେ ଅନୁଷ୍ଠିତ





ମୟୂରଭଞ୍ଜ ୨୯/୧ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ଜାମଦା ବ୍ଲକ ଆଞ୍ଚଳିକ ସାଧନ କେନ୍ଦ୍ର ସାନକୁଲେଇବିରା ଆନୁକୁଲ୍ୟରେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମାନବୀର ଠାରେ ନିପୁଣ ଓଡ଼ିଶା ମେଳା-୨୦୨୫ ଅନୁଷ୍ଠିତ ହୋଇଯାଇଛି ।ମୁଖ୍ୟ ଅତିଥି ମାଧୁରୀ ହେମ୍ବ୍ରମ,ସମ୍ମାନୀତ ଅତିଥି ଜାମଦା ଏବିଇଓ ପ୍ରତାପ ଚନ୍ଦ୍ର ନାଏକ,ରାମଚନ୍ଦ୍ର ଟୁଡୁ,ଗ୍ରାମ ମୁଖିଆ ସୁମିତ୍ରା ମହାକୁଡ,ଅଙ୍ଗନୱାଡ଼ି କର୍ମୀ ମୋନିକା ସୋରେନ,ଆଶାକର୍ମୀ ନାଗୀ ମୁର୍ମୁ ଯୋଗ ଦେଇଥିଲେ ।ଆଞ୍ଚଳିକ ସାଧନ କେନ୍ଦ୍ରର ସାଧନକର୍ମୀ ଶଙ୍କର ପାତ୍ରଙ୍କ ପୌରହିତ୍ୟରେ ମୁଖ୍ୟ ଅତିଥି ପ୍ରଦୀପ ପ୍ରଜ୍ୱଳନ କରି ନିପୁଣ ଓଡ଼ିଶା ମେଳା ଶୁଭାରମ୍ଭ କରିଥିଲେ ।ତାଲାସାହି ପ୍ରାଥମିକ ବିଦ୍ୟାଳୟର ପ୍ର.ଶି ଭାସ୍କର ଚନ୍ଦ୍ର ପାଲ ଏବଂ ତାରଣା ଆଶ୍ରମ ବିଦ୍ୟାଳୟର ପ୍ର.ଶି ସୁଦାମ ଚନ୍ଦ୍ର ଦତ୍ତ ,ଶିକ୍ଷକ କୁଞ୍ଜ ପୂର୍ତ୍ତୀ ଏହି କାର୍ଯ୍ୟକ୍ରମର ବହୁମୂଲ୍ୟ ଆଭିମୁଖ୍ୟ ଉପରେ ବିଦ୍ୟାର୍ଥୀ ଓ ଅଭିଭାବକମାନଙ୍କୁ ସରଳ ରୂପରେ ବୁଝାଇଥିଲେ ।: ହୀରାମଣି ମୁର୍ମୁ,ବାନାଉ ହାଁସଦାଃ ସ୍ୱାକ୍ଷରତା ଷ୍ଟୋଲ,ମାଳତୀ ପାତ୍ର ଓ ମଙ୍ଗଲ ସିଂ ସଂଖ୍ୟାଜ୍ଞାନ ଷ୍ଟୋଲ,ସୁଷମା ସାହୁ,ବାଲେ ସୋରେନ ସୃଜନାତ୍ମକ ଷ୍ଟୋଲ,ଜଗନ୍ନାଥ ସୋରେନ ଓ ଫୁଲଚାନ୍ଦ ପାଲ ମତାମତ ଷ୍ଟୋଲକୁ ପରିଚାଳନା କରିଥିଲେ ।ହୀରାମଣି କିସ୍କୁ ଓ ନନ୍ଦଦୁଲାଲ ଦାଶ ବିଦ୍ୟାର୍ଥୀ ଏବଂ ଅଭିଭାବକମାନଙ୍କ ନାମ ପଞ୍ଜିକରଣ କରିଥିଲେ ।ସହକାରୀ ଶିକ୍ଷକ ଗଣେଶ କିଙ୍କର ପରିଡ଼ା ଖାଦ୍ୟ ପ୍ରସ୍ତୁତିରେ ଥିବାବେଳେ ସହକାରୀ ଶିକ୍ଷକ ଚମ୍ପା ଟୁଡୁ ଉପସ୍ଥିତ ବ୍ୟକ୍ତି ବିଶେଷଙ୍କୁ ସାଧୁବାଦ ଅର୍ପଣ କରିଥିଲେ । ଆଞ୍ଚଳିକ ସାଧନ କେନ୍ଦ୍ର ଜାମଦା ଆନୁକୁଲ୍ୟରେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କଇଁପୁର ଠାରେ ନିପୁଣ ଓଡ଼ିଶା ମେଳା ମୁଖ୍ୟ ଅତିଥି ଜାମଦା ଏବିଇଓ ପିସି ନାଏକ ଶୁଭାରମ୍ଭ କରିଥିଲେ ।ସମ୍ମାନୀୟ ଅତିଥି ସିଆରସିସି ନିରଞ୍ଜନ ଗୋପ,ହରିପଦ ମୁଣ୍ଡା,ଏସ୍ଏମ୍ସି ସଭାପତି ମଙ୍ଗଳ ସର୍ଦ୍ଦାର,ଗାଁ ମୁଖିଆ ମଣି ସର୍ଦ୍ଦାର,ଅଙ୍ଗନୱାଡି ଦିଦି ପୁଷ୍ପଲତା ତାମୁଡ଼ିଆ,ସିସିଏଚ୍ ତପସ୍ୱିନୀ ମଣ୍ଡଳ,ସ୍କୁଲ ସଦସ୍ୟ ସୁକାନ୍ତ ମହାନ୍ତି,ମୁଖ୍ୟବକ୍ତା ରବିନ୍ଦ୍ର କୁମାର ମୁଖି,ପ୍ରଧାନ ଶିକ୍ଷକ କୁମାର ସାଣ୍ଡିଲ୍,ଜଗଦିଶ ସିଂ ଏବଂ କଇଁପୁର ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ,ଜାମଦା କ୍ଲୋଷ୍ଟର ବିଭିନ୍ନ ସ୍କୁଲରୁ ଆସିଥିବା ଶିକ୍ଷକ, ଶିକ୍ଷୟତ୍ରୀ ଓ ବିଦ୍ୟାର୍ଥୀମାନେ ନିପୁଣ ଓଡ଼ିଶା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଏଥିରେ ଓଡ଼ିଶା ରାଜ୍ୟ ଯୁଏସ୍ଆଇ ସଂଗଠକ ପ୍ରଶ୍ନ କୁମାର ଶତପଥୀ ଯୋଗଦେଇ ବାର୍ତ୍ତା ଦେଇଥିଲେ ଯେ ବିଦ୍ୟାଳୟଗୁଡିକରେ ଆନନ୍ଦମୟ ଓ ଶିକ୍ଷା ଭିତ୍ତିକ ପରିବେଶ ସୃଷ୍ଟି କରିବା, ପିଲାମାନେ ନିଜ ଭାଷାକୁ ମୁକ୍ତ ଭାବେ ଶିକ୍ଷା ଲାଭ କରିବେ, ସବୁ ପିଲାମାନେ ଯେଭଳି ସମସ୍ତ ସୁବିଧା ସୁଯୋଗ ପାଇ ପାରିବେ ସେଥି ପାଇଁ ସୁନ୍ଦର ପରିବେଶ ଗଢି ତୋଳିବାକୁ ଶପଥ ନେବାକୁ ଆହ୍ୱାନ ଦେଇଥିଲେ । ପିଲାମାନଙ୍କ ଦୈନିକ ଜୀବନରେ ଲେଖିବା, ପଢିବା,ସଂଖ୍ୟା ଜ୍ଞାନ, ଗଣିତ ଜ୍ଞାନ, ସ୍ୱାକ୍ଷରତା ସୃଜନଶିଳତା ମତାମତ ଓ ଆଲୋଚନାଚକ୍ର ଉପରେ ଅନୁଷ୍ଠିତ ହୋଇଥିଲା ।କମଳା ସାଣ୍ଡିଲ୍,ସଂଜନ ନାଥ,ରେଶ୍ମି ଗୋଓ୍ୱାଲା,ରଶ୍ମିରେଖା ମଣ୍ଡଳ,ପ୍ରତିମା ଗୋଓ୍ୱାଲା ଦୁଲି ପୂର୍ତ୍ତୀ ସ୍ୱାଗତ ଗୀତ ପରିବେଷଣ କରିବା ସହ ଅତିଥି ମାନଙ୍କୁ ସୁନ୍ଦର ନୃତ୍ୟ ପ୍ରଦର୍ଶନ କରି ଦେଖାଇଥିଲେ ।ବିଭିନ୍ନ ଷ୍ଟଲକୁ ଶିକ୍ଷକ ବିରାମ ମଣ୍ଡଳ,ବେଣୁଗୋପାଲ ମହାନ୍ତ,ଚନ୍ଦ୍ରକାନ୍ତ ମହାଳିକ,ଶିକ୍ଷୟତ୍ରୀ କାପୁରା ମୁର୍ମୁ,ପ୍ରଭାତି ଦିଦି,ରୁପି ଟୁଡୁ,ସନ୍ଧ୍ୟା ନାଏକ,ସୁଲୋଚନା ମଣ୍ଡଳ ପ୍ରମୁଖ ପରିଚାଳନା କରିଥିଲେ ।ଶେଷରେ ବିଦ୍ୟାଳୟର ପ୍ର.ଶି କୁମାର ସାଣ୍ଡିଲ ଅତିଥି ପରିଚୟ ଦେଇଥିବାବେଳେ ଜଗଦିଶ୍ ସିଂ ସାଧୁବାଦ ଦେଇ ସଭାକାର୍ଯ୍ୟ ଭଙ୍ଗ କରିଥିଲେ ।ସେହିପରି ଦୁନ୍ଦୁ ଓ ମୋରଣ୍ଡା କ୍ଲୋଷ୍ଟର ଡୁମାର ୟୁପିଏସ୍ ଠାରେ,ଚାନ୍ଦିଖମଣ କ୍ଲୋଷ୍ଟର ବସନ୍ତପୁର ୟୁପିଏସ୍ ଠାରେ ,ଗୋହିରା କ୍ଲୋଷ୍ଟର ର ଘୁମାଳ ଏ/ଏସ୍ ଠାରେ ନିପୁଣ ଓଡ଼ିଶା ମେଳା ଅନୁଷ୍ଠିତ ହୋଇଥିବା ଏବିଇଓ ପ୍ରତାପ ଚନ୍ଦ୍ର ନାଏକ ଓ ଶିକ୍ଷକ ଦେବ କିଶୋର କାଳନ୍ଦୀ ସୂଚନା ପ୍ରଦାନ କରିଛନ୍ତି ।

## ମକର ମେଳାରେ ଆଧ୍ୟାତ୍ମିକ ଆଲୋଚନା ଚକ୍ର

ପାଟଣା ୨୯/୧ (ନି.ପ୍ର): ଓଡିଶା ପ୍ରସିଦ୍ଧ ନୀଳକଣ୍ଠେଶ୍ୱର ବିଜେସ୍ଥଳ ମାତାରିଣୀ ପୀଠ ଘଟଗାଁ ସନ୍ନିକଟ ବରାହଟିପୁରା ମକରମେଳାରେ ଘଟଗାଁ କ୍ଷିତିଜ୍ୟୋତିଃ ଆଶ୍ରମ ତରଫରୁ ଧର୍ମୀୟ ମେଳାରେ ଆଗନ୍ତୁକ ଜନସାଧାରଣ ମଧ୍ୟରେ ଆଧ୍ୟାତ୍ମିକ ଭାବାବେଗକୁ ଅଧିକ ରୋମାଞ୍ଚିତ କରିବାପାଇଁ ଏକ ନିଆରା ପ୍ରୟାସ ଜୀବ ହିଂସା ମହାପାପ ଶୀର୍ଷକ ଆଲୋଚନା ଚକ୍ର କରାଯାଇଛି । ଆଲୋଚନାରେ ମୁଖ୍ୟତଃ ମନୁଷ୍ୟ ସମାଜକୁ ସଚେତନ କରିବା ଭଳି ଶାସ୍ତ୍ରୀୟ ପ୍ରମାଣ ଭିତ୍ତିକ କଥାବସ୍ତୁ ଉପସ୍ଥାପନା କରାଯଉଛି । ବିଶେଷକରି ପୃଥିବୀ ପୃଷ୍ଠରେ ବସବାସ କରୁଥିବା ଅସଂଖ୍ୟ ଜୀବଜନ୍ତୁ ମାନଙ୍କ ମଧ୍ୟରେ ଭଗବାନଙ୍କ ସର୍ବଶ୍ରେଷ୍ଠ ସୃଷ୍ଟି ହେଉଛି ମନୁଷ୍ୟ , କାରଣ ଏହି ଶରୀର ଧାରୀ ଜୀବ ମଧ୍ୟରୁ ସତ୍ୟ, ଶାନ୍ତି, ଦୟା ଓ କ୍ଷମା ଫୁଟି ଉଠିଥାଏ । କିନ୍ତୁ ସାମ୍ପ୍ରତିକ ସମାଜରେ ଜିହ୍ୱା ଲାଳସାରେ ବଶବର୍ତ୍ତୀ ହୋଇ ମନୁଷ୍ୟ ସନ୍ତାନ ସଦୃଶ ପଶୁପକ୍ଷୀ ମାନଙ୍କୁ ପାଳନ କରି ଜିବେ ଦୟା ଧର୍ମକୁ ପରିତ୍ୟାଗ କରି ହିଂସ୍ର ପଶୁ ପରି ନିରୀହ ପଶୁ ପକ୍ଷୀ ମାନଙ୍କୁ ହତ୍ୟା କରି ଭକ୍ଷଣ କରୁଛି । ଏହାଦ୍ୱାରା ମନୁଷ୍ୟ ମନ ମଧ୍ୟରେ ଆସୁରିକ ରୁଚି ଓ ପାଶବିକ ପ୍ରବୃତ୍ତି ଜାଗି ଉଠୁଛି । ଫଳ ସ୍ୱରୂପ ସମାଜରେ ଅରାଜକତା ବୃଦ୍ଧି ପାଉଛି । ଯଦି ମନୁଷ୍ୟ ଶାରୀରିକ ଉତ୍ତେଜନା ସୃଷ୍ଟି କରୁଥିବା ଅଖାଦ୍ୟ ସେବନରୁ ଦୁରେଇ ରହେ ଓ ଜୀବ ସମାଜ ଉପରେ ଦୟା ପ୍ରଦର୍ଶନ କରେ ତେବେ ପ୍ରଭୁ ଦତ୍ତ ଦିବ୍ୟ ଦୁର୍ଲ୍ଲଭ ମାନବ ଜୀବନକୁ ସଫଳ କରିବା ଏବଂ ଜନ୍ମକୁ ସାର୍ଥକ କରିବା ସହଜ ହୋଇଥାଏ । ଆଗ୍ରହୀ ଭକ୍ତ ମାନଙ୍କ ସମ୍ମୁଖରେ ବିଷଦ ଭାବରେ ପ୍ରମାଣିତ ତଥ୍ୟ ଦେଇ ନିଗୂଢ଼ କଥାବସ୍ତୁକୁ ଉପସ୍ଥାପନା କରୁଛନ୍ତି ଘଟଗାଁ କ୍ଷିତିଜ୍ୟୋତିଃ ଆଶ୍ରମର କେନ୍ଦ୍ର ସଂଗଠକ ବାବାଜୀ ଚରମାନନ୍ଦ ଦାସ ଓସମ୍ବଲପୁରର ଶୁଭାଶିଷ ପଟେଲ । କ୍ଷିତିଜ୍ୟୋତିଃ ଆଶ୍ରମର କେନ୍ଦ୍ର ପରିଚାଳକ ଅର୍ଜୁନ ଚରଣ ମହାନ୍ତ, ଭୀମସେନ ପାତ୍ର, ମାନସ ରଞ୍ଜନ ବେହେରା ଓ ଗଣେଶ ଶାସନି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରୁଛନ୍ତି ।

## ବାଣପୁରରେ କିନ୍ନର ମାନଙ୍କ ଉଦ୍ଦେଶ୍ୟରେ ଆଇନ ସଚେତନତା ଶିବିର ଅନୁଷ୍ଠିତ

ବାଣପୁର ୨୯/୧ (ନି.ପ୍ର): ବାଣପୁର ତାଲୁକ ଆଇନ ସେବା ସମିତି ଆନୁକୂଲ୍ୟରେ କିନ୍ନର ମାନଙ୍କ ଉଦ୍ଦେଶ୍ୟରେ ଏକ ଆଇନ ସଚେତନତା ଶିବିର ଆଜି ବାଣପୁର ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଆଇନ ସେବା ସମିତି ଅଧ୍ୟକ୍ଷ ତଥା ବାଣପୁର କୋର୍ଟ ବରିଷ୍ଠ ବିଚାରପତି ଅମରେଶ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଶିବିରରେ କିନ୍ନର ମାନଙ୍କ ପାଇଁ କି ପ୍ରକାର ଆଇନ ସୁବିଧାମାନ ଅଛି, ଏଥି ସହିତ କିନ୍ନର ମାନେ କିପରି ସାମାଜିକ ସ୍ରୋତରେ ସାମିଲ ହୋଇ ପାରିବେ ସେ ବିଷୟରେ ଆଲୋଚନା କରାଯାଇଥିଲା । କିନ୍ନରମାନେ ମଧ୍ୟ ବିଭିନ୍ନ ସରକାରୀ ସୁବିଧା ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ବେଳେ ସେମାନେ ନିଜର ଅଧିକାର ଜାଣିବା ଦରକାର ବୋଲି ବିଚାରପତି ଶ୍ରୀ ମହାପାତ୍ର କହିଥିଲେ । ତତସହିତ ଯଦି କୌଣସି କିନ୍ନର ଭାଇ ଭଉଣୀ ଆଇନଗତ ସହାୟତାରୁ ବଞ୍ଚିତ ହେଉଛନ୍ତି ତେବେ ସେ ତାଲୁକ ଆଇନ ସେବା ସମିତିର ଦ୍ୱାରସ୍ଥ ହୋଇ ନ୍ୟାୟ ପାଇପାରିବେ ବୋଲି ବିଚାରପତି କହିଥିଲେ । ଏହି ଅବସରରେ କିନ୍ନର ମାନେ ସମ୍ପ୍ରତି ସମାଜରେ ସମ୍ମୁଖୀନ ହେଉଥିବା ବିଭିନ୍ନ ଅସୁବିଧା ଏବଂ ତାହାର ସମାଧାନ ନିମନ୍ତେ ବିଚାରପତିଙ୍କୁ ଅବଗତ କରାଇଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମରେ ବାଣପୁର ବିଡ଼ିଓ ଶୀତଲ ଅଗ୍ରୱାଲ,ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀଣି ଗିରିବାଳା ନାୟକ, ଫ୍ରଣ୍ଟ ଅଫିସ ରିଟେନର ପଦ୍ମଜା ପଟ୍ଟନାୟକ, ଓକିଲ ସଂଘ ସମ୍ପାଦକ ରଞ୍ଜନ କୁମାର ବେଦମତ୍ତା, ଉପସଭାପତି ରାମଚନ୍ଦ୍ର ପଲେଇ,ଆଇନଜୀବୀ ସୀତାରାମ ଅଗ୍ରୱାଲ,ଭି. କାମେଶ୍ୱର ଆଚାରୀ, ଅଜିତ ବାରିକି,ସୁନୀଲ ମହାପାତ୍ର, ବିପ୍ଳବ ମୁଦୁଲି ଏବଂ ବାଣପୁର-ବାଲୁଗାଁ ଅଞ୍ଚଳର କିନ୍ନର ସଂଘର ନେତ୍ରୀ ଚିନ୍ମୟୀ ବେହେରାଙ୍କ ସମେତ ଏକାଧିକ କିନ୍ନର ମାନେ ଯୋଗଦେଇଥିଲେ ।

# ମେଗା ଜଳ ପ୍ରକଳ୍ପ ଓ ବସୁଧା ଯୋଜନାରେ ବିଶୁଦ୍ଧ ପାନୀୟ ଜଳ ମିଳିବ କେବେ ?

ନିଶ୍ଚିନ୍ତକୋଇଲି ୨୯/୧ (ନି.ପ୍ର): ଚଳିତ ବର୍ଷ ଜାନୁୟାରୀ ଶେଷ ସପ୍ତାହରୁ ଖରା ଟାଣ ହେବା ସହ ଗୁଲୁଗୁଲୁ ଅନୁଭବ ହେଲାଣି । ଆଗକୁ ଏହା ବଢ଼ିପାରେ । ଏବେଠାରୁ ପାନୀୟ ଜଳ କଷ୍ଟ ସାଧାରଣଲୋକେ ଭୋଗିଲେଣି । ବିଗତ ଦିନରେ ମେଗା ଜଳପ୍ରକଳ୍ପ ଓ ବସୁଧା ଯୋଜନାରେ ପାଣି ଟାଙ୍କିମାନ ନିର୍ମାଣ କରାଯାଇ ଗଚ୍ଛିତ ପାଣିକୁ ନଳ ଯୋଗେ ପ୍ରତିଘରେ ପହ□ାଇବାର ଲକ୍ଷ୍ୟ ନେଇ ଏହି ଯୋଜନା କାର୍ଯ୍ୟକାରୀ କରାଯାଉଛି । ବିଗତ କିଛି ମାସ ତଳେ ମାହାଙ୍ଗାର ନବ ନିର୍ବାଚିତ ସ୍ୱାଧୀନ ବିଧାୟକ ଏକ ସାମ୍ବାଦିକ ସମ୍ମିଳନୀରେ କହିଥିଲେ କି ମାସେ ଦୁଇ ମାସ ଭିତରେ ମାହାଙ୍ଗା ନିର୍ବାଚନ ମଣ୍ଡଳୀର ପ୍ରତି ଘରେ ନଳ ଯୋଗେ ସ୍ୱଚ୍ଛ ବିଶୁଦ୍ଧ ପାନୀୟ ଜଳ ଦିନକୁ ପରିବାର ପିଛା ପାଖା ପାଖି ୭୦ ଲିଟର ପିଇବା ପାଣି ଯୋଗାଇ ଦେବେ । ଟାଙ୍କି ନିର୍ମାଣ ଓ ନଳଯୋଗେ ପାଇପ ବିଛା କାର୍ଯ୍ୟ ତୁଲାଉ ଥିବା ଦୁଇ ସଂସ୍ଥାର ଉଚ୍ଚ ପଦସ୍ଥ ଅଧିକାରୀଙ୍କ ସହ ବିଧାୟକ ଆଲୋଚନା କରିଥିଲେ ବୋଲି କହିଥିଲେ । ଏପରିକି ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଯଦି ଉକ୍ତ ନିର୍ମାଣକାରୀ ସଂସ୍ଥା କାର୍ଯ୍ୟ ସଂପୂର୍ଣ୍ଣ ନକରିପାରିବେ ତାହା ହେଲେ ସେମାନଙ୍କଠାରୁ କାର୍ଯ୍ୟଭାରତ ଅପସାରୀ ଆଣି ଅନ୍ୟ ସଂସ୍ଥା ଦ୍ୱାରା କରାଯାଇ ଶୀଘ୍ର ପ୍ରତ୍ୟେକ ପରିବାରକୁ ସ୍ୱଚ୍ଛ ବିଶୁଦ୍ଧ ପାନୀୟ ଜଳଯୋଗାଇ ଦିଆଯିବ । ଏହା ଭିତରେ ଅନେକ ଦିନ ବିତି ଯାଇଥିଲେ ମଧ୍ୟ ନିର୍ମାଣକାରୀ ସଂସ୍ଥା ପ୍ରତ୍ୟେକ ପରିବାରକୁ ସ୍ୱଚ୍ଛ ବିଶୁଦ୍ଧ ପାନୀୟ ଜଳ ଯୋଗାଇବାରେ ବିଫଳ ହୋଇଛି । କେଉଁଠି ଟାଙ୍କି ନିର୍ମାଣ କାର୍ଯ୍ୟ ସରିନାହିଁ ତ ଅନ୍ୟ କେଉଁଠି ନଳବିଛା କାର୍ଯ୍ୟ ଅଧା ପନ୍ତରିଆ ହୋଇ ପଡିଛି । ଅନେକ ଗାଁରେ କିଛି ନଳକୂପ ସଚଳ ଥିବା ଅବସ୍ଥାରେ ଅନେକ ନଳକୂପ ଅଚଳ ଅବସ୍ଥାରେ ପଡି ରହିଛି । ଯେଉଁ ଗୁଡିକ ସଚଳ ଅଛି ସେଥି ମଧ୍ୟରୁ ସବୁ ନଳକୂପର ପାଣି ପିଇବା ଉପଯୋଗୀ ହୋଇ ରହିନାହିଁ । ଅଧିକ ଗ୍ରୀଷ୍ମ ପ୍ରବାହ ପୂର୍ବରୁ ପ୍ରତି ଘରକୁ ସ୍ୱଚ୍ଛ ବିଶୁଦ୍ଧ ପାନୀ ଜଳ ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି । ପାନୀୟ ଜଳ ଭଳି ମୌଳିକ ସେବା ଯୋଗାଇବାରେ ସରକାର ଏକପ୍ରକାର ବିଫଳ ହୋଇଥିବା ଆଲୋଚନା ହେଉଛି । ତେବେ ଦେଖିବାକୁ ବାକି ରହିଲା ପ୍ରତି ପରିବାରକୁ କେବେ ମିଳୁଛି ନଳଯୋଗେ ସ୍ୱଚ୍ଛ ବିଶୁଦ୍ଧ ପାନୀୟ ଜଳ ।

# ଶ୍ରୀ ଜଗନ୍ନାଥଙ୍କ ୨୮ ମାସର ଲୀଳା କ୍ଷେତ୍ର ଅବହେଳିତ

ପୋଲସରା, ୨୯/୧ (ନି.ପ୍ର): ୧୭୩୩ ମସିହା ଡିସେମ୍ବର ୨୯ ତାରିଖ ଠାରୁ ୧୭୩୬ ମସିହା ଏପ୍ରିଲ ମାସ ପର୍ଯ୍ୟନ୍ତ ପ୍ରାୟ ୨୮ ମାସ ପର୍ଯ୍ୟନ୍ତ ପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ମା ସୁଭଦ୍ରା, ତତ୍କାଳୀନ ଆଠଗଡ଼ ମହାରାଜାଙ୍କ ରାଜ୍ୟର ମଥୁରା ଗ୍ରାମର ଘଞ୍ଚ ଜଙ୍ଗଲ ମଧ୍ୟରେ ଶରଣ ଶ୍ରୀକ୍ଷେତ୍ର ମାରଦା ମନ୍ଦିରରେ ଲୁକାୟିତ ଭାବେ ରଖାଯାଇ ବିଧି ଅନୁସାରେ ପୂଜାର୍ଚ୍ଚନା କରାଯାଉଥିଲା। ମୋଗଲମାନଙ୍କ ଆକ୍ରମଣ ସମୟରେ ଚତୁର୍ଦ୍ଧା ମୂର୍ତ୍ତିଙ୍କ ସମେତ ପୁରୀକ୍ତ ଗଜପତି ରାଜାଙ୍କୁ ଆଶ୍ରୟ ଦେଇ ଲୁକାୟିତ ଭାବେ ରଖିଥିବାରୁ ଗଜପତି ମହାରାଜାଙ୍କ ନିର୍ଦ୍ଦେଶ କ୍ରମେ ବଡ଼ ଏକାଦଶୀ ଦିନ ଦୀପ ଲାଗିବା ବେଳେ 'ଶରଣ ପଞ୍ଜର ମାନ ଉଦ୍ଧାରଣ ଭାଇ ଭାଇ ଶ୍ରୀ ରଘୁନାଥ ହରିଚନ୍ଦନ ଜଗଦେବଜୀ ମହାରାଜାଙ୍କୁ ଶଙ୍ଖରେ ବୁଡାଇ , ଘଣ୍ଟରେ ଘୋଡାଇ ଚକ୍ର ଆଡୁଆଳରେ ରଖହେ ମହାବାହୁ' ଏହି ମହିମା ଗାନ କରାଯାଉଅଛି। ଯେଉଁ ଶରଣ ଶ୍ରୀକ୍ଷେତ୍ର ମାରଦା ମନ୍ଦିର ଓ ଆଠଗଡ଼ ମହାରାଜା ପାଇଁ ପୁରୀ ଶ୍ରୀ ମନ୍ଦିରରେ ଏହିପରି ମହିମା ଗାନ କରାଯାଉଅଛି ସେହି ପ୍ରସିଦ୍ଧ ପୀଠ ଆଜି ଅବହେଳିତ ହୋଇ ପଡ଼ି ରହିଛି। ଶ୍ରୀ ଜୀଉ ମାରଦା ମନ୍ଦିରରୁ ପୁରୀ ଶ୍ରୀକ୍ଷେତ୍ର ଚାଲିଗଲେ ସେହିଦିନଠାରୁ ଠାକୁର ବସିଥିବା ପିଣ୍ଡିର ପୂଜା ପରମ୍ପରା ରହି ଆସୁଅଛି। ରାଜା ରାଜୁଡା ଶାସନ ସମୟରେ ଶରଣ ଶ୍ରୀକ୍ଷେତ୍ର ମାରଦା ମନ୍ଦିରରେ ଭୋଗ, ରୀତି,



ନୀତି ଠିକ ଭାବେ ଚାଲିଥିଲା। ରାଜା ଶାସନ କ୍ଷମତା ଗଲାପରେ ଶ୍ରୀ ମନ୍ଦିର ପ୍ରଶାସନ ପ୍ରତି ବର୍ଷ ୩୬,୦୦୦ ଟଙ୍କା ଅର୍ଥାତ ଦୈନିକ ଏକ ଶହ ଟଙ୍କା ଅନୁଦାନ ଦେଉଥିଲେ। ମାରଦା ମନ୍ଦିର ପରିଚାଳନା କମିଟି ଗଠନ ହୋଇ ଗଞ୍ଜାମ ଜିଲ୍ଲା ମାଜିଷ୍ଟ୍ରେଟ ଏହାର ସଭାପତି, ପୋଲସରା ବିଡ଼ିଓ ସମ୍ପାଦକ , ପୋଲସରା ତହସିଲଦାର କୋଷାଧ୍ୟକ୍ଷ ରହିବା ସହ ସ୍ଥାନୀୟ ଅଞ୍ଚଳର କେତେଜଣ ମାନ୍ୟଗଣ୍ୟ ବ୍ୟକ୍ତି ସଦସ୍ୟ ରହିଛନ୍ତି। ଅତ୍ୟନ୍ତ ଦୁଃଖଦାୟକ ବିଷୟ ଜିଲ୍ଲାପାଳ, ବିଡ଼ିଓ ଓ ତହସିଲଦାର ଙ୍କ ଭଳି ତିନିଜଣ ଦାୟିତ୍ୱବାନ ସରକାରୀ କର୍ମଚାରୀ ମୁଖ୍ୟ କର୍ମକର୍ତ୍ତା ଥିବା ବେଳେ ଶ୍ରୀ ମନ୍ଦିରରୁ ଆସୁଥିବା ଅନୁଦାନର ବିନିଯୋଗ ପ୍ରମାଣପତ୍ର (ୟୁସି) ୨୦୧୨-୧୩ ଆର୍ଥିକ ବର୍ଷରେ ଦେଇ ନଥିବା ଯୋଗୁ ଆସୁଥିବା ଅନୁଦାନ ବନ୍ଦ ହୋଇଯାଇଛି। ଗଞ୍ଜାମ ଜିଲ୍ଲାପାଳଙ୍କ ପତ୍ର ସଂଖ୍ୟା ୨୧୭୧ ତାରିଖ ୩୦/୧୦/୨୩ ପ୍ରକାରେ ମାରଦା ମନ୍ଦିର ଭୋଗ ପାଇଁ ଦୈନିକ ୫୦୦ ଟଙ୍କା ଲେଖାଁଏ ଅନୁଦାନ ଦେବାକୁ ଶ୍ରୀ ମନ୍ଦିର ଉପ ପ୍ରଶାସକଙ୍କ ନିକଟକୁ ଆନୁରୋଧ ପତ୍ର ସହ ସରକାରୀ ସ୍ତରରେ ଆଲୋଚନା ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳିପାରିନାହିଁ। ପୂର୍ବରେ ବାକେୟା ସହ ପୂର୍ତ୍ତ ବିଭାଗ ପକ୍ଷରୁ ନୂତନ କୋଠା ନିର୍ମାଣ ସମୟରେ ମନ୍ଦିର ବିଦ୍ୟୁତକୁ ନେଇ ବିଭିନ୍ନ ଯନ୍ତ୍ର ଉପକରଣରେ କାର୍ଯ୍ୟ କରିବା ଦ୍ୱାରା ଅଧିକ ବିଦ୍ୟୁତ ଖର୍ଚ୍ଚ ହୋଇ ବର୍ତ୍ତମାନ ବିଦ୍ୟୁତ ବିଲ ପ୍ରାୟ ୩ ଲକ୍ଷ ଟଙ୍କା ବକେୟା ରହିବାରୁ ବିଦ୍ୟୁତ କାଟିଦେବା ପାଇଁ ବିଦ୍ୟୁତ ବିଭାଗ ନିଷ୍ପତ୍ତି ନେଇଥିବା ଯୋଗୁ ମନ୍ଦିର ପରିସର ଅନ୍ଧାର ରହିବ। ଅବଶ୍ୟ ଏହି ବିଷୟ ନେଇ ପୋଲସରା ବିଡ଼ିଓ ବିଦ୍ୟୁତ ବିଭାଗକୁ ଏକକାଳୀନ ସେଟଲ ପାଇଁ ପତ୍ର ଲେଖିଛନ୍ତି। ଶ୍ରୀ ଜଗନ୍ନାଥଙ୍କ ଦୀର୍ଘ ୨୮ ମାସର ଲୀଳା ସହ ଜଡିତ ଶରଣ ଶ୍ରୀକ୍ଷେତ୍ର ମାରଦା ମନ୍ଦିରକୁ ଆଜି ସୁଦ୍ଧା ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ମିଳିନଥିବା ଯୋଗୁଁ ଜଗନ୍ନାଥ ପ୍ରେମୀ ଓ ବୁଦ୍ଧିଜୀବୀ ବୃନ୍ଦ କ୍ଷୋଭ ପ୍ରକାଶ କରିଛନ୍ତି। ସରକାର ଶରଣ ଶ୍ରୀକ୍ଷେତ୍ର ମାରଦା ମନ୍ଦିରର ଉନ୍ନତି ପାଇଁ ପଦକ୍ଷେପ ଗ୍ରହଣ ପାଇଁ ସ୍ଥାନୀୟ ବିଧାୟକ ତଥା ମତ୍ସ୍ୟ ଓ ପ୍ରାଣୀ ବିକାଶ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ବିହିତ ପଦକ୍ଷେପ ଗ୍ରହଣ କରିବେ ବୋଲି ଆଶା କରାଯାଉଛି।

## ବାଣପୁର ପୋଲିସ ତରଫରୁ ସଡ଼କ ନିରାପତ୍ତା ସଚେତନତା କାର୍ଯ୍ୟକ୍ରମ

ବାଣପୁର ୨୯/୧ (ନି.ପ୍ର): ମଙ୍ଗଳବାର ଅପରାହ୍ନରେ ବାଣପୁର ପୋଲିସ ଏବଂ ଖୋର୍ଦ୍ଧା ଏମଭିଆଇର ମିଳିତ ଆନୁକୂଲ୍ୟରେ ଏକ ସଡ଼କ ନିରାପତ୍ତା ସଚେତନତା ରାଲି ଅନୁଷ୍ଠିତ ହୋଇଯାଇଛି । ବାଣପୁର ଗୋଦାବରୀଶ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସହ ପୋଲିସ ଅଧିକାରୀ, ଆରଟିଓ, ଏବଂ ଏମଭିଆଇ ଅଧିକାରୀ ମାନେ ସାମିଲ ହୋଇଥିଲେ । ସଚେତନତା ରାଲି ମହାବିଦ୍ୟାଳୟରୁ ବାହାରି ବାଣପୁର ବଜାର ଅଞ୍ଚଳ ଦେଇ ବାଣପୁର ଥାନାରେ ସମାପ୍ତ ହୋଇଥିଲା । ଛାତ୍ରଛାତ୍ରୀ ମାନେ ସଡ଼କ ନିରାପତ୍ତା ସମ୍ପର୍କୀୟ ବିଭିନ୍ନ ପ୍ଲାକାର୍ଡ ଧରିବା ସହ ସ୍ଲୋଗାନ ଦେଇ ସାଧାରଣ ଲୋକଙ୍କୁ ସଚେତନ କରିଥିଲେ । ମୁଖ୍ୟତଃ ମଦ ପିଇ ଗାଡି ନ ଚଳାଇବା, ହେଲମେଟ ପିନ୍ଧିବା, ଚାରିଚକିଆ ଯାନରେ ସିଟବେଲ୍ଟ ବାନ୍ଧିବା ଏବଂ ଦ୍ରୁତ ଗତିରେ ଗାଡି ନ ଚଳାଇବାକୁ ସଚେତନ କରାଯାଇଥିଲା । ଉକ୍ତ ସଚେତନତା କାର୍ଯ୍ୟକ୍ରମରେ ବାଣପୁର ଥାନା ଅଧିକାରୀ ରମେଶ କୁମାର ଦେବତାଙ୍କ ସହ ଏସଆଇ ପ୍ରଦୀପ୍ତ ସ୍ୱାଇଁ, ସୁକାନ୍ତ ଦଳାଇ, ଏଏସଆଇ ସଞ୍ଜୟ କୁମାର ପାତ୍ର ଯୋଗ ଦେଇଥିବା ବେଳେ ସନତ କୁମାର ଜେନା, ଆରଟିଓ ଅଧିକାରୀ ଭୁବନେଶ୍ୱର ୨, ସସ୍ମିତା ବେହେରା ଏମଭିଆଇ ଭୁବନେଶ୍ୱର ୨, ଅରବିନ୍ଦ ନାୟକ, ଅତିରିକ୍ତ ଆରଟିଓ ଅଧିକାରୀ, ଖୋର୍ଦ୍ଧା, ହରେକୃଷ୍ଣ ମହାପାତ୍ର ଖୋର୍ଦ୍ଧା ଟ୍ରାଫିକ ଇନ୍ସପେକ୍ଟର, ଟ୍ରାଫିକ ସବ ଇନ୍ସପେକ୍ଟର ସ୍ମୃତିରେଖା ଜେନା ଯୋଗ ଦେଇଥିଲେ ।

## ଶ୍ରୀ ଅନ୍ନ ଅଭିଯାନ ତରଫରୁ ମିଲେଟ୍ସ ଖାଦ୍ୟମେଳା ଅନୁଷ୍ଠିତ



ତେନ୍ତୁଳିଖୁଣ୍ଟି ୨୯/୧ (ନି.ପ୍ର): ୭୬ତମ ସାଧାରଣତନ୍ତ୍ର ଦିବସ ଅବସରରେ ବ୍ଲକ୍ ଅଫିସ୍ ପ୍ରାଙ୍ଗଣରେ ଶ୍ରୀ ଅନ୍ନ ଅଭିଯାନ ତଥା ଓଡ଼ିଶା ମିଲେଟ୍ସ ମିଶନ ତରଫରୁ ମାଣ୍ଡିଆ ଜନିତ ଖାଦ୍ୟ ର ଏକ ଖାଦ୍ୟ ମେଳା ଅନୁଷ୍ଠିତ ହୋଇଯାଇଛି । ଏହି ଖାଦ୍ୟମେଳା କୁ ତେନ୍ତୁଳିଖୁଣ୍ଟି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ମନୋଜ କୁମାର ପାଣିଗ୍ରାହୀ ଓ ଅଗ୍ରଗାମୀ ର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଜଗନ୍ନାଥ ଜେନା ରିବନ୍ କାଟି ଏହାକୁ ଶୁଭ ଉଦ୍ଘାଟନ କରିଥିଲେ । ବ୍ଲକ୍ ସଂଯୋଜକ ଶ୍ରୀ ନିଶାନ୍ତ କୁମାର ବିଷୋୟୀ ପରିଚାଳନା କରିଥିଲେ ।ଶ୍ରୀ ଅନ୍ନ ଅଭିଯାନ ତରଫରୁ ଆଜି ଏହି ମେଳା ରେ ମାଣ୍ଡିଆ ର ସୂପ, କାଙ୍ଗୁ କ୍ଷୀରି, ମାଣ୍ଡିଆ ଗୁଲାବ ଜାମୁନ୍ ସମସ୍ତଙ୍କ ମନ କିଣିଥିଲା କ୍ଷ ଏହା ବ୍ୟତିତ ମାଣ୍ଡିଆ କେକ୍, ବିସ୍କୁଟ, ପକୁଡ଼ି, ବୋରା, ଦହି ବୋରା, ଖଡୁ ଆଦି ମଧ୍ୟ ମହିଳା ସ୍ୱୟଂ ସହାୟକ ଦଳ ଦ୍ୱାରା ପ୍ରସ୍ତୁତ କରାଯାଇ ସମସ୍ତଙ୍କୁ ବିତରଣ କରାଯାଇଥିଲା । କାର୍ଯ୍ୟକ୍ରମକୁ ଆସିଥିବା ସମସ୍ତ ଅତିଥି, ବିଭିନ୍ନ ବିଦ୍ୟାଳୟ ରୁ ଆସିଥିବା ଛାତ୍ର ଛାତ୍ରୀ, ବ୍ଲକ୍ ଅଫିସ୍ ଷ୍ଟାଫ, ଜନସାଧାରଣ ସମସ୍ତେ ମାଣ୍ଡିଆ ସୁପ୍ ର ମଜା ଉଠାଇଥିଲେ କ୍ଷ ଆଗକୁ ମଧ୍ୟ ଏହିପରି ମାଣ୍ଡିଆ ଜନିତ ଖାଦ୍ୟ ର ଚାହିଦା କିପରି କୋଣ ଅନୁକୋଣ ରେ ପହଞ୍ଚିବ ତାହା ଉପରେ ଧ୍ୟାନ ଦେବା ପାଇଁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ପାଣିଗ୍ରାହୀ ଶ୍ରୀ ଅନ୍ନ ଅଭିଯାନ ର ସମସ୍ତ କର୍ମକର୍ତ୍ତା ଙ୍କୁ କହିଥିଲେ । ଅଗ୍ରଗାମୀ ସଂସ୍ଥା ତରଫରୁ ଶୋମାଇ ମାଝୀ, ଅଶ୍ୱିନୀ ନାୟକ, ଟଙ୍କଧର ଝୋଡିଆ, ପ୍ରୋଦ୍ୟୁମ୍ନ ବାଘ, ଜୟ ପାତ୍ର, କୃପାସିନ୍ଧୁ ଗୌଡ଼, ସୁରେନ୍ଦ୍ର ନାୟକ ଏବଂ ଜଗନ୍ନାଥ ଦିଶାରି ଉପସ୍ଥିତ ରହି ଏହି ଖାଦ୍ୟ ମେଳା କୁ ସଫଳ କରିବାରେ ସାହାଯ୍ୟ କରିଥିଲେ ।

## ଟେଣ୍ଟ ହାଉସ ବ୍ୟବସାୟ କରି ସ୍ୱବଲମ୍ବି ହେବେ ପତିତପାବନ ମହିଳା ଗ୍ରୁପ

ତେନ୍ତୁଳିଖୁଣ୍ଟି ୨୯/୧ (ନି.ପ୍ର): ଟେଣ୍ଟ ହାଉସ ବ୍ୟବସାୟ କରି ସ୍ୱାବଲମ୍ବୀ ହେବେ ସ୍ୱୟଂ ସହାୟକ ମହିଳା ଗ୍ରୁପ ଦିର୍ଘ ବର୍ଷ ସଂଚୟର ନେଣା ଦେଣା କାରବାର ଠିକ କରି ଆଜି ସରକାର ଙ୍କ ଠାରୁ ଅନୁସୂଚିତ ଜାତି ପାଇଁ ଆସିଥିବା ୫୦ଭାଗ ସବସିଡ ପାଇବାର ଯୋଗ୍ୟ ନବରଙ୍ଗପୁର ଜିଲ୍ଲା ତେନ୍ତୁଳି ଖୁଣ୍ଟି ବ୍ଲକ ଅନ୍ତର୍ଗତ ଉଦୟପୁର ଗ୍ରାମର ପତିତପାବନ ସ୍ୱୟଂସହାୟକ ଗୋଷ୍ଟି ଏକ ଶ୍ରେଷ୍ଠ ଗ୍ରୁପଭାବେ ସରକାରୀ ସାହାଯ୍ୟ ପାଇ ଆଜି ଟେଣ୍ଟ ହାଉସ ସାମଗ୍ରୀ ଆଣି ନିଜ ଅଞ୍ଚଳ ରେ ସେବା ଯୋଗାଇବା ସହ ନିଜ ପରିବାର ପତିପସନ କରିବା ନିଜେ ନିଜକୁ ସବଲମ୍ବି ହେବା ଅଣ୍ଟା ଭିଡିଛନ୍ତି। ଏହି ଟେଣ୍ଟ ହାଉସ କୁ ତେନ୍ତୁଳି ଖୁଣ୍ଟି ବିଡିଓ ମନୋଜ କୁମାର ପାଣିଗ୍ରହି ସୁଭ ଉଦଘାଟନ କରିଥିବା ବେଳେ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଜଗନ୍ ମୋହନ ମାଝୀ। ଯୋଗାଣ ଅଧିକାରୀ ରହିତ ମାଝୀ ବିଜେପି ତେନ୍ତୁଳି ଖୁଣ୍ଟି ମଣ୍ଡଳ ସଭାପତି ପ୍ରଶାନ୍ତ ନାୟକ, ହରେକୃଷ୍ଣ ମୁଦୁଲି ଉପସ୍ଥିତ ଥିଲେ। ମହିଳା ଗ୍ରୁପ ସଭାପତି ଶ୍ରୀମତୀ ଖିରନ୍ଦ୍ରୀ ଟାକ୍ରି, ଫୁଲ ତଡ଼ାଦେଇ ସ୍ୱାଗତ କରିଥିଲେ। ସମ୍ପାଦକ ଶ୍ରୀମତୀ ମଞ୍ଜୁଳା ହରିଜନ, ବିମଳା ବାଘ, ଶୁଆ ମଣି ହରିଜନ, ଦେବକୀହରିଜନ, ଅମ୍ବିକା ହରିଜନ, ଚଞ୍ଚଳା ସଗରିଆ, ପ୍ରିୟଙ୍କା, ମଣି ହରିଜନ କାର୍ଯ୍ୟକ୍ରମ କୁ ସହଯୋଗ କରିଥିଲେ।

## ଆଠମଲ୍ଲିକ ଏନ.ଏ. ସି କାର୍ଯ୍ୟାଳୟ ରେ ଗଣତନ୍ତ୍ର ଦିବସ ପାଳିତ



ଆଠମଲ୍ଲିକ ୨୯/୧ (ନି.ପ୍ର): ଆଠମଲ୍ଲିକ ବିଜ୍ଞାପିତ ଅଂଚଳ ପରିଷଦ କାର୍ଯ୍ୟାଳୟ ରେ ୭୬ତମ ଗଣତନ୍ତ୍ର ଦିବସ ପାଳିତ ହୋଇ ଯାଇଛି ।ଏହି କାର୍ଯ୍ୟକ୍ରମ ରେ ଏନ ଏ.ସି ର ଅଧକ୍ଷା ଆଶା କୁମାରୀ ସାହୁ ଉପସ୍ଥିତ ରହି ଜାତୀୟ ପତାକା ଉତ୍ତଳନ କରିଥିଲେ। ଭାରତ ର ପ୍ରତ୍ୟେକ ନାଗରିକ ଗଣତନ୍ତ୍ର ର୍ବ୍ଧିବ୍ୟସ୍ଥା ଓ ସମ୍ବିଧାନ କୁ ପଢି,ବୁଝି ନିଷ୍ଠା ର ସହିତ କାର୍ଯ୍ୟ କରି ରାଷ୍ଟ୍ର ର ଅଗ୍ରଗତି ରେ ସହାକୟ ହେବା ଆବଶ୍ୟକ ବୋଲି ତାଙ୍କର ଅଭିଭାଷଣ ରେ ବ୍ୟକ୍ତ କରିଥିଲେ।ଏହି କାର୍ଯ୍ୟ କ୍ରମ ରେ ଏନ.ଏ. ସି ର କାର୍ଯ୍ୟ ନିର୍ବାହି ଅଧିକାରି ଚନ୍ଦ୍ର କାନ୍ତ ବେହେରା, ଆକାଉଟାଣ୍ଟ ନିର୍ମଳ ଚନ୍ଦ୍ର ମେ ହେର,କନିଷ୍ଟ ଯନ୍ତ୍ରୀ ଦୁର୍ଗା ପ୍ରସାଦ ରଥ, ଉପାଧକ୍ଷା- ଗଦାଧର ସ୍ୱଇଁ, ସମସ୍ତ କାଉସିଲର ଏବଂ କର୍ମଚାରୀ ଉପସ୍ଥିତ ଥିଲେ।

## କୁତାମଚଣ୍ଡୀ ପୀଠରେ ବଂଧୁ ମିଳନ

ନିମାପଡା ୨୯/୧ (ନି.ପ୍ର): କାକଟପୁର ବ୍ଲକ ଅନ୍ତର୍ଗତ ଉନ୍ନିତ ଉଚ୍ଚପ୍ରାଥମିକ ବିଦ୍ୟାଳୟ, ପାଟସୁନ୍ଦରପୁର ର ୧୯୯୮ ବ୍ୟାଚ ଛାତ୍ରଛାତ୍ରୀ ମାନଙ୍କ ଏକ ବଂଧୁ ମିଳନ କାର୍ଯ୍ୟକ୍ରମ ସ୍ଥାନୀୟ କୃତାମଚଣ୍ଡୀ ପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ ପ୍ରାୟ ୨୭ ବର୍ଷ ତଳର ସ୍ମୃତିକୁ ମନେ ପକାଇ ଭରପୁର ଆନନ୍ଦ ଉଠାଇଛନ୍ତି । ବହୁତ ଦିନ ପରେ ପରସ୍ପର ମଧ୍ୟରେ ଦେଖା ସାକ୍ଷାତ୍ ହୋଇଥିବାରୁ ଛାତ୍ରଛାତ୍ରୀମାନେ ଭାବବିହ୍ୱଳ ହୋଇ ପଡିଥିଲେ । ଏହି ବଂଧୁ ମିଳନ କାର୍ଯ୍ୟକ୍ରମରେ ସୁଶାନ୍ତ ମହାନ୍ତି, ପ୍ରଦୀପ, ପବନ, ସୁରେଶ, ସରୋଜ, ଅଭିମନ୍ୟୁ, ଚଗଲା, ଜ୍ୟୋତି, ପିଙ୍କି, ଟିକିନା, ପିଙ୍କିନା, ଗୀତା, ଅନୁରାଧା, କେଦାର, ଏବଂ ପ୍ରମୋଦଙ୍କ ସମେତ ୨୫ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

## ଜି ଆଇ ଇ ଟି ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ କ୍ରୀଡା କ୍ଷେତ୍ରରେ ସଫଳତା



ଗୁଣୁପୁର ୨୯/୧ (ନି.ପ୍ର): ସ୍ଥାନୀୟ ଜି ଆଇ ଇ ଟି ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ କ୍ରୀଡା କ୍ଷେତ୍ରରେ ଅଭୁତ ପୂର୍ବ ସଫଳତା ଅର୍ଜନ କରିଛନ୍ତି । ୨ ଦଳ ଚମ୍ପିୟାନ ଓ ୪ ରନର୍ସ ଅପ୍ ଅର୍ଜନ କରିଛନ୍ତି । ଚଳିତ ମାସ ୨୪ ରୁ ୨୬ ତାରିଖ ପର୍ଯ୍ୟନ୍ତ ଏନ ଆଇ ଟି ରାଉରକେଲା ଠାରେ କ୍ରୀଡା ଉତ୍ସବ 'ଭ୍ରାଧି- ୨୦୨୫'ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗୀତାରେ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ କ୍ରିକେଟ, ଭଲିବଲ, ବାସ୍କେଟ ବଲ୍, ଫୁଟବଲ, ବେଟ ମିଣ୍ଟେନ, ଟେବୁଲ୍ ଟେନିସ ଓ ଖୋ -ଖୋ (ପୁରୁଷ ଓ ମହିଳା) ପ୍ରଭୃତି ପ୍ରତିଯୋଗୀତା ରେ ସର୍ବ ମୋଟ ୯ ଗୋଟି ଦଳ ଅଂଶଗ୍ରହଣ କରିଥିଲେ । ଏଥିରେ କ୍ରିକେଟ ଓ ବାସ୍କେଟ ବଲରେ ଚାମ୍ପିଅନ ହୋଇଥିବା ବେଳେ ଭଲିବଲ, ଟେବୁଲ୍ ଟେନିସ ଓ ଖୋ -ଖୋ (ପୁରୁଷ ଓ ମହିଳା) ପ୍ରଭୃତି ଖେଳରେ ରନର୍ସ ହୋଇଥିଲେ । ବିଶ୍ୱବିଦ୍ୟାଳୟର ଦଳ ଗୁଡ଼ିକର ମ୍ୟାନେଜର ଭାବେ ପ୍ରଫେସର୍ ପ୍ରକାଶ ରଞ୍ଜନ ସାହୁ, ଆଦିତ୍ୟ ମହାଙ୍କୁଲ ଓ ଅଧ୍ୟାପିକା ଝରଣା ମହାରଣା ଯୋଗଦେଇ ଥିଲେ । ଏହି ବିଜେତାଙ୍କୁ ଅନୁଷ୍ଠାନ ପକ୍ଷରୁ ମାନପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା । ଏହି ଦଳ ଗୁଡ଼ିକୁ ବିଶ୍ୱବିଦ୍ୟାଳୟର ସଭାପତି ଡ଼ଃ ସତ୍ୟ ପ୍ରକାଶ ପଣ୍ଡା, ଉପ-ସଭାପତି ଡ଼ଃ ଚନ୍ଦ୍ରଧ୍ୱଜ ପଣ୍ଡା, ମହା ନିର୍ଦ୍ଦେଶକ ଡ଼ଃ ଜଗଦୀଶ ପଣ୍ଡା, ରେଜିଷ୍ଟ୍ରାର ଡ଼ଃ ଏନ ଭି ଜଗନାଧା ରାଓ , କ୍ରୀଡା ଅଧିକାରୀ ରବୀନ୍ଦ୍ର କୁମାର ପଣ୍ଡା, କ୍ରୀଡା ବିଭାଗର ଆବାହକ ଡ଼ଃ ଆଶିଷ ତିୱାରୀ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି ।

## ଦ୍ୱିତୀୟ ବାର୍ଷିକ ବ୍ଲକ୍ ସ୍ତରୀୟ ଭଲିବଲ୍ ଟୁର୍ଣ୍ଣାମେଣ୍ଟ; ବିଞ୍ଝଣା ଚାମ୍ପିୟନ୍



ବେଲଗୁଣ୍ଠା ୨୯/୧ (ନି.ପ୍ର): ମାଆ ବ୍ରାହ୍ମଣୀ ଦେବୀ ଭଲିବଲ୍ ଟିମ୍ ଆନୁକୂଲ୍ୟରେ ଦ୍ୱିତୀୟ ବାର୍ଷିକ ବ୍ଲକ୍ ସ୍ତରୀୟ ଭଲିବଲ୍ ଟୁର୍ଣ୍ଣାମେଣ୍ଟ୍ ଅନୁଷ୍ଠିତ ହୋଇଯାଇଛି ଓ ଏହି ଟୁର୍ଣ୍ଣାମେଣ୍ଟ୍ ର ଉଦ୍ଘାଟନୀ ଉତ୍ସବରେ ବରିଷ୍ଠ ଆଇନଜୀବୀ ରାଜା ବିନ୍ଧାଣିରା,ସମାଜସେବୀ ଶଙ୍କର ସାହୁ, ଲୋକନାଥ ରାଓ, ଶଙ୍କର ମାର୍ଷ୍ଟ,ଶିବ ଡାକୁଆ, ବେଲଗୁଣ୍ଠା ଥାନା ଏସ୍ଆଇ ଅନୁ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ ଓ ଏହି ଟୁର୍ଣ୍ଣାମେଣ୍ଟ୍ ରେ ଧୂମୂଛାଇ,ବାସୁଦେବପୁର, ସୋରଡା,ଢୁଙ୍କାପଡ଼ା,ଢୁଢୁଆ,କୁଲାଡ, ବିଞ୍ଝଣା,ବୁଡାମ୍ବ ଭଲିବଲ୍ ଟିମ୍ ଅଂଶଗ୍ରହଣ କରିଥିଲେ ଓ ବିଞ୍ଝଣା ଏବଂ ଢୁଢୁଆ ଟିମ୍ ଫାଇନାଲ୍ ଖେଳିଥିବା ବେଳେ ବିଞ୍ଝଣା ଚାମ୍ପିୟନ୍ ହୋଇଥିଲା ।

# ରିଷିଡା ଡାକ୍ତରଖାନା ପ୍ରତି ବିଭାଗୀୟ କର୍ତ୍ତୃପକ୍ଷ କେତେ ସଚେତନ ?

## ରବିବାର ଦିନ ବନ୍ଦ ରହୁଛି ଡାକ୍ତରଖାନା, ରୋଗୀ ହଇରାଣ

କର୍ଲାମୁଣ୍ଡା ୨୯/୧ (ନି.ପ୍ର): କର୍ଲାମୁଣ୍ଡା ବ୍ଲକ ରିଷିଡା ସରକାରୀ ଡାକ୍ତରଖାନା। ଏହି ଡାକ୍ତରଖାନା ଉପରେ ଅଞ୍ଚଳର ୪୦ହଜାର ରୁ ଅଧିକ ନିର୍ଭର କରିଥାନ୍ତି। କିନ୍ତୁ ବର୍ତ୍ତମାନର କାର୍ଯ୍ୟରତ ଡାକ୍ତରଙ୍କ ଅବହେଳା ଓ ଅଳସୁଆମୀ ପ୍ରକୃତି ହେତୁ ରୋଗୀ ମାନେ ନାହିଁନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ପ୍ରତ୍ୟେକ ସରକାରୀ ଛୁଟିଦିନ କେବଳ ଉପର ଓଳି ଡାକ୍ତରଖାନା ବନ୍ଦ ରହିବାର ନିୟମ ରହିଛି ଏବଂ ଏହା ଡାକ୍ତରଖାନା ସମ୍ମୁଖରେ ସୂଚନାବୋର୍ଡରେ ଲେଖାହୋଇଛି। କିନ୍ତୁ ଗତ ତିନିଟି ରବିବାର ହେଲା ଡାକ୍ତରଖାନା ସକାଳୁ ର ବନ୍ଦ ରହୁଛି। ଏପରିକି ଗେଟରେ ମଧ୍ୟ ତାଲା ପକାଇଦିଆଯାଉଛି। ସ୍ଥାନୀୟ ଲୋକେ ଡାକ୍ତରଖାନା ଛୁଟି ରହିବା କଥା କେବେ ଜାଣିନଥିଲେ କିନ୍ତୁ ଏବେକାର ଡାକ୍ତର ମୁକେଶ ପଧାନ ଙ୍କ ସ୍ୱେଚ୍ଛାଚାରମନୋବୃତ୍ତି ହେତୁ ଡାକ୍ତରଖାନା ଗେଟରେ ତାଲା ପକାଯିବା ଆଶ୍ଚର୍ଯ୍ୟ ସୃଷ୍ଟି କରିଛି। ଗତ ରବିବାର ଦିନ ଡାକ୍ତରଖାନା ଗେଟରେ ତାଲା ଝୁଲୁଥିବା ବେଳେ ଦିନ ୧୧ଟାରେ ଜଣେ ଅସହାୟ ବୃଦ୍ଧ ରୋଗୀଗେଟ ସମ୍ମୁଖରେ ପଡିରହିଥିବା ଦେଖ୍ ?ାଇଥିଲା। ଏନେଇ ସାଧାରଣରେ ଉତ୍ତେଜନା ସୃଷ୍ଟି ହୋଇତିଲା। ପରେ ଡାକ୍ତରଖାନାର ଜଣେ ଅସ୍ଥାୟୀ କର୍ମଚାରୀ ଡାକ୍ତରଖାନାରେ ସେହି ରୋଗୀଙ୍କ ଚିକିତ୍ସା କରିଥିଲେ କିନ୍ତୁ ସେ ପାଖ କୋଠରୀରେଥିବା ଡାକ୍ତରଙ୍କୁ ଯେତେ ଡାକିଲେ ବି ସେ ଶୁଣିନଥିଲେ। ପରେ ଡାଃ ପଧାନ ରବିବାର ଡାକ୍ତରଖାନା ଛୁଟି ବୋଲି କହିବାର ଏହା କେଉଁ ନିୟମରେ ଅଛି ବୋଲି ପ୍ରଶ୍ନକରିବାରୁ ସେ ଚିଠିଥିବା କହିଥିଲେ କିନ୍ତୁ ସେ ଚିଠି ଦେକାଇନଥିଲେ। ଏନେଇ କର୍ଲାମୁଣ୍ଡା ସିଏଚସି ଇନଚାର୍ଯ୍ୟ ଡାଃ ଆଶିଷ ଧରୁଆ ଓ ଚିଣ୍ଟି ସାମଲ ଙ୍କୁ ପଚାରିବାରୁ ସେମିତି ଚିଠି ଥିବା ଜାଣିନାହାନ୍ତି ବୋଲି କହିଥିଲେ। ଏପରିକି ଆମପ୍ରତିନିଧି ସିଡିଏମଓ ସୁଚେତା ପାଣି ଙ୍କୁ ଫୋନ ଯୋଗେ ପଚାରି



ବାରୁ ସେ ଏପରି କୌଣସି ଚିଠି ଆସିନାହିଁ ଡାକ୍ତରଖାନା ଖୋଲିବାକଥା ବୋଲି କହିଥିଲେ। ତେବେ ପ୍ରଶ୍ନ ଉଠୁଛି ଯେ ଜଣେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଭୁଆଁବୁଲାଉଥିବା ବେଳେ ଉଚ୍ଚ କର୍ତ୍ତୃପକ୍ଷ କିପରି ଚୁପ ରହୁଛନ୍ତି। ସେ ରୋଗୀ ଚିକିତ୍ସା ପ୍ରତି ଆଦୌ ଦୃଷ୍ଟିଦେଉନଥିବାରୁ ଅତୀତରେ ତାଙ୍କୁ ବଦଳି କରିବାପାଇଁ ଗ୍ରାମବାସୀ ଦାବୀ କରିଥିଲେ। କିନ୍ତୁ ସେ ନିଜ ଭୁଲ ବୁଝି ନିୟମିତ ଚିକିତ୍ସା କରିବାକୁ କହିବାରୁ ସେତେବେଳେ କାର୍ଯ୍ୟାନୁଷ୍ଠାନ ହୋଇନଥିଲା। ବର୍ତ୍ତମାନ ଉକ୍ତ ଡାକ୍ତରତୁରନ୍ତ ବଦଳି କରି ନୂତନ ଡାକ୍ତର ନିଯୁକ୍ତ କରିବାକୁ ଅଞ୍ଚଳବାସୀ ଦାବୀ ଜଣାଇଛନ୍ତି। ପ୍ରକାସତାଉକି ରିଷିଡା ଡାକ୍ତରଖାନା ୧୯୬୧ ମସିହାରେ ୬ଶର୍ଯ୍ୟା ବିଶିଷ୍ଟ ଡାକ୍ତରଖାନା ଭାବେ ପ୍ରତିଷ୍ଠା ପାଇବା ସହ ଏଏଚ (ଏରିଆ ହସପିଟାଲ) ର ଗ୍ରେଡରେ ରହିଥିଲା। ପରବର୍ତ୍ତୀ ସମୟରେ ଏହା ଓଏଚ ରେ ମାନ୍ୟତା ପାଇଛି। ଏହା ଏକ ସ୍ୱତନ୍ତ୍ର ଡାକ୍ତରଖାନା ହୋଇଥିବା ବେଳେ ଏହାର ଉନ୍ନତି କରଣ ପାଇଁ ବାରମ୍ବାର ଦାବୀ ହେଉଛି। ୬ ଟି ବେଡ ପଡିଥିବା ପ୍ରକୋଷ୍ଠରେ ଡାକ୍ତର ନିଜ ବାସଭବନ କରିଥିବା ଦେଖାଯାଇଛି। ଡାକ୍ତରଙ୍କ ବିଷୟରେ ଏଠି ନାନାଦି ଗୁଜବ ଚର୍ଚ୍ଚା ହେଉଥିବାରୁ ତୁରନ୍ତ ବଦଳି ନ କଲେ ଆନ୍ଦୋଳନ ହେବ ବୋଲି ଚେତାବନୀ ଦିଆଯାଇଛି।

## ନିପୁଣ ଓଡ଼ିଶା ମେଳା ରେ ଯୋଡ଼ିହେଲେ ଛାତ୍ର ଛାତ୍ରୀ ଓ ଅଭିଭାବକ



କଣାସ ୨୯/୧ (ନି.ପ୍ର): ନିପୁଣ ଓଡ଼ିଶା ମେଳାରେ ପ୍ରଦର୍ଶିତ ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନରେ ବ୍ୟବହୃତ ଶିକ୍ଷଣ ସାମଗ୍ରୀ ଓ ଶିକ୍ଷକମାନଙ୍କ ଦ୍ୱାରା ତାହାର ପିଲାମାନଙ୍କ ମନୋଲୋଭା ଉପସ୍ଥାପନ ପ୍ରାରମ୍ଭିକ ଶ୍ରେଣୀର ଛାତ୍ରଛାତ୍ରୀ ମାନଙ୍କ ଶିକ୍ଷଣକୁ ଆନନ୍ଦଦାୟୀ ଓ ଫଳପ୍ରଦ କରିପାରିବ ବୋଲି ଆଜି କଣାସ ବ୍ଲକ ଅନ୍ତର୍ଗତ ବାରଦା ବାଦଲ ପୁର ସଂଯୁକ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସାଧନ କେନ୍ଦ୍ରର ଗଡସାନପୁଟ ପ୍ରାଥମିକ ବିଦ୍ୟାଳୟ ଠାରେ ଆୟୋଜିତ କ୍ଲଷ୍ଟର ସ୍ତରୀୟ ନିପୁଣ ଓଡ଼ିଶା ମେଳାରେ ଉପସ୍ଥିତ ଅଭିଭାବକମାନେ ମତବ୍ୟକ୍ତ କରିଛନ୍ତି ।ସାଧନ କେନ୍ଦ୍ର ସଂଯୋଜକ ଭୂପତି ଭୂଷଣ ତ୍ରିପାଠୀଙ୍କ ସଂଯୋଜନା ଓ ପ୍ରଧାନ ଶିକ୍ଷକ ନରସିଂହ ଗୁମାନସିଂହ ଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ଉଦଘାଟନ ସଭାରେ ଅତିଥି ରୂପେ ଗଡବଡ଼ପୁଟ ସଂଯୁକ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ରାଜଲକ୍ଷ୍ମୀ ମହାରଣା, ଲୋକ ପ୍ରତିନିଧି ମାଧବ ଡ଼ାବୁଲି, ବିଦ୍ୟାଳୟ ପରିଚାଳନା କମିଟିର ଅଧକ୍ଷା ସନ୍ଧ୍ୟାରଣି ସ୍ୱାଇଁ ପ୍ରମୁଖ ଯୋଗଦେଇ ଥିଲେ ।ଏହି ମେଳାରେ ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ଶ୍ରେଣୀ ଯୁକ୍ତ ପ୍ରଥମରୁ ତୃତୀୟ ଶ୍ରେଣୀ ଛାତ୍ର ଛାତ୍ରୀ ମାନଙ୍କ ଭାଷା ଓ ଗଣିତରେ ଆବଶ୍ୟକୀୟ ପାରଦର୍ଶିତା ପାଇଁ ଶିକ୍ଷକ ମାନଙ୍କ ଦ୍ୱାରା ବ୍ୟବହୃତ ଶିକ୍ଷଣ ସାମଗ୍ରୀ ଛାତ୍ର ଛାତ୍ରୀ ଓ ଅଭିଭାବକଙ୍କ ସମ୍ମୁଖରେ ପ୍ରଦର୍ଶିତ କରା ଯାଇଥିଲା ।ଶିକ୍ଷକ ବିଭୂତି ଭୂଷଣ ପରିଡ଼ା ,ପୀତବାସ ବରାଳ,କାମଦେବ ସେଠୀ, ଦୀନବନ୍ଧୁ ବରାଳ,ପ୍ରଦୀପ ଦାସ,ନବକୃଷ୍ଣ ଜେନା ଓ ଶିକ୍ଷୟତ୍ରୀ ପ୍ରଭାସିନୀ ଦାସ,ମମତା ସାହୁ,ଅନିତା ନାୟକ ପ୍ରମୁଖ ଶିକ୍ଷଣ ସାମଗ୍ରୀ ର ବ୍ୟବହାର ଦ୍ୱାରା ଶିକ୍ଷଣ କାର୍ଯ୍ୟ ସମ୍ପର୍କରେ ଅଭିଭାବକ ମାନଙ୍କୁ ବୁଝା ଯାଇ ଥିଲା ।ଅଭିଭାବକ ଓ ଛାତ୍ର ଛାତ୍ରୀ ମାନଙ୍କ ପାଇଁ ଏହି ମେଳା ଆକର୍ଷଣୀୟ ହୋଇଥିଲା। ଶେଷରେ ଅନୁଷ୍ଠିତ ଉଦଯାପନୀ ସଭାରେ ବିଭିନ୍ନ ପ୍ରତି ଯୋଗୀତାର କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା ।ସାଧନ କେନ୍ଦ୍ରର ଶିକ୍ଷକ ଶିକ୍ଷୟତ୍ରୀ ମାନେ ଏହି ମେଳାର ପରିଚାଳନାରେ ସହଯୋଗ କରିଥିଲେ।

## କୁଞ୍ଜେଶ୍ୱରୀ ସେବା ସମବାୟ ପକ୍ଷରୁ ଖୋଲିଲା ଧାନ ମଣ୍ଡି



କଣାସ ୨୯/୧ (ନି.ପ୍ର): ପୁରୀ ଜିଲ୍ଲା କଣାସ ବ୍ଲକ କୁଞ୍ଜେଶ୍ୱରୀ ସେବା ସମବାୟସମିତି ପକ୍ଷରୁ ଚଳିତ ବର୍ଷର ପ୍ରଥମ କରି ଧାନ ମଣ୍ଡି ଖୋଲାଯାଇଛି ।ଯାହା ଦ୍ୱାରା ଅନେକ ଚାଷୀ ଧାନ ଦେଇ ଉପକୃତ ହେହେ ।ରାଜ୍ୟ ସରକାରଙ୍କ ପକ୍ଷରୁ ଖୋଲାଯାଇଥିବା ଧାନ ମଣ୍ଡିରେ ଚାଷୀମାନେ ଧାନ ଦେଇ କୁଇଣ୍ଟାଲ ପିଛା ୨୩୦୦ଟଙ୍କା ପାଇବା ସହ ୮୦୦ଟଙ୍କା ଇନପୁଟ ସିଧାସଳଖ ଚାଷୀମାନଙ୍କ ଆକାଉଣ୍ଟକୁ ଟଙ୍କା ଯିବ ବୋଲି ସରକାର ଘୋଷଣା କରିଛନ୍ତି ।ସୋମବାର କୁଞ୍ଜେଶ୍ୱରୀ ସେବା ସମବାୟ ସମିତି କଣାସ ପକ୍ଷରୁ ପ୍ରଥମ ଦିନରେ ୧୨ଜଣ ଚାଷୀ ୪ସହ କୁଇଣ୍ଟାଲରୁ ଉର୍ଦ୍ଧ୍ୱ ଧାନ ଦେଇଥିବା ଜଣାପଡିଛି ।ଏହି ଧାନକୁ ମା ମଙ୍ଗଳାରାଇସ ମିଲ ବ୍ରହ୍ମଗିରି ନେଇଥିବା ଜଣାପଡିଛି ।ଏହି କାର୍ଯ୍ୟକ୍ରମରେ କୁଞ୍ଜେଶ୍ୱରୀ ସେବା ସମବାୟ ସମିତିର ସଭାପତି ସୁକାନ୍ତ କିଶୋର ସାମନ୍ତରାୟ, ସମବାୟ ସମିତିର ସମ୍ପାଦିକ ଧୀରେନ୍ଦ୍ର କୁମାର ମାନସିଂହ,ଶାଖା ପରିଚାଳକ ଦାମୋଦର ମୁଦୁଲି, ନୋଡାଲ ଅଫିସର ଭାବେ କଣାସ ରାଜସ୍ୱ ନିରୀକ୍ଷକ ଶୁଭଜିତ ସାହୁ ଓ ଡିଓ ପ୍ରଦୋଷ ରାୟ ପ୍ରମୁଖ ଉପସ୍ଥିତ ଥିଲେ ।

## ଡ.ମୋହନ ଭାଗବତଙ୍କ ୫ ଦିନିଆ ଓଡିଶା ଗସ୍ତ

ଭୁବନେଶ୍ୱର,୨୯/ ୧: ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସରସଂଘଚାଳକ ଡ.ମୋହନ ଭାଗବତ ୫ ଦିନିଆ ଓଡିଶା ଗସ୍ତରେ ଆସି ଜାନୁୟାରୀ ୩୦ ତାରିଖ ଦିନ ଭୁବନେଶ୍ୱରରେ ପହଁଚିବେ। ସେହି ଦିନ ସଂଧ୍ୟା ୬ ଘଟିକା ସମୟରେ ଭୁବନେଶ୍ୱରର ଜୟଦେବ ଭବନରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପୂର୍ବତନ ପ୍ରାନ୍ତ ସଂଘଚାଳକ ସ୍ୱର୍ଗତ ଶିବରାମ ମହାପାତ୍ରଙ୍କ ଉଦ୍ଦେଶ୍ୟରେ ଅନୁଷ୍ଠିତ ହେବାକୁ ଥିବା ଏକ ଶ୍ରଦ୍ଧାଞ୍ଜଳି ସଭାରେ ଭାଗନେବେ। ଏହାପରେ ଆସନ୍ତା ଜାନୁୟାରୀ ୩୧ ତାରିଖରୁ ୩ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ଉତ୍କଳ ବିପନ୍ନ ସହାୟତା ସମିତି ଠାରେ ଅନୁଷ୍ଠିତ ହେବାକୁ ଥିବା ସଂଗଠନର ସାଂଗଠନିକ କାର୍ଯ୍ୟର ସମୀକ୍ଷା ଓ ସଂଘର ଶତାବ୍ଦୀ ବର୍ଷର ଯୋଜନା ବୈଠକରେ ଯୋଗଦାନ କରିବେ। ଜାନୁୟାରୀ ୩୧ ତାରିଖରୁ ୩ ତାରିଖ ପର୍ଯ୍ୟନ୍ତ ଏଠାରେ କୌଣସି ସାର୍ବଜନୀନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ନାହିଁ । ଏହି ବୈଠକ କେବଳ ସାଂଗଠନିକ କାର୍ଯ୍ୟପାଇଁ ଉଦ୍ଦିଷ୍ଟ। ଏହାପରେ ଡ.ଭାଗବତ ପାଂଚ ଦିନିଆ ଓଡିଶା ପ୍ରବାସ ସାରି ଫେବୃୟାରୀ ୩ ତାରିଖ ଦିନ ଓଡିଶାରୁ ପ୍ରତ୍ୟାବର୍ତନ କରିବେ ବୋଲି ସଂଘର ଓଡିଶା ପୂର୍ବ ପ୍ରାନ୍ତର ପ୍ରାନ୍ତ ପ୍ରଚାର ପ୍ରମୁଖ ଶ୍ରୀ ସୁମନ୍ତ କୁମାର ପଣ୍ଡା ପ୍ରକାଶ କରିଛନ୍ତି।

## ବେଲଗୁଣ୍ଠା ବ୍ଲକ୍ ରେ କନିଷ୍ଠ ଶିକ୍ଷକ ସଂଘ ଗଠିତ

ବେଲଗୁଣ୍ଠା ୨୯/୧ (ନି.ପ୍ର): ବେଲଗୁଣ୍ଠା ବ୍ଲକ୍ ରେ ନୂତନ ଭାବେ ନିଯୁକ୍ତି ପାଇଥିବା କନିଷ୍ଠ ଶିକ୍ଷକ ଶିକ୍ଷୟିତ୍ରୀ ( ସ୍କିମାଟିକ୍ ) ଏକ ନୂତନ ସଂଘ ଗଠନ କରିବା ସହିତ ସଂଘ ନିମିତ୍ତ କର୍ମକର୍ତ୍ତା ଚୟନ କରିଛନ୍ତି ଓ ଏହି ଅବସରରେ ନବ ନିଯୁକ୍ତ ସମସ୍ତ କନିଷ୍ଠ ଶିକ୍ଷକ ଶିକ୍ଷୟିତ୍ରୀ ( ସ୍କିମାଟିକ୍ ) ଙ୍କୁ ଅନୁଷ୍ଠିତ ଏକ ବୈଠକରେ ସର୍ବସମ୍ମତି କ୍ରମେ ସଭାପତି ରୂପେ ବିବେକାନନ୍ଦ ପାତ୍ର, ଉପସଭାପତି ଭାବେ ସୁନେଲି ସ୍ୱାଇଁ, ସମ୍ପାଦକ ରୂପେ ସନ୍ତୋଷ ଗୌଡ଼,ସହସମ୍ପାଦକ ରୂପେ ପ୍ରଣତି ଦାସ,କୋଷାଧ୍ୟକ୍ଷ ରୂପେ ପୁଷ୍ପାଞ୍ଜଳି ସାହୁ, ଗଣମାଧ୍ୟମ ସଂଯୋଜକ ରୂପେ ଅନ୍ନପୂର୍ଣ୍ଣା ପାତ୍ର ଏବଂ ଦେବୀ ପ୍ରସାଦ ନାୟକଙ୍କୁ ଚୟନ କରାଯାଇଛି ଓ ସେହିପରି ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ସଭାପତି ମୃତ୍ୟୁଞ୍ଜୟ ପଣ୍ଡା, କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ସେଠୀ, ମନୋଜ କୁମାର ପଟ୍ଟନାୟକ ଏବଂ ସଂଗଠନ ସମ୍ପାଦକ ନୂତନ ସଂଘର ଉପଦେଷ୍ଟା ମଣ୍ଡଳୀ ରୂପେ ମନୋନୀତ ହୋଇଛନ୍ତି ଓ ଆଗାମୀ ଦିନରେ କନିଷ୍ଠ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ ସଂଘ ମାଧ୍ୟମରେ ଚେଷ୍ଟା କରାଯିବ ବୋଲି ଆଲୋଚନା ହୋଇଥିଲା।

# ଉତ୍କଟ ଜଳ ସମସ୍ୟା: କାଗଜ କଲମରେ ସବୁ ଠିକ୍, ବାସ୍ତବ ସ୍ଥିତି ସଂପୂର୍ଣ୍ଣ ଅଲଗା





ମାଲକାନଗିରି, ୨୯/୧: ଜିଲ୍ଲାରେ ଏବେ ଉତ୍କଟ ଜଳ ସମସ୍ୟା। ଦୁର୍ଗମ ଅଞ୍ଚଳରେ ନଳକୂପଗୁଡିକ ଖରାପ ହୋଇ ପଡ଼ିଥିବା ବେଳେ କୂଅଗୁଡ଼ିକରେ ପାଣି ଶୁଖିଗଲାଣି। ଲୋକଙ୍କୁ ଚୁଆ ଉପରେ ନିର୍ଭର କରିବାକୁ ପଡୁଛି। ଜିଲ୍ଲାର ଅର୍ଦ୍ଧାଧିକ ନଳକୂପ ଏବେ ଅକାମୀ ହୋଇଛି। ଖଇରପୁଟ ବ୍ଲକର ବଣ୍ଡାଘାଟିର ଦୁଇଟି ପଞ୍ଚାୟତ ସମେତ ଅନ୍ୟ ପଞ୍ଚାୟତରେ ମଧ୍ୟ ଉତ୍କଟ ଜଳ ସମସ୍ୟା ଦେଖାଦେଲାଣି। ଏନେଇ ବ୍ଲକ ପ୍ରଶାସନ ଠାରୁ ଆରମ୍ଭ କରି ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଗୁହାରି କରି ନୟାନ୍ତ ହେଲେଣି ଲୋକେ। ଅନ୍ୟ ବ୍ଲକର ଅବସ୍ଥା କହିଲେ ନସରେ। କେବଳ କାଗଜ କଲମରେ ସବୁ ଠିକ ଚାଲୁଥିବା ଦର୍ଶାଯାଉଥିବା ବେଳେ ବାସ୍ତବ ସ୍ଥିତି କିନ୍ତୁ ସଂପୂର୍ଣ୍ଣ ଅଲଗା ରହିଛି। ଜିଲ୍ଲା ଜଳ ଓ ପରିମଳ ବିଭାଗ କେବଳ ଜିଲ୍ଲାରେ କେତେ ପାଣିର ଉତ୍ସ ରହିଛି ତାହାର ରିପୋର୍ଟ ସରକାରଙ୍କୁ ପ୍ରଦାନ କରୁଛନ୍ତି। କିନ୍ତୁ ଜିଲ୍ଲାରେ କେଉଁ କେଉଁ ଗାଁରେ ପାଣିର ସମସ୍ୟା ରହିଛି ଏବଂ କେତେ ନଳକୂପ,କୂପ ଏବଂ ଅନ୍ୟ ପାଣିର ଉତ୍ସ ଖରାପ ହୋଇ ପଡିଛି ତାହା ରିପୋର୍ଟ ପ୍ରଦାନ କରାଯାଉ ନାହିଁ। ଏନେଇ ବିଭାଗକୁ ପଚାରିଲେ ବ୍ଲକଗୁଡିକରେ ଖରାପ ନଳକୂପ କିମ୍ବା ଅନ୍ୟ ପାଣିର ଉତ୍ସ ସଂପର୍କରେ ମିଳିବ ବୋଲି କୁହାଯାଉଛି। ସରକାରୀ ରିପୋର୍ଟ ଅନୁଯାୟୀ ଜିଲ୍ଲାର ଚିତ୍ରକୋଣ୍ଡା ବ୍ଲକର ୧୮ଟି ପଞ୍ଚାୟତରେ ୫୯,୮୫୭ ଲୋକଙ୍କ ପାଇଁ ୧୪୭୦ ନଳକୂପ, ୪୯୮ କୂପ, ୧୦ଟି ବସୁଧା ଯୋଜନା, ୪୨ଟି ଝରଣା ପାଣି ପାଇପ ଯୋଗେ ଜଳ ପ୍ରଦାନ, ୧୪୫ଟି ସୋଲାର ଷ୍ଟାଣ୍ଡ ପୋଷ୍ଟ ଏବଂ ୭୯ଟି ସୋଲାର ପାଇପ ଜଳ ଯୋଗାଣର ବ୍ୟବସ୍ଥା ଥିବା କୁହାଯାଇଛି। କାଲିମେଲା ବ୍ଲକରେ ୨୩ଟି ପଞ୍ଚାୟତର ୧,୩୦,୯୪୬ ଜଣ ଲୋକଙ୍କ ପାଇଁ ୨୫୫୯ଟି ନଳକୂପ ଏବଂ ୭ଟି କୂପ,୭୫ଟି ବସୁଧା ଯୋଜନା, ଗୋଟିଏ ଝରଣା ପାଣି ପାଇପ ଯୋଗାଣ, ୭୧ଟି ସୋଲାର ଷ୍ଟାଣ୍ଡ ପୋଷ୍ଟ ପାଣି ଯୋଗାଣର ବ୍ୟବସ୍ଥା ରହିଛି। ଖଇରପୁଟ ବ୍ଲକର ୧୧ଟି ପଞ୍ଚାୟତର ୫୭୩୭୦ ଲୋକଙ୍କ ପାଇଁ ୧୩୪୫ଟି ନଳକୂପ, ୨୦୫ଟି କୂପ, ୪୩ଟି ବସୁଧା ଯୋଜନା, ୩୫ଟି ଝରଣା ପାଣିରେ ଜଳ ଯୋଗାଣ, ୯୧ଟି ସୋଲାର ଷ୍ଟାଣ୍ଡ ପୋଷ୍ଟ, ୫ଟି ସୋଲାର ପାଇପ ଜଳ ଯୋଗାଣର ବ୍ୟବସ୍ଥା ରହିଥିବା କୁହାଯାଇଛି। ସେହିପରି କୋରକୋଣ୍ଡା ବ୍ଲକର ୧୨ଟି ପଞ୍ଚାୟତର ୭୩୯୨୦ ଲୋକଙ୍କ ପାଇଁ ୧୪୭୩ଟି ନଳକୂପ, ୬୨ଟି କୂପ, ୩୫ଟି ବସୁଧା ଯୋଜନା, ୭ଟି ଝରଣା ପାଣି ପାଇପ ଜଳ ଯୋଗାଣ, ୧୩୦ଟି ସୋଲାର ଷ୍ଟାଣ୍ଡ ପୋଷ୍ଟ, ୫୦ଟି ସୋଲାର ପାଇପ ଜଳ ଯୋଗାଣ ରହିଛି। ମାଲାକନଗିରି ବ୍ଲକର ୧,୦୨,୧୨୧ ଲୋକଙ୍କ ପାଇଁ ୨୩୧୭ଟି ନଳକୂପ, ୧୫ଟି କୂପ, ୫୩ଟି ବସୁଧା ଯୋଜନା, ୯୩ଟି ସୋଲାର ଷ୍ଟାଣ୍ଡ ପୋଷ୍ଟରେ ଜଳ ଯୋଗାଣର ବ୍ୟବସ୍ଥା ରହିଛି। ମାଥିଲି ବ୍ଲକର ୨୦ ପଞ୍ଚାୟତର ୯୬୪୮୬ ଲୋକଙ୍କ ପାଇଁ ୨୪୮୧ଟି ନଳକୂପ, ୧୮୦ଟି କୂପ, ୪୧ଟି ବସୁଧା ଯୋଜନା, ୪ଟି ଝରଣା ପାଣିର ଜଳ ଯୋଗାଣ, ୯୦ଟି ସୋଲାର ଷ୍ଟାଣ୍ଡ ପୋଷ୍ଟ ଏବଂ ୨୦ଟି ସୋଲାର ପାଇପ ଜଳ ଯୋଗାଣ ଏବଂ ପଡିଆ ବ୍ଲକର ୮ଟି ପଞ୍ଚାୟତର ୪୩୧୯୨ ଲୋକଙ୍କ ପାଇଁ ୧୦୭୫ଟି ନଳକୂପ, ୧୮ଟି ବସୁଧା ଯୋଜନା, ୪୧ଟି ଷ୍ଟାଣ୍ଡ ପୋଷ୍ଟରେ ଜଳ ଯୋଗାଣର ବ୍ୟବସ୍ଥା ରହିଛି। ଜିଲ୍ଲାରେ ରହିଥିବା ୧୧୧ଟି ପଞ୍ଚାୟତର ୫,୬୩,୮୯୨ ଲୋକଙ୍କ ପାଇଁ ୧୨,୭୨୦ଟି ନଳକୂପ ରହିଥିବା କୁହାଯାଉଥିବା ବେଳେ ୯୬୭ଟି କୂପ ରହିଛି। ୨୭୫ଟି ବସୁଧା ଯୋଜନା ଏବଂ ୮୯ଟି ଝରଣା ପାଣିରେ ଜଳ ଯୋଗାଣ ଓ ୬୬୧ଟି ସୋଲାର ଷ୍ଟାଣ୍ଡ ପୋଷ୍ଟ ଏବଂ ୧୫୪ଟି ସୋଲାର ପାଇପ ଲାଇନ ଦ୍ୱାରା ଜଳ ଯୋଗାଣ କରାଯାଉଥିବା କୁହାଯାଇଛି। କିନ୍ତୁ ବାସ୍ତବରେ ବହୁ ସ୍ଥାନରେ ବସୁଧା ଯୋଜନା ଫେଲ ମାରିଥିବା ବେଳେ ସୋଲାର ଜଳ ଯୋଗାଣ ସଂପୂର୍ଣ୍ଣ ଅଚଳ ହୋଇ ପଡିଛି। ନଳକୂପ ଓ କୂପର ଅବସ୍ଥା ନକହିବା ଭଲ। ଜିଲ୍ଲା ଜଳ ଓ ପରିମଳ ବିଭାଗ ବ୍ଲକ ପ୍ରଶାସନ ଉପରେ ଦୋଷ ଠେଲି ଚୁପ ବସିଥିବା ବେଳେ ବ୍ଲକ ପ୍ରଶାସନ ସବୁ ଠିକ ଚାଲିଥିବା ବେଳେ କିଛି ସ୍ଥାନରେ ଖରାପ ରହିଥିବା ସ୍ୱୀକାର କରିଛନ୍ତି। ଯୁଦ୍ଧକାଳୀନ ଭିତ୍ତିରେ ସବୁ ମରାମତି କରାଯିବ ବୋଲି ବ୍ଲକ ପ୍ରଶାସନ କହୁଛି।

## କୋରାପୁଟ ମହିଳାଙ୍କ ଠାରୁ ହସ୍ତତନ୍ତ ବିଷୟରେ ପଚାରି ବୁଝିଲେ ଦେଶୀ-ବିଦେଶୀ



କୋରାପୁଟ, ୨୯/୧: ଜିଲ୍ଲାର ଲମତାପୁଟ ବ୍ଲକ ଅନ୍ତର୍ଗତ ରାଇପଡ଼ା ଗ୍ରାମର ଗାଦବା ସାମ୍ପ୍ରଦାୟର ଦୁଇଜଣ ଆଦିବାସୀ ମହିଳା ସେବତୀ ଶିଶା ଓ ମଣି କିରସାନି ଆଜିଠାରୁ ଦିଲ୍ଲୀରେ ଅନୁଷ୍ଠିତ ହେଉଥିବା ଜାତୀୟସ୍ତରୀୟ ଇଣ୍ଟାକ ଉତ୍ସବରେ ସେମାନଙ୍କ ଲୁପ୍ତପ୍ରାୟ କେରେଙ୍ଗ ବସ୍ତ୍ର ବୁଣା ପ୍ରଦର୍ଶନ କରିଥିଲେ। ଏପରିକି ପ୍ରଦର୍ଶନୀରେ ବହୁ ଦେଶୀ ଓ ବିଦେଶୀ ଅତିଥି ଓ ଇନଟାକର ସଭ୍ୟମାନେ ହସ୍ତତନ୍ତ ସମ୍ପର୍କରେ ପଚାରି ବୁଝିଥିଲେ। ଲୁପ୍ତ ହେବାକୁ ବସିଥିବା ଏହି ହସ୍ତକଳାକୁ ପୁନଃରୁଦ୍ଧାର କରି ପୁଣି ପ୍ରଦର୍ଶନୀରେ ପ୍ରଦର୍ଶିତ କରିବାକୁ ୨ମହିଳା ଆସିଥିବାରୁ ଖୁସି ପ୍ରକଟ କରିଥିଲେ।ପ୍ରକାଶଯୋଗ୍ୟ, ଇନଟାକ, ଜିଲ୍ଲା ପ୍ରଶାସନ ତଥା ରାଜ୍ୟ ସରକାରଙ୍କ ବୟନ ବିଭାଗର ସହଯୋଗରେ ଗାଦବା ଜନଜାତିର ଲୁପ୍ତପ୍ରାୟ କେରେଙ୍ଗ ବସ୍ତ୍ରର ପୁନରୁଦ୍ଧାର କରି ନୂତନ ଭାବେ ବସ୍ତ୍ର ବୁଣା ଆରମ୍ଭ କରାଯାଇପାରିଛି। ଲମତାପୁଟର ରାଇପଡା ଗ୍ରାମର ମହିଳା ଓ ପୁରୁଷ ବୁଣାକାର ଆରମ୍ଭ ହୋଇଥିବା ଅଭିନବ ପ୍ରକଳ୍ପର ସଫଳତା ନିମନ୍ତେ ଇଣ୍ଟାକ ଓ କୋରାପୁଟ ଜିଲ୍ଲା ପ୍ରଶାସନ ର ମିଳିତ ଉଦ୍ୟମର ଫଳ ସ୍ୱରୂପ ଆଜି ଏହି ଦୁଇ ଆଦିବାସୀ ମହିଳାଙ୍କୁ ଦିଲ୍ଲୀରେ ଅନୁଷ୍ଠିତ ଇଣ୍ଟାକ ଉତ୍ସବରେ ଯୋଗ ଦେବାର ସୁଯୋଗ ମିଳିଛି। ଏହି ଉତ୍ସବରେ ସେବତୀ ସୀସାଙ୍କ ଦ୍ୱାରା କୋରାପୁଟିଆ ଆଦିବାସୀ ଭାଷାରେ ସ୍ୱାଗତ ସଂଗୀତ ସମସ୍ତଙ୍କୁ ମୁଗ୍ଧ କରିଥଲା। ଦିନ ତମାମ ତାଙ୍କ ପାରମ୍ପରିକ ତନ୍ତରେ କେରଙ୍ଗ ବସ୍ତ୍ର ବୁଣା କାର୍ଯ୍ୟ ଦେଖିବା ପାଇଁ କଳା ପ୍ରେମୀଙ୍କ ଭିଡ ଲାଗି ରହିଥିଲା। ଦେଶ ବିଦେଶରୁ ଆସିଥିବା ବିଶିଷ୍ଟ ବ୍ୟକ୍ତି କୋରାପୁଟ ର ଲୁପ୍ତ ପ୍ରାୟ କେରେଙ୍ଗ ବସ୍ତ୍ରକୁ କିପରି ପୁନରୁଦ୍ଧାର କରିବା ସହିତ କେରେଙ୍ଗ ବୃକ୍ଷ ରୋପଣ ତଥା ପ୍ରାକୃତିକ ରଙ୍ଗ ପ୍ରଦାନ କରିଥିବା ଜାଫରା ଗଛ, ସିନ୍ଦୁର, ସିଉନା ବୃକ୍ଷ ପ୍ରଭୃତିର ବ୍ୟାପକ ପ୍ରସାର ପାଇଁ ଗଦବା ଜନଜାତି ମଧ୍ୟରେ ଇଚ୍ଛାଶକ୍ତିର ପୁନଃ ପ୍ରତିଷ୍ଠା ହୋଇଛି ସେ ସମ୍ପର୍କରେ ଜାଣିବାକୁ ପାଇଁ ଦୁଇ ଆଦିବାସୀ ମହିଳାଙ୍କ ଦକ୍ଷତାକୁ ପ୍ରଶଂସା କରିଥିଲେ।

## ଲାଲା ଲଜପତ ରାୟଙ୍କ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି: 'ଲାଲାଜୀ ଥିଲେ ଯୋଗଜନ୍ମା ପୁରୁଷ'



କଟକ, ୨୯/୧: ଲୋକସେବକ ମଣ୍ଡଳର ପ୍ରତିଷ୍ଠାତା ପୁରୁଷ ସିଂହ ଲାଲା ଲଜପତ ରାୟଙ୍କ ୧୬୧ତମ ଜୟନ୍ତୀ ଅବସରରେ ମଙ୍ଗଳବାର ବକ୍ସିବଜାରସ୍ଥିତ 'ସମାଜ' ମୁଖ୍ୟ କାର୍ଯ୍ୟାଳୟ ଗୋପବନ୍ଧୁ ଭବନରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସମ୍ପାଦକ ତଥା 'ସମାଜ' ମୁଦ୍ରାକର ଓ ପ୍ରକାଶକ ଡ. ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ଡା. ନିରଞ୍ଜନ ତ୍ରିପାଠୀ ଯୋଗଦେଇ କହିଲେ, ଲାଲାଜୀ ପଞ୍ଜାବରେ ଜନ୍ମ ହୋଇଥିବାରୁ ସେ ପଞ୍ଜାବ କେଶରୀ ଭାବେ ଲୋକପ୍ରିୟ ଥିଲେ। ସେ ଦେଶ ପାଇଁ କାମ କରି ପ୍ରାଣବଳି ଦେଇଥିଲେ। ସିଂହର ଶକ୍ତି ଓ ଉତ୍ସାହ ନେଇ ସେ ଦେଶକୁ ବିଦେଶୀଙ୍କ କବଳରୁ ମୁକ୍ତ କରିବାକୁ ଲଢ଼େଇ କରିଥିଲେ। ସେ ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ। ସେବା ଓ ତ୍ୟାଗ ମନୋବୃତ୍ତି ନେଇ ଲୋକଙ୍କ କାର୍ଯ୍ୟ କରିବା ତାଙ୍କର ମୂଳମନ୍ତ୍ର ଥିଲା। ଏଥିପାଇଁ ସେ ଲୋକସେବକ ମଣ୍ଡଳ ଭଳି ସେବାମୂଳକ ସଂସ୍ଥା ଗଠନ କରିଥିଲେ। ଲାଲାଜୀଙ୍କ ଭଳି ମଣିଷ ବିରଳ। ତାଙ୍କ ମୃତ୍ୟୁ ଅତୀବ କଷ୍ଟ ଓ ଯନ୍ତ୍ରଣାଦାୟକ ଥିଲା। ପ୍ରକୃତରେ ସେ ଥିଲେ ଜଣେ ଯୋଗଜନ୍ମା ପୁରୁଷ ବୋଲି ଡା. ତ୍ରିପାଠୀ ମତବ୍ୟକ୍ତ କରିଥିଲେ। ଡ. ଆଚାର୍ଯ୍ୟ ସଭାପତିତ୍ୱ ଅଭିଭାଷଣରେ କହିଲେ ଯେ, ଲାଲାଜୀ ଥିଲେ ଅସାଧାରଣ ବ୍ୟକ୍ତିତ୍ୱର ଅଧିକାରୀ। ଜଣେ ପ୍ରକୃତ ଦେଶଭକ୍ତ, ଓଜସ୍ୱିନୀ ବକ୍ତା, ପ୍ରତିଷ୍ଠିତ ଲେଖକ, ସିଦ୍ଧ ସମ୍ପାଦକ, ସ୍ୱଦେଶୀ ଜାଗରଣର ପ୍ରଣେତା ଏବଂ ଯୁବକଙ୍କ ପ୍ରେରଣାସ୍ରୋତ ଥିଲେ। ଆଜିର ଯୁବପିଢ଼ି ଲାଲାଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ଉଚିତ୍। ଲାଲାଜୀ ଲୋକସେବକ ମଣ୍ଡଳ ଭଳି ପବିତ୍ର ଅନୁଷ୍ଠାନ ଗଠନ କରିଥିଲେ। ୧୯୨୮ ମସିହାରେ ସାଇମନ କମିସନକୁ ବିରୋଧ କରିବା ପାଇଁ ଯେଉଁ ଆନ୍ଦୋଳନ ଆରମ୍ଭ ହେଲା ତାହାର ଅଗ୍ରଭାଗରେ ଥିଲେ ପୁରୁଷ ସିଂହ ଲାଲା ଲଜପତ ରାୟ। ସେ ଅଗ୍ରଭାଗରେ ରହି ବିରୋଧ କରିବା ସହ ବ୍ରିଟିଶ ଶାସକଙ୍କ ଲାଠି ପ୍ରହାରରେ ଆହତ ହୋଇଥିଲେ ଏବଂ ତା'ର ଅଳ୍ପଦିନ ପରେ ପ୍ରାଣତ୍ୟାଗ କରିଥିଲେ। ସେଭଳି ବିଭୂତି ଯୁବପୀଢିଙ୍କ ପ୍ରେରଣାର ସ୍ରୋତ ବୋଲି ଡ. ଆଚାର୍ଯ୍ୟ କହିଥିଲେ। 'ସମାଜ' ସମ୍ପାଦକ ତଥା କାର୍ଯ୍ୟବାହୀ ମୁଖ୍ୟ ପରିଚାଳକ ତପନ କୁମାର ମିଶ୍ର ଲାଲାଜୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ କହିଲେ, ଲାଲାଜୀ ଶିକ୍ଷା ଉପରେ ଗୁରୁତ୍ୱ ଦେଇଥିଲେ। ଶିକ୍ଷା ଦ୍ୱାରା ଅନ୍ଧକାରକୁ ଆଲୋକିତ କରିହେବ ବୋଲି ଲାଲାଜୀ ବିଶ୍ୱାସ କରୁଥିଲେ। ଏକ ଜାତି ଗଠନ କରିବାକୁ ହେଲେ ସ୍ୱପ୍ନ ଦେଖିବା ଓ ଭବିଷ୍ୟତ ଯୋଜନା ଜରୁରୀ। ତାଙ୍କ ଦୂରଦୃଷ୍ଟି ଚମତ୍କାର ଥିଲା। ଯେଉଁଥିପାଇଁ ଲାଲାଜୀ ସ୍ୱାଧୀନତା ପୂର୍ବରୁ ହିଁ ନୂଆ ଚେତନା ମାଧ୍ୟମରେ ସ୍ୱାସ୍ଥ୍ୟ, ଶିକ୍ଷା ପ୍ରଭୃତିକୁ ଗୁରୁତ୍ୱ ଦେଇଥିଲେ। ଉତ୍କଳମଣି ପଣ୍ଡିତ ଗୋପବନ୍ଧୁଙ୍କ ବ୍ୟକ୍ତିତ୍ୱରେ ମୁଗ୍ଧ ହୋଇଥିଲେ ଲାଲାଜୀ। ପରବର୍ତ୍ତୀ ସମୟରେ ଲୋକସେବକ ମଣ୍ଡଳର ଉପସଭାପତି ଦାୟିତ୍ୱ ପଣ୍ଡିତ ଗୋପବନ୍ଧୁଙ୍କୁ ପ୍ରଦାନ କରିଥିଲେ। ଲାଲାଜୀଙ୍କ ଆତ୍ମସ୍ୱାଭିମାନ ଓ ଜାତୀୟତାବାଦ ସମସ୍ତଙ୍କ ପାଇଁ ପ୍ରେରଣା ହୋଇ ରହିଛି ବୋଲି ଶ୍ରୀ ମିଶ୍ର ବୋଲି କହିଥିଲେ। ଏହି ଆୟୋଜିତ ସ୍ମୃତିସଭାରେ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ସମେତ 'ସମାଜ'ର ପଦାଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ଅଫିମ ଚାଷକୁ ନଷ୍ଟ କଲା ପ୍ରଶାସନ



ଠାକୁରମୁଣ୍ଡା: ମୟୁରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ଥାନା ସାଲେଇବେଡା ଗ୍ରାମପଞ୍ଚାୟତ ଏଦେଲାବେଡା ଗ୍ରାମ ଅନ୍ତର୍ଗତ ବୁରୁ ସାହି ଜଙ୍ଗଲ ଭିତରେ ପ୍ରାୟ ଏକ ଏକର ସ୍ଥାନରେ ହୋଇଥିବା ଅଫିମ ଚାଷକୁ ବୁଧବାର ଦିନ ପ୍ରଶାସନ ପହଞ୍ଚି ଚାଷକୁ ନଷ୍ଟ କରିଛନ୍ତି। କୌଣସି ସୂତ୍ରରୁ ଖବର ପାଇ ଠାକୁରମୁଣ୍ଡା ତହସିଲଦାର ସମ୍ବିତ କୁମାର କର ଓ ଉପଖଣ୍ଡ ପୁଲିସ ଅଧିକାରୀ ସୁବ୍ରତ କୁମାରଙ୍କ ଉପସ୍ଥିତିରେ ଠାକୁରମୁଣ୍ଡା ଥାନା ଅଧିକାରିଣୀ ସାବିତ୍ରୀ ଦଳେଇ, ଠାକୁରମୁଣ୍ଡା ବନାଞ୍ଚଳ ଅଧିକାରୀ ଉମାକାନ୍ତ ବେହେରା ସମେତ ପୁଲିସ ଓ ବନବିଭାଗ କର୍ମଚାରୀ ମିଳିତ ଚଢ଼ାଉ କରି ଚାଷ ହୋଇଥିବା ଅଫିମ ଗଛ ସବୁକୁ ନଷ୍ଟ କରିଥିଲେ।

## ହିଙ୍ଗୁଳା କୋଇଲା ଖଣିରେ ଅତଡ଼ା ଧସିଲା



ତାଳଚେର, ୨୯/୧: ଏମ୍‌ସିଏଲ୍‌ର ତାଳଚେର ହିଙ୍ଗୁଳା ଖୋଲାମୁହଁ କୋଇଲା ଖଣିରେ ଆଜି ଭୋରରେ ମାଟି ଅତଡ଼ା ଧସିଛି। ସେହି ସମୟରେ ଖଣିରେ କୌଣସି ଶ୍ରମିକ କାମ କରୁ ନଥିବାରୁ ଅଘଟଣ ଟଳିଯାଇଛି। ମାତ୍ର ପାଖରେ ଥିବା କମ୍ପାନି କର୍ମଚାରୀମାନେ ଭୟଭୀତ ହୋଇପଡ଼ିଥିଲେ। ସୂଚନା ମୁତାବକ, ହିଙ୍ଗୁଳା କୋଇଲା ଖଣିରେ ଏକ ଠିକାସଂସ୍ଥା ଅଜନ୍ତା କମ୍ପାନି କୋଇଲା ଖୋଳିବା ଓ ପରିବହନ କାର୍ଯ୍ୟ କରୁଛି। ସଂପୃକ୍ତ କମ୍ପାନି ଏହି ଖଣି ଭିତରେ ଏକ କାର୍ଯ୍ୟାଳୟ ଓ ଗ୍ୟାରେଜ୍ ନିର୍ମାଣ କରିଛି। ଏହାଠାରୁ ପ୍ରାୟ ୨ ଶହ ମିଟର ଦୂରରେ ମାଟି ଅତଡ଼ା ଧସିଥିଲା। କମ୍ପାନି ଗ୍ୟାରେଜ୍‌ରେ ମରାମତି ଚାଲିଥିବା କେତୋଟି ଟ୍ରକ୍, କମ୍ପାନିର ଶତାଧିକ ତେଲ ବ୍ୟାରେଲ୍ ଓ ଅନ୍ୟ କିଛି ସାମଗ୍ରୀ ମାଟି ଅତଡ଼ା ସହ ମିଶି ତଳକୁ ଖସିଯାଇଥିଲା। କମ୍ପାନିର କେତେକ ଶ୍ରମିକ କହିଛନ୍ତି, ଭୋରରେ ହଠାତ୍ ଏକ ବଡ଼ ଶବ୍ଦ ହେଲା। କିଛି ସମୟ ପରେ ଖଣି ଭିତରୁ ଧୂଳି ଓ ଧୂଆଁ ଉପରକୁ ଉଠିଥିଲା। କିଛି ଦୂରକୁ ଯାଇ ଦେଖିଲା ବେଳକୁ ବିରାଟ ମାଟି ଅତଡ଼ା ଖସି ଯାଇଛି। ସେମାନେ ତୁରନ୍ତ କମ୍ପାନି ଅଧିକାରୀଙ୍କୁ ଏହା ଜଣାଇଥିଲେ ବୋଲି ପ୍ରକାଶ କରିଛନ୍ତି। ଗତବର୍ଷ ମଧ୍ୟ ହିଙ୍ଗୁଳା କୋଇଲା ଖଣିରେ ଏଭଳି ଘଟଣା ଘଟିଥିଲା। ଏ ସଂପର୍କରେ ହିଙ୍ଗୁଳା କୋଇଲା ଖଣି ପ୍ରକଳ୍ପ ଅଧିକାରୀ ସୁନିଲ କୁମାର ଯୋଶୀ କହିଛନ୍ତି, ଖଣିରେ ସମସ୍ତ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ରହିଥିଲା। କିନ୍ତୁ କିପରି ମାଟି ଧସିଲା, ତାହାର ସନ୍ଧାନ ଜାରି ରହିଛି। ଅତଡ଼ା ଧସିବାରେ କାହାର କିଛି କ୍ଷୟକ୍ଷତି ହୋଇ ନାହିଁ। ସୂଚନାଯୋଗ୍ୟ, ୨୦୧୯ ଜୁଲାଇ ୨୩ ରେ ଏମ୍‌ସିଏଲ୍‌ର ଭରତପୁର କୋଇଲା ଖଣିରେ ଏହିଭଳି ମାଟି ଅତଡ଼ା ଖସିଥିଲା। ସେହି ଦୁର୍ଘଟଣାରେ ୪ ଜଣ ଠିକା କର୍ମଚାରୀଙ୍କ ମୃତ୍ୟୁ ଘଟିଥିଲା। ଏହାପରେ ସମସ୍ତ କୋଇଲା ଖଣିରେ ଶ୍ରମିକମାନଙ୍କ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯିବା ସହ ଖଣି ସୁରକ୍ଷା ଉପରେ ଗୁରୁତ୍ୱ ଦିଆଯାଇଥିଲା। କିଛି ବର୍ଷ ଠିକଠାକ୍ ଚାଲିବା ପରେ ଏବେ ପ୍ରାୟ ସମସ୍ତ କୋଇଲା ଖଣିରେ ସୁରକ୍ଷା ବ୍ୟବସ୍ଥାକୁ ଅବହେଳା କରାଯାଉଛି। ଏଥି ଯୋଗୁଁ ହିଙ୍ଗୁଳା କୋଇଲା ଖଣିରେ ଏଭଳି ଘଟଣା ଘଟିଲା ବୋଲି ଶ୍ରମିକ ନେତାମାନେ ଅଭିଯୋଗ କରିଛନ୍ତି।

## ମାଫିଆଙ୍କ କବ୍‌ଜାରେ ଆଠଗଡ଼ ବନଖଣ୍ଡ



- ନରସିଂହପୁରରେ ୩ ମାସରେ ମଲେଣି ୪ ହାତୀ
- ବାରଭାୟା ଓ ଦେବଭୂଇଁ ଜଙ୍ଗଲରୁ ଶାଗୁଆନ, ଶାଳ ଚାଲାଣ

କଟକ,୨୯/୧: କଟକ ଜିଲ୍ଲାର ନରସିଂହପୁର ଅଞ୍ଚଳରେ ଗଲା ୩ ମାସ ଭିତରେ ୪ ହାତୀଙ୍କ ଜୀବନ ଗଲାଣି। ହାତୀ ସୁରକ୍ଷା ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ, ବନ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ସତ୍ତ୍ୱେ ଅଞ୍ଚଳରେ ହାତୀ ମୃତ୍ୟୁ ଘଟଣା ଏବେ ଉଦ୍‌ବେଗର କାରଣ ହୋଇଛି। ହାତୀ ଶିକାର କରି ଦାନ୍ତ ଲୁଟିନେବା ଘଟଣା ସବୁ ବ୍ୟବସ୍ଥାକୁ ପ୍ରହସନରେ ପରିଣତ କରିଛି। ହାତୀ ମୃତ୍ୟୁ ଘଟଣାରେ ବନ ବିଭାଗ ୩ ଜଣ ଶିକାରୀଙ୍କୁ ଗିରଫ କରିଥିବାବେଳେ ଲୁଟ୍ ହୋଇଥିବା ଦାନ୍ତ କିନ୍ତୁ ଜବତ ହୋଇପାରିନି। ଏପଟେ ଆଠଗଡ଼ ବନଖଣ୍ଡରେ ହାତୀସଂଖ୍ୟା ଅଧିକ ରହୁଥିବାରୁ ହାତୀଙ୍କ ସ୍ୱାଭାବିକ ମୃତ୍ୟୁ ହେଉଥିବା ବନ ବିଭାଗ ପକ୍ଷରୁ ସଫେଇ ଦିଆଯାଉଛି। କିନ୍ତୁ ନିକଟରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ହାତୀ ମୃତ୍ୟୁ ଓ ଜଙ୍ଗଲରୁ ଶାଗୁଆନ୍ ଗଛ ଲୁଟ୍ ଘଟଣାକୁ ନେଇ ବନ ବିଭାଗ ବିରୋଧରେ ଅଭିଯୋଗ ଆଣିଥିଲେ ସ୍ଥାନୀୟ ଗ୍ରାମାବାସୀ। ଏମିତିକି ଏସବୁ ଘଟଣା ପାଇଁ ବନ ବିଭାଗର କର୍ମଚାରୀଙ୍କୁ ଗ୍ରାମବାସୀ ଦାୟୀ କରିଥିଲେ। କୌଣସି ଖବର ଦେଲେ ନାମ ଗୋପନ ରଖାଯିବ, ଆବଶ୍ୟକ ହେଲେ ଏସ୍‌ଟିଏଫ୍ ସହାୟତାରେ ପଦକ୍ଷେପ ନିଆଯିବ ବୋଲି ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇ ଲୋକଙ୍କୁ ବୁଝାଇଥିଲେ। ବନ ବିଭାଗ ଦେଉଥିବା ସୂଚନା ଅନୁସାରେ ଗଲା ୧୪ ମାସରେ ୨ଟି ହାତୀଙ୍କର ଅସ୍ୱାଭାବିକ ମୃତ୍ୟୁ ହୋଇଛି। କେତେ ହାତୀଙ୍କର ସ୍ୱାଭାବିକ ମୃତ୍ୟୁ ହୋଇଛି ତାର ତଥ୍ୟ ବନ ବିଭାଗ ଦେଇ ନାହିଁ। କିନ୍ତୁ କେବଳ ନରସିଂହପୁରରେ ଏକ ଛୁଆ ହାତୀ ସମେତ ୪ଟି ହାତୀର ମୃତ୍ୟୁ ଘଟିଛି। ନଭେମ୍ବର ୪ ତାରିଖରେ ନରସିଂହପୁର ପୂର୍ବ ବନାଞ୍ଚଳର ସେରମୁଣ୍ଡା ସେକ୍‌ସନ୍‌ରେ ୯ବର୍ଷର ଦନ୍ତାହାତୀର ମୃତଦେହ ଜବତ ହୋଇଥିଲା। କିନ୍ତୁ ମୃତ ହାତୀର ଦାନ୍ତ କାଟି ନିଆଯାଇଥିଲା। ସେହିପରି ଜାନୁଆରି ୭ରେ ନରସିଂହପୁର ପଶ୍ଚିମ ରେଞ୍ଜ ବାରସିଂହା ସେକ୍ସନ ମିଚିକାପୁର ବିଟ୍‌ର ପୁରୁଣାପାଣି ଖେସରା ସଂରକ୍ଷିତ ଜଙ୍ଗଲରୁ ୨୦ରୁ ୨୫ବର୍ଷର ହାତୀର ଗଳିତ ମୃତଦେହ ଉଦ୍ଧାର କରାଯାଇଥିଲା। ଗ୍ରାମାବାସୀ ବନ ବିଭାଗକୁ ଖବର ଦେବାପରେ ତାହାକୁ ଜବତ କରାଯାଇ ପରୀକ୍ଷା ପାଇଁ ପଠାଯାଇଛି। ସେହିପରି ଗଲା ୨୫ ତାରିଖରେ ମଧ୍ୟ ନରସିଂହପୁର ପୂର୍ବାଞ୍ଚଳ ବନବିଭାଗ ଅଧୀନ ରଙ୍ଗଡ଼ାବ ଗ୍ୟାସ୍ ଅଫିସ୍ ନିକଟରେ ଏକ ଦନ୍ତାହାତୀର ମୃତଦେହ ଉଦ୍ଧାର କରାଯାଇଥିଲା। ବିଦ୍ୟୁତ୍‌ତାର ସଂସ୍ପର୍ଶରେ ଆସି ଏହି ୧୫ ବର୍ଷୀୟ ଦନ୍ତାର ମୃତ୍ୟୁ ଘଟିଥିବା କୁହାଯାଉଛି। ଏହି ଘଟଣାରେ ବନ ବିଭାଗ ରଙ୍ଗଡ଼ାବ ଗ୍ରାମର ପଦ୍ମନାଭ ସାହୁଙ୍କୁ ଗିରଫ କରିଥିଲା। ତେବେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ଗ୍ରାମବାସୀମାନେ ହାତୀ ଶିକାର ଘଟଣାରେ କେଉଁମାନଙ୍କ ସଂପୃକ୍ତି ରହୁଛି ସେ ସଂପର୍କରେ ସେମାନଙ୍କ ପାଖରେ ଖବର ଅଛି ବୋଲି କହିଥିଲେ। ଏପରିକି ପ୍ରକୃତ ଶିକାରୀଙ୍କୁ ଛାଡ଼ି ନିରୀହ ଲୋକଙ୍କୁ ଗିରଫ କରାଯାଉଛି ବୋଲି ସେମାନେ କହିଥିଲେ। ନରସିଂହପୁରରେ ବିସ୍ତୀର୍ଣ୍ଣ ବାରଭାୟା, ଦେବଭୂଇଁ ପଞ୍ଚାୟତର ଶାଗୁଆନ ଓ ଶାଳ ଜଙ୍ଗଲରେ ବି ଅବାଧରେ ଗଛ କାଟି ଚାଲାଣ କରାଯାଉଛି ବୋଲି ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି। ଏଭଳି ସ୍ଥିତିରେ ଆଠଗଡ଼ ବନଖଣ୍ଡରେ ଥିବା ପାଖାପାଖି ୧୭୦ ହାତୀଙ୍କ ଜୀବନ ବିପନ୍ନ ହେବାରେ ଲାଗିଛି। ହାତୀ ଶିକାର ସଂପର୍କରେ ଆଠଗଡ଼ ବନଖଣ୍ଡ ଅଧିକାରୀ ଡକ୍ଟର ଯଜ୍ଞଦତ୍ତ ପତି କହିଛନ୍ତି ଯେ ବନ ବିଭାଗର ସ୍ୱତନ୍ତ୍ର ସ୍କ୍ୱାଡ୍ ଅଭିଯୋଗର ତଦନ୍ତ କରୁଛନ୍ତି। ହାତୀଙ୍କର ସ୍ୱାଭାବିକ ମୃତ୍ୟୁ ବି ହେଉଛି। ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ କହିଛନ୍ତି ଯେ ହାତୀ ମୃତ୍ୟୁ ସଂପର୍କରେ ଲୋକେ ଅଭିଯୋଗ କରିଛନ୍ତି। ଡିଏଫ୍‌ଓ ଓ ଆଠଗଡ଼ ଉପଜିଲ୍ଲାପାଳଙ୍କୁ ଏ ସଂପର୍କରେ ଯାଞ୍ଚ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଯଦି ଆବଶ୍ୟକ ପଡ଼େ ଏସ୍‌ଟିଏଫ୍‌ପୁଲିସର ସହାୟତା ନିଆଯିବ ବୋଲି ଜିଲ୍ଲାପାଳ କହିଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ, ତିନିବର୍ଷ ତଳେ ଆଠଗଡ଼ ବନଖଣ୍ଡର ବଡ଼ମ୍ବା ଓ ନରସିଂହପୁରରେ ମାଟିତଳୁ ଏସ୍‌ଟିଏଫ୍ ଦ୍ୱାରା ହାତୀଙ୍କ କଙ୍କାଳ ଉଦ୍ଧାର କରାଯାଇଥିଲା।

## ଫେବୃଆରି ୧୪ରେ ବିଧାନସଭା ଘେରିବ ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘ

ଭୁବନେଶ୍ୱର, ୨୯/୧: ବିଭିନ୍ନ ଦାବି ନେଇ ଆସନ୍ତା ଫେବୃଆରି ୧୪ ତାରିଖରେ ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘ ପକ୍ଷରୁ ବିଧାନସଭା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ। ସୋମବାର ଗୋଦାବରୀଶ ଭବନରେ ଅନୁଷ୍ଠିତ ବୈଠକରେ ମହାସଂଘ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି। ମହାସଂଘ ପକ୍ଷରୁ କୁହାଯାଇଛି ଯେ ବିଗତ ଦିନରେ ସରକାର ପ୍ରାଥମିକ ଶିକ୍ଷକମାନଙ୍କୁ ବିଭିନ୍ନ ପ୍ରତିଶ୍ରୁତି ଦେଇ ବାରମ୍ବାର ପ୍ରତାରଣା କରି ଚାଲିଛନ୍ତି। ପୂର୍ବ ଆନ୍ଦୋଳନମାନଙ୍କରେ ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ଯାଇ ଶିକ୍ଷକମାନଙ୍କୁ ଦାବିପୂରଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ବର୍ତ୍ତମାନ ନୂତନ ସରକାର ଆସିବାର ୭ ମାସ ବିତି ଯାଇଥିଲେ ମଧ୍ୟ ପ୍ରାଥମିକ ଶିକ୍ଷକଙ୍କ ଦାବି ନ ଶୁଣିବା ଦୁର୍ଭାଗ୍ୟଜନକ। ଶିକ୍ଷକମାନଙ୍କ ପ୍ରମୁଖ ଦାବିଗୁଡ଼ିକ ହେଉଛି ମୂଳ ଦରମା ୪୨୦୦ ଗ୍ରେଡ୍ ପେ ଅନୁଯାୟୀ ୩୫,୪୦୦ ଟଙ୍କା ଦରମା ପ୍ରଦାନ କରାଯାଉ। ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରୁ ଠିକା ନିଯୁକ୍ତି ସଂପୂର୍ଣ୍ଣ ଉଚ୍ଛେଦ କରି ୬ ବର୍ଷ ଚାକିରି ଗଣନା କରାଯାଉ। ସ୍ୱାସ୍ଥ୍ୟବୀମା ପ୍ରଦାନ ଆଦି ଦାବି ମହାସଂଘ ପକ୍ଷରୁ କରାଯାଇଛି। ଏହି ବୈଠକରେ ଏଓପିଟିଏ ଶିକ୍ଷକ ସଂଘ, ଓଡ଼ିଶା ଏଲିମେଣ୍ଟାରି ଶିକ୍ଷକ ସଂଘ, ମିଳିତ ପ୍ରାଥମିକ ଶିକ୍ଷକ ମଞ୍ଚ, ରାଜ୍ୟ ଏଲିମେଣ୍ଟାରି ଟିଜି ଶିକ୍ଷକ ସଂଘ, ଗୀତା ସଂଗଠନ ଓ ଏମଏଲଇ ଆସୋସିଏସନର ସୁଶାନ୍ତ ବେହେରା, ପଦ୍ମଲୋଚନ ନାୟକ, ସୁନୀଲ କୁମାର ପ୍ରଧାନ, ମଳୟ କୁମାର ଜେନା, ସରୋଜ କୁମାର ପଣ୍ଡା, କହ୍ନେଇ ଠାକୁର, ରୂପମା ଗୁରୁ, ବାଗୁନିସିଂ ଜାରିକା, ପ୍ରବୀଣ କୁମାର ଦାସ ଓ ଉତ୍ତମ କୁମାର ଦାସ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

PRINTED, PUBLISHED & Owned by Gitanjali Nanda, Printed at janjali Devi PRESS, Plot no- 131, Rajarani Nagar, Bhubaneswar-751014, Khordha, Odisha & Published at : Plot No- 2033, Keutasahi P.O- Old Town, P.s-Lingaraj, Bhubaneswar, 751002, Dist- Khordha, Odisha (Odisha) MobNo.-9337673884, ) E-mail : jagannathexpress1972@gmail.com

Editor - Balaram prasad Nanda | Mananging Editor- Sarangdhar Senapati | ସଂପାଦକ- ବଳରାମ ପ୍ରସାଦ ନନ୍ଦ